# ସୃଜନ
# SRUJAN
## The Creativity Journal

2022, Volume 2, Issue 2



2022, Volume 2, Issue 2

***Editor-in-Chief***
Prof Nilamadhab Kar

***Issue Editors***
Dr Suresh Rath
Mrs Nirupama Kar

***Editorial board***
Mona Dash
Prof Sarat Chandra Rath
Prof Nandini Sahu
Prof Tanmay Panda
Mr Bijay Biswaal
Dr Dinabandhu Sahoo
Dr Chinmayi Nath
Dr Aloke Patnaik
Dr Suryasnata Tripathy
Mona Lisa Jena
Shri Harish Chandra Kar
Shri Satya Pattanaik

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Creative Support**
Shreyan Kar, Birmingham
GenX studios, Bhubaneswar

**Publisher**
The Institute of Insight, UK

**Sponsor**
Quality of Life Research and Development Foundation (QoLReF)

**Contact and submit articles at**
srujan.journal@gmail.com OR srujan@instituteofinsight.org

Copyright of all published material in this journal is held by the authors. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

ସୃଜନ SRUJAN The Creativity Journal
2022, Volume 2, Issue 2

# Contents


| | | |
|---|---|---|
| ଫକୀର ମୋହନ ସେନାପତି | ମୋ କୁଟିର ରାଣୀ | 1 |
| **Bijay Biswaal** | **Rath Yatra** | **2** |
| ଗିରିଜା କୁମାର ବଳୀୟାରସିଂହ | ଐରାବର୍ତରେ ଅଂବୁଦିକା | 4 |
| ଅରବିନ୍ଦ ଦାସ | ପ୍ରତ୍ୟକ୍ଷ ଠାକୁରାଣୀ | 5 |
| ରବୀନ୍ଦ୍ର କୁମାର ଦାସ | ପ୍ରବାହ | 9 |
| ମାନିନୀ ମିଶ୍ର | ମାଟି ଅଛି ବୋଲି | 12 |
| ଅଜୟ ମହାଲା | କାଳୀ | 14 |
| **Sumitra Mishra** | **A scorpion under the skin** | **21** |
| **Mithun Jena** | **Rath Yatra** | **27** |
| ମାନସ ରଞ୍ଜନ ମହାପାତ୍ର | ଫ୍ଲାସ୍ ବ୍ୟାକ୍ | 29 |
| | ଉପପାଦ୍ୟ | 30 |
| | ଶେଷ ସଙ୍ଗୀତ | 30 |
| ହୀରକ  ମିଶ୍ର | ଅକ୍ଷର ଈଶ୍ୱର | 32 |
| କୁଞ୍ଜ ବିହାରୀ ସାହୁ | ଘରଚଟିଆ | 34 |
| **Simone Pradhan** | **The fruit basket** | **35** |
| ନରେଶ ଚନ୍ଦ୍ର ସାହୁ | କେ ଜାଣେ, ଦେଖା ହେବ କି ନା | 36 |
| | ବାପା | 37 |
| କମଳା ଶତପଥୀ | ଏକ୍ସଚେଞ୍ଜ୍ ଅଫର୍ | 40 |
| ସାଗରିକା ଦାସ | ଆବାହନୀ | 47 |
| **Subrat Mishra** | **The wheel** | **48** |
| ଦେବଯାନୀ ସ୍ୱାଇଁ | ଲାଲ୍ ବିନ୍ଦୁ ଟିଏ | 49 |
| ମାଧୁରୀ ନନ୍ଦ | ଉତ୍ତରଣ | 51 |
| ବୀଣାପାଣି ଦେବତା | ଯୁଦ୍ଧର କଥା କହନାହିଁ | 52 |
| ସାଇଜ୍ୟୋତି ପ୍ରଧାନ | ମଝି ପାହାଚ | 53 |
| ବିଭୁଦତ୍ତ ନାୟକ | ମାୟା | 57 |
| | ପ୍ରିୟତମା | 57 |
| | ବାଚେଲର୍ ଘର | 58 |
| ଶମ୍ଭୁନାଥ ରାଉଳ | ଯୁଦ୍ଧ ଅନ୍ତେ | 60 |
| ନିରୁପମା କର | କୃଷ୍ଣଚୂଡା | 62 |

| | | |
|---|---|---|
| | ତମେ ନାହଁ ବୋଲି | 63 |
| | ମେଘ ମେଘ ଏ ଆକାଶ | 64 |
| କିଶୋର ଆକାଶ୍ | ଋତୁର ନାମ ପ୍ରେମ | 65 |
| ସୁଷମା ଲେଙ୍କା | ପାହାନ୍ତି ପହର ଉଷା | 70 |
| ମନୋଜ କୁମାର ଜେନା | ପରିତୃପ୍ତି | 71 |
| ପୁଷ୍ପାଞ୍ଜଳି ପଣ୍ଡା | ତୁମ ଚାହିଁବାରେ | 78 |
| ଅଳକା ମହାନ୍ତି | ମନେ ପଡ଼ିଯାଏ ବୋଉ | 79 |
| **Madhuri Panda** | **The beloved** | **81** |
| | **So near is the Sun [Translator - Manas Ranjan Mahapatra]** | **82** |
| **Nilamadhab Kar** | **Have faith** | **83** |
| *Book Reviews* | | |
| ଗିରିଜାକୁମାର ବଳୀୟାରସିଂହ | ପାଦପୂରଣ | 85 |
| ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ | ପଞ୍ଚସତୀ ଓ ଅନ୍ୟମାନେ | 86 |
| | ଖାସ୍ ତୁମ ପାଇଁ | 87 |
| ଅଜୟ ମହାଲା | ଊଁ | 88 |
| | ମାୟ ଫେଭ୍ | 89 |
| **Basanta Kumari Patnaik** | ଅଲିଭା ଚିତା **(The undying flame – Translator Ajaya Mahala)** | **90** |
| ହରିଶ୍ ଚନ୍ଦ୍ର କର | ସ୍ମୃତି ବିଚିତ୍ରା | 91 |
| | **Information about the journal** | **92** |


**Cover Page Art**
**Tanaya Kar, NIFT, Bhubaneswar**



# ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

# Srujan: The Creativity Journal

**Articles for Srujan**

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for *an international readership*; with an aim of propagating, promoting Odia literature and creativity worldwide.

Articles (‘poem, short story, art, and other creative forms’) are invited for the **Srujan: The Creativity Journal**. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is **a multi-lingual** journal accepting creative articles of translations from and to Odia from different languages; along with article from Odia people writing in other languages.

The journal will consider pre-published articles as well (you may have to acquire permission from the original publishers if they have such condition).

Selection of all the submitted articles is done by a peer group, ***except the invited ones***.

**ସୃଜନ ପାଇଁ ଲେଖା**

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା, କ୍ଷୁଦ୍ରଗଳ୍ପ, ଚିତ୍ରକଳା, ଆଲୋକଚିତ୍ର ଓ ଅନ୍ୟ ସୃଜନଶୀଳ ଲେଖା ପଠାଇ ପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖା ବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-

Please refer to the 'Instruction to authors' for more information about submission. All the articles should be submitted in Word file, (preferably Kalinga font for Odia), author's name, address (place and state/country), bio in 100 words, email are essential. Submit to the email below.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

Looking forward to your submissions.

Editorial Team,
Srujan: the creativity Journal
srujan.journal@gmail.com
srujan@instituteofinsight.org

ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ । ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ, ପଠାଇବା ନିହାତି ଦରକାର । ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲକୁ ପଠାନ୍ତୁ ।

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ । ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲଂଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ ।

**ଆପଣଙ୍କ ଲେଖା ପଠାଇବା ପାଇଁ ଅଶେଷ ଧନ୍ୟବାଦ ।**

**ସମ୍ପାଦନା ମଣ୍ଡଳୀ**
**ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ**
srujan.journal@gmail.com
srujan@instituteofinsight.org

**Information about the journal is given at the end of this issue.**

***For further information please contact***
Srujan Editorial Board: srujan.journal@gmail.com
Quality of Life Research and Development Foundation (QoLReF), India: qolref@gmail.com
The Institute of Insight, UK: theinstituteofinsight@gmail.com

# ମୋ କୁଟିର ରାଣୀ

## ଫକୀର ମୋହନ ସେନାପତି

ମୋ କୁଟିର ରାଣୀ କୃଷ୍ଣ କୁମାରୀ ସୁନ୍ଦରୀ
ଜୀବନ ବଲ୍ଲଭା ପ୍ରାଣପ୍ରିୟା ସହଚରୀ ।
ଛାଡ଼ିଯାଇଅଛି ମୋର ନୟନ ପ୍ରତିମା
ମିଶାଇ ହୃଦୟ ରକ୍ତେ ସେ ଗୁଣ ଗାରିମା ।
ତୁମ୍ଭ ସମାନରେ ଦେଖିନାହିଁ ପୁଣ୍ୟବତୀ
ତୁମ୍ଭ ପରି ଦେଖିନାହିଁ ପତିବ୍ରତା ସତୀ ।
ଉପାସନା ବେଳେ ହୋଇ ଭକ୍ତିରେ ବିହ୍ୱଳ
ବେନି ନେତ୍ରୁ ବହି ଯାଉଥାଏ ଅଶ୍ରୁଜଳ ।
ଦେଖୁଛି ସର୍ବଦା ନୀଳ ଆକାଶରେ ଇନ୍ଦୁ
ଫୁଟିଲା ଗୋଲାପେ ପଦ୍ମେ ଶିଶିରର ବିନ୍ଦୁ ।
କମନୀୟ ଏ ସମସ୍ତ ନୁହେଁ ସେ ପ୍ରକାର
ଯେମନ୍ତ ସୁନ୍ଦର ତୁମ୍ଭ ନେତ୍ର ଅଶ୍ରୁଧାର ।
ସେ ପ୍ରଶାନ୍ତ ମୂର୍ତ୍ତି ସେହି ମୁଦ୍ରିତ ନୟନ
ଜଣାଯାଏ ମୋତେ ବ୍ୟାପୀ ରହିଛି ଗଗନ ।
ରାତ୍ରିବେଳେ ବସିଥାଉ ଦୁହେଁ ନିର୍ଜନରେ
ଛାତର ଉପରେ ଅବା ଉଦ୍ୟାନ ମଧ୍ୟରେ ।
ଆକାଶରେ ଚନ୍ଦ୍ର ତାରା ଯାଉଥାନ୍ତି ଭାସି
ପୃଥିବୀ ଉପରେ ଢାଳିଦେଇ ସୁଧା ରାଶି ।
ମଣୁଥିଲି ଆକାଶରେ ଚନ୍ଦ୍ର ତାରାଗଣ
ପୃଥିବୀ ମଧ୍ୟରେ ଆମ୍ଭେ ଅଛୁ ଦୁଇଜଣ ।

ꝏꝏ

ଫକୀର ମୋହନ ସେନାପତିଙ୍କ ସାଧ୍ୱୀ ଓ ଗୁଣବତୀ ଦିତ୍ୱୀୟା ସ୍ତ୍ରୀ କୃଷ୍ଣ କୁମାରୀଙ୍କ ମୃତ୍ୟୁ ଜନିତ ବିରହରେ ଯେଉଁ କବିତା, କବି-ସ୍ୱାମୀର ଲେଖନୀରୁ ନିସରଣ ହୋଇଥିଲା, ଯେ କୌଣସି ପ୍ରାନ୍ତରେ ପ୍ରେମିକ ପ୍ରେମିକାଙ୍କ ଚିତ୍ତରେ ଉଦାର ଆସକ୍ତିକୁ ପୁର୍ନଜାଗରିତ କରିବ । **[Pearls from the Stars – ଓଡ଼ିଶା ମାଟିର ଉଜ୍ଜ୍ୱଳ ନକ୍ଷତ୍ରଙ୍କ କୃତିର ପୁନଃ ଉପସ୍ଥାପନା]** ସଂଗ୍ରାହକ: ହରିଶ ଚନ୍ଦ୍ର କର

ꝏꝏ

# Rath Yatra


Bijay Biswaal



∞∞

Driven by indomitable passion and creativity, this self trained obsessive painter Bijay Biswaal from India has given a new horizon to realism. This versatile painter, adept in all media and genre of national and international repute lauded by none other than prime minister in *MANN KI BAAT*, is currently the Brand ambassador of WINSORANDNEWTON India. He lives in Nagpur.

∞∞


biswaal
19.

∞∞


biswaal
19

∞∞

# ଐରାବର୍ତ୍ତରେ ଅଂବୁଦିକା

## ଗିରିଜା କୁମାର ବଳୀୟାରସିଂହ

ଚୌଦିଶିମୟ ଚୂନାବୌଦିଆ ଚମ୍ପୂ
ଜାଲି ଜାନଲାରେ ଜମାଟବୁଂଦା ଜମ୍ବୁ !
ଗଗନୁ ଗଗନ ଗମୁ ଏ ଗହନମନ
ମୁଦାଇବି ମେଘେ ମଂଗଳାଚରଣ ମୁଁ !

ଐରାବତ ଏ ଖଂଡଗିରିକୁ କ୍ଷମୁ
ଇଂଦ୍ରଲୋକରୁ ଅବତରୁ ଅଭ୍ରମୁ !
ଅଦିତି ଆଖିରେ ଆଷାଢ଼ର ଅଂଜନ
ଶୁଣିବି ଶ୍ରାବଣେ ଶଂକରାଭରଣ ମୁଁ !

ଏଇ ମୋ ଐରାବର୍ତ୍ତରେ ଝଡ଼ ଥମୁ -
ଛୁଇଁ ଛମ୍‌ଛମ୍ ପାୟଲୀ ପାହୁଡ଼, ନମୁ !
ଭାଦ୍ରପଦୀ ମୋ ଭେଳାଟି ଭଦ୍ରାସନ
ଶରଦାଶ୍ୱିନେ ଶୁଭା ତମେ, ଶୁଭ୍ର ମୁଁ !

ଉଭା-ଉଡିୟାନୀ ଉଭାନ୍ ଗୁଣିଆ-ଗ୍ରାମୁ
କୁଆପଥରର କୁଡ଼ିଆରେ କୁଣିଆ ମୁଁ !!

ଓଓ

**ଗିରିଜା କୁମାର ବଳୀୟାରସିଂହ** । ବର୍ତ୍ତମାନର ଓଡ଼ିଆ କବିତାରେ ଛନ୍ଦ, ଶବ୍ଦବିନ୍ୟାସ, ସନେଟ ସହ ଭାବଜଗତର ଉତ୍କୃସତା ତାଂକର ସ୍ୱକୀୟ ପରିଚୟ । କଟକରେ ରହନ୍ତି, ସଭାରେ ନଥାନ୍ତି ।

ଓଓ

# ପ୍ରତ୍ୟକ୍ଷ ଠାକୁରାଣୀ

ଅରବିନ୍ଦ ଦାସ

ବିଭିନ୍ନ ପ୍ରସିଦ୍ଧ ଠାକୁରାଣୀଙ୍କ ପାଖରେ ମାନସିକ । ଏକ, ଦୁଇ ନୁହେଁ ଏକାସାଙ୍ଗରେ ମାନସିକ ପୂଜା ପାଇଁ ନବଦୁର୍ଗା ଦର୍ଶନ !!

ଦୁଇ ଦିନର ଟାଇଟ ପ୍ରୋଗ୍ରାମ ଦେଖୁଥିଲା ଅଭୟ । ଭୁବନେଶ୍ୱରରୁ ବାହାରି ସମସ୍ତେ, ପୁରୀରେ ବିମଳା ଦର୍ଶନ ସାରି ସେଠୁ କାକଟପୁର ମଙ୍ଗଳା, ରାମଚଣ୍ଡୀ ଓ ତାପରେ ଝଙ୍କଡ଼ ଶାରଳା, ଭଟ୍ଟାରିକା, ତାରିଣୀ ଓ ବିରଜା, ବାଙ୍କୀଚର୍ଚ୍ଚିକାରେ ଠାକୁରାଣୀଙ୍କୁ ଦର୍ଶନ କରି ଶେଷରେ କଟକଚଣ୍ଡୀଙ୍କୁ ମୁଣ୍ଡିଆ ମାରି ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ହୋଇଥିଲା ।

ଓଃ, ଯାତ୍ରା କଥା ଚିନ୍ତାକରି ଅଣନିଃଶ୍ୱାସୀ ହୋଇ ପଡୁଥିଲା ଅଭୟ । ଟିକେ ଦୂରରେ ବସି ଟିଭି ଦେଖୁଥିବା ସହଧର୍ମିଣୀ ତନୁ ଉଦ୍ଦେଶ୍ୟରେ କହିଲା, - ଖରା ତରାରେ ପାଞ୍ଚ, ଛ' ଜିଲ୍ଲା ବୁଲି ଏକା ସାଙ୍ଗରେ ଏତେ ସବୁ ଠାକୁରାଣୀଙ୍କୁ ଦର୍ଶନ କରିବା କଣ ନିହାତି ଜରୁରୀ ?

ଟିକେ ଚିଡିଯାଇ ତନୁ କହିଲା, - ମୋତେ କଣ କହୁଛ, ଯିଏ ମାନସିକ କରିଛନ୍ତି ତାଙ୍କୁ ପଚାର । କରୋନା ବାହାନାରେ ତମେ କଣ ଆମକୁ କୁଆଡେ ନେଇଛ ? ଛୁଆଗୁଡ଼ାକ ମୁହଁ ଫୁଲାଇ ବସୁଛନ୍ତି । ସମସ୍ତେ କୁଆଡେ କୁଆଡେ ବୁଲିକି ଆସିଲେଣି । ଆମରି ଭାଗ୍ୟରେ ଠାକୁରାଣୀ । ତେବେ ଯାହା ବି ହେଉ,ଏଇ ବାହାନାରେ ଆମର ଆଉଟିଙ୍ଗ ବି ହୋଇଯିବ । ମୋ ବଡ଼ ଅପା ଓ ଭିଣୋଇ ବି ଯିବେ ଆମ ସାଙ୍ଗରେ । ତମେ ଇନୋଭା କିମ୍ବା କିଛି ବଡ଼ ଗାଡି ଯୋଗାଡ଼ କର ।

ଚୁପ ରହିବାକୁ ଇଛା କରି ସୁଦ୍ଧା ଚୁପ ରହିନପାରି ଅଭୟ କହିଲା, - ବୋଉ ସତରେ ଏତେ ଠାକୁରାଣୀଙ୍କୁ ମାନସିକ କରିଛି ନା ତମେମାନେ ପିକନିକ ଯିବ ବୋଲି ବୋଉକୁ ଉସୁକାଇଛ ?

-ହଁ, ବୋଉ ତ ଛୋଟ ଛୁଆ ହୋଇଛନ୍ତି ଯେ ତାଙ୍କୁ ଆମେ ଉସୁକାଇ ଆମ କାମ କରାଇବୁ ।

ଠାକୁରଘରୁ ଶାରଦା ବାହାରି ଆସୁ ଆସୁ ପୁଅ, ବୋହୁଙ୍କ ଆଡ଼କୁ ଅନାଇ ପଚାରିଲେ, -କିଏ କାହାକୁ କଣ ଉସୁକାଇଛି ?

ଅଭୟ କିଛି ଜବାବ ଦେବା ପୂର୍ବରୁ ତନୁ ପାଖକୁ ଆସି କହିଲା, -ବୋଉ, ଇୟେ ସନ୍ଦେହ କରୁଛନ୍ତି ଯେ ମୁଁ କୁଆଡେ ସବୁ ଜାଗାକୁ ବୁଲିଯିବା ପାଇଁ ପ୍ଲାନ କରି, ଆପଣଙ୍କୁ ଠାକୁରାଣୀଙ୍କ ପାଖରେ ମାନସିକ କରିବା ପାଇଁ କହିଛି । ଆପଣଙ୍କ ଗେଲ୍ହା ପୁଅଙ୍କୁ ଟିକେ ବୁଝାଇ ଦିଅନ୍ତୁ, ଯେ ତାଙ୍କରି ଦେହ ଭଲ ନଥିଲାବେଳେ ଆପଣ ସବୁ ଠାକୁରାଣୀଙ୍କ ପାଖରେ ପୂଜା ଯାଚି ମାନସିକ କରିଥିଲେ ଓ ମୋତେ ବି ମଙ୍ଗଳା ଓଷା କରିବାକୁ କହିଥିଲେ । ମୋ ଦେହ ଖରାପ ହେଲେ ବୋଉଙ୍କୁ କେବେ ମୋ ପାଇଁ ଏଭଳି ପୂଜା,ମାନସିକ

କରିବାର ଦେଖିନି । ହେଲେ ପୁଅ ଟିକେ କାଶିଲେ କି ଛିଙ୍କିଲେ ଅଥବା ସାମାନ୍ୟ ଜର ହେଲେ ସବୁ ଠାକୁରାଣୀଙ୍କୁ ମାନସିକ । ଅଥଚ ଦେଖନ୍ତୁ, ଆଜି ମୁଁ ମିଛଟାରେ ଦୋଷୀ ହେଉଛି । ଯୁଗ ପରା ଖରାପ ।

ବୋହୁକୁ ଆଶ୍ୱାସନା ଦେଇ, ପୁଅ ଉପରେ ବିରକ୍ତ ହୋଇ କହିଲେ, -ତୁ ବୋହୁକୁ କାହିଁକି ଏମିତି କହୁଛୁ ? ତାକୁ ଭୁଲ ମାଗେ । ଆଉ ବୋହୁ, ତୋ ଦେହ କାହିଁକି ଖରାପ ହେବ ? ସମସ୍ତେ ଭଲରେ ଥାଅ । ତୋ ପାଇଁ ବି ମୁଁ ଠାକୁରଙ୍କୁ ଡାକେ । ତା ଛଡ଼ା ଯୋଗ ଥିଲେ ଠାକୁର ଠାକୁରାଣୀଙ୍କ ଦର୍ଶନ ମିଳେ । ଦୁଇଥର ଆମ ପ୍ରୋଗ୍ରାମ କ୍ୟାନସଲ୍ ହେଲାଣି । ଏଥର ଯେମିତି ହେଉ ଯିବା ।

ଘର ଭିତରୁ ନାତି ମିଟୁ ବାହାରି ଆସି କହିଲା, -ଜେଜେମା, ଏବେ ତମେ ସବୁ ଠାକୁର ଠାକୁରାଣୀଙ୍କୁ ଅନଲାଇନରେ ଦର୍ଶନ କରି ପାରିବ ।

ଦୀର୍ଘ ନିଶ୍ୱାସ ଛାଡି ଶାରଦା କହିଲେ, -ମନ୍ଦିରରେ ପହଞ୍ଚିଲେ ସିନା ଲାଇନ ଲଗାଇବା । ସେଇଥିପାଇଁ ମୁଁ କହୁଛି ଘରୁ ଭୋରୁ ବାହାରି ଗଲେ  ଅଧିକ ସମୟ ଲାଇନରେ ଠିଆ ହେବାକୁ ପଡିବନି ।"

ଫେଁ କିନା ହସି ମିଟୁ କହିଲା, - ଓହୋ, ସେଠି ଖରାରେ ଲାଇନରେ ନୁହେଁ, ଘରେ ବସି ମୋବାଇଲ, କମ୍ପ୍ୟୁଟରରେ ଅନ ଲାଇନ ଦର୍ଶନ । ଆରାମରେ ବିଛଣାରେ ଶୋଇ ୟୁ ଟ୍ୟୁବରେ ବି ଠାକୁର, ଠାକୁରାଣୀଙ୍କୁ ଦେଖି ପାରିବ ।

ଜିଭ କାମୁଡ଼ି ଶାରଦା କହିଲେ, -ଛିଃ, ବିଛଣାରେ ଶୋଇ ଠାକୁରଙ୍କୁ କିଏ ଦର୍ଶନ କରେ ? ସେସବୁ ପାପ । ହଁ ଯଦି ଅକର୍ମଣ୍ୟ ହୋଇଛ, ହସ୍ପିଟାଲରେ ପଡିଛ ତେବେ ଭିନ୍ନ ଜିନିଷ । ଏବେ ତ କରୋନା କମିଲାଣି । ମନ୍ଦିର ଯାଇଁ ଠାକୁରାଣୀଙ୍କୁ ଯାଇ ମୋ ସାଙ୍ଗରେ ତୁ ଦର୍ଶନ କରି ଆଶୀର୍ବାଦ ନେବୁ ।

ମିଟୁ ଭିତରକୁ ଚାଲିଗଲା ପରେ ଅଭୟ ବୋଉ ଆଡ଼କୁ ଅନାଇ କହିଲା, -ଗୋଟାଏ ଦିନରେ ଗୋଟାଏ ଜାଗାକୁ ଯାଇ ଦର୍ଶନ କରି ଫେରିଆସିଲେ ଭଲ । ନଅ ଠାକୁରାଣୀଙ୍କୁ ଦୁଇ ଦିନରେ ଦର୍ଶନ କଲେ ଖରାରେ ଦେହ ଖରାପ ହେବ ।

-ପାଟି ଚୁପକର । ସେ ଅମଙ୍ଗଳିଆ କଥା କାହିଁକି ମୁହଁରେ ଧରୁଛୁ ? ଗୋଟାଏ ମାଡ଼ରେ ସବୁ କାମ ସରିଯିବ । ତା ଛଡ଼ା ଅଫିସ କାମ ବ୍ୟସ୍ତତାରେ ତୁ ବି ମୋତେ ମନ୍ଦିର ବୁଲାଇବାକୁ ନେଇନୁ । ଏଥର ଦୁଇଦିନ ଛୁଟି ନେଇ ଚାଲ । ଏ ପ୍ରୋଗ୍ରାମ ବନ୍ଦ ହେବନି । ମୁଁ ପରା ଦୁଇଦିନ ହେଲାଣି ଠାକୁରାଣୀ ମା'ଙ୍କୁ ସ୍ୱପ୍ନ ଦେଖୁଛି । ମାନସିକ କରିଛି ପରା...

ଟିକେ ହସିଦେଇ ଅଭୟ କହିଲା, -ଆଛା ବୋଉ,ମୋତେ ସତ କହ,ଗୋଟିଏ ଠାକୁରାଣୀଙ୍କ ଉପରେ ତୋର ଭରସା ନଥିଲା ଯେ,ଏତେ ସବୁ ଠାକୁରାଣୀଙ୍କୁ ମାନସିକ କଲୁ ?

ନାତୁଣୀ ରିଙ୍କି ଦୌଡ଼ିଆସି ଜେଜେମାଙ୍କ କୋଳରେ ବସି ପଚାରିଲା, - ଯେମିତି ଆମ ସ୍କୁଲରେ ବହୁତ ମିସ ଅଛନ୍ତି ହେଲେ ହେଡ ମିସ ହେଉଛନ୍ତି ଆମ ପ୍ରିନ୍ସ ପାଲ ମ୍ୟାଡମ, ସେମିତି ସବୁ ଠାକୁରାଣୀଙ୍କ ଭିତରେ ସବୁଠୁ ବଡ଼ ଠାକୁରାଣୀଙ୍କ କିଏ ? ତମେ ବାପାଙ୍କ ପାଇଁ ଡେଡ଼ ଠାକୁରାଣୀଙ୍କୁ ଡାକିଲନି ?"

ସମସ୍ତେ ଦେଖୁଥିଲେ ରିଙ୍କିକୁ ।

ଶାରଦା କହିଲେ, - ସବୁ ଜାଗାରେ ମା'ଙ୍କ ଭିନ୍ନ ଅବତାର ।"

ତନୁ କଥାକୁ ସମ୍ଭାଳିବା ପାଇଁ ଝିଅକୁ କହିଲା, - ପାଟି ଚୁପ କର । ଠାକୁରାଣୀମାନେ ତୋ ସ୍କୁଲ ଦିଦି ନୁହଁନ୍ତି । ପୁରା ବାପାର ପ୍ରକୃତି ଆଣିଛି । ଠାକୁର, ଠାକୁରାଣୀ ମନ୍ଦିର ଯିବା ନାଁ ଶୁଣିଲେ ଇୟେ ଯେମିତି କୁନ୍ଥେଇବେ । ବୋଉଙ୍କ ଠାରୁ କିଛି ଗୁଣ କେମିତି ଆଣିଲେନି କେଜାଣି ?"

ଶାରଦା କହିଲେ, - ନାଇଁମ, ଅଫିସ କାମ ପାଇଁ ତାକୁ ଟିକେ କଷ୍ଟ ହେଉଛି । ନହେଲେ....

ରୋଷେଇ ଘରକୁ ଯାଉଯାଉ ତନୁ କହିଲା, -ଆପଣ ଆଉ ତାଙ୍କ ଦୋଷ ଲୁଚାନ୍ତୁନି । ଠାକୁରଙ୍କ ଉପରେ ତାଙ୍କର କେତେ ବିଶ୍ୱାସ ମୁଁ ଜାଣେ ।

କେବଳ ଆପଣଙ୍କ ଓ ମୋର ଧର୍ମ କର୍ମ ଯୋଗୁଁ .....

ଶାରଦା ଆଖି ଦେଖାଉଥିଲେ ବୋହୁକୁ ଚୁପ ରହିବାକୁ । ଶନିବାର ଦିନ ବାହାରିବା ପାଇଁ ସ୍ଥିର ହେଲା । ପୂର୍ବଦିନ ତନୁ'ର ଭଉଣୀ, ଭିଣୋଇ ଓ ତାଙ୍କ ପୁଅ ଆସିଯାଇଥିଲେ । ଦୁଇଦିନ ପାଇଁ ସର୍କିଟ ହାଉସ ଓ ଗେଷ୍ଟ ହାଉସ ବୁକ ହୋଇଥିଲା ।

ଶନିବାର ସକାଳୁ ଗାଡି ଆସି  ପହଞ୍ଚି ଗଲା । ହେଲେ ଶାରଦା, ତାଙ୍କ ଦେହଟା ଟିକେ କସମସ ଲାଗି ମୁଣ୍ଡ ବିନ୍ଧୁଛି ବୋଲି କହିବାରୁ, ତନୁ ତାଙ୍କ ଦେହରେ ହାତ ମାରି ଚମକି ପଡି କହିଲା, - ବୋଉଙ୍କୁ ତ ଜର !

ଅଭୟ ଚଟ୍ କିନା କହିଲା, - ପ୍ରୋଗ୍ରାମ କ୍ୟାନସଲ୍ ।

ତନୁ ବି କହିଲା, - ହଁ, ବୋଉ ଭଲ ହେଲାପରେ ଆମେ ଯିବା ।

ଶୁଖିଲା ହସଟେ ମୁହଁରେ ଖେଳାଇ ଶାରଦା କହିଲେ, -ଥଣ୍ଡା ଜର ଟିକେ ହୋଇଛି । ଅଢେଇଦିନରେ ଭଲ ହୋଇଯିବ । ଆଗରୁ ଦୁଇଥର ଠାକୁରାଣୀଙ୍କ ପାଖକୁ ଯାଇପାରିନେ । ମୁଁ ଯିବିନି । ହେଲେ ଅନୁକୂଳ କରି ବାହାରିଛ ଯେତେବେଳେ, ଆଉ ବନ୍ଦ କରନା । କାମବାଲୀ କୁଂକୁମ ମୋ ଦେଖାଶୁଣା କରିଦେବ । ମୋ ରାଣ ତମେ ସମସ୍ତେ ଯାଇ ଦର୍ଶନ କରିଆସ ।

ସମସ୍ତେ ଗୁମ ହୋଇ ବସିଥିଲେ।ଅଭୟ କହିଲା, -ଠିକ ଅଛି, ମୁଁ ବୋଉ ପାଖରେ ରହୁଛି, ତୁମେମାନେ ଯାଇ ଚାଲିଆସ ।

ଶାରଦା କହିଲେ, -ତୋ ପାଇଁ ମାନସିକ, ତୁ ଯିବୁନି ?

-ତୋତେ ନେଇ ପରେ ମୁଁ ଯିବି ।

ବହୁ ଯୁକ୍ତିତର୍କ ପରେ ଶାରଦା ଓ ଅଭୟଙ୍କୁ ଘରେ ଛାଡ଼ି ସମସ୍ତେ ବାହାରି ଗଲେ ।

ଅଭୟ ବୋଉ ପାଖରେ ବସି ମୁଣ୍ଡ ଚିପିଦେଉଥିଲା ଅଭୟ । ଟିକେ ଅଭିମାନ ସ୍ୱରରେ ଶାରଦା କହିଲେ, -ବୋହୁ ଠିକ କହୁଥିଲା । ତୁ ନାସ୍ତିକ ହୋଇଗଲୁଣୁ । ମୋ ପେଟରୁ ଜନ୍ମ ହୋଇ ଠାକୁରାଣୀଙ୍କ ଉପରେ ତୋର ବିଶ୍ବାସ ନାହିଁ ? ଦର୍ଶନ କରିଦେଇଥିଲେ ମୋ ମନକୁ ଶାନ୍ତି ମିଳିଥାନ୍ତା ।

ଗୋଟେ କପ ଉଷୁମ କ୍ଷୀରରେ ଟିକେ ହଳଦୀ ପକାଇ ବୋଉକୁ ଜବରଦସ୍ତି ପିଆଇ ଅଭୟ ତାଙ୍କ କୋଳରେ ମୁଣ୍ଡ ରଖି କହିଲା, -ମନ୍ଦିର ଯାଇ ପଥର ଠାକୁରାଣୀଙ୍କୁ ଦେଖିବି କାହିଁକି ? ମୋ ସାମ୍ନାରେ ତ ଜୀବନ୍ତ ଦେବୀ, ପ୍ରତ୍ୟକ୍ଷ ଠାକୁରାଣୀ; ମୋ ବୋଉ ।

ଠଠ

**ଅରବିନ୍ଦ ଦାସ,** ବିଶାଖାପାଟଣା । ଓଡିଆ ଗଳ୍ପ – ତାଙ୍କ ସାହିତ୍ୟ ସର୍ଜନାର ମୁଖ୍ୟ ଧାରା । ଅନେକ ଗଳ୍ପ ସଂଗ୍ରହ ପ୍ରକାଶିତ । ସାହିତ୍ୟ ପାଇଁ ଅନେକ ପୁରସ୍କାରରେ ସମ୍ମାନିତ ।

ଠଠ

# ପ୍ରବାହ

**ରବୀନ୍ଦ୍ର କୁମାର ଦାସ**

ଅଦୃଶ୍ୟା ! ଆଜି ସକାଳେ  ଗୋଟାଏ ଅରଣା ଇଚ୍ଛାକୁ ମେଣ୍ଟାଇବା ପାଇଁ ଶାନ୍ତି ନିକେତନର ସୁନାଝୁରି ଅରଣ୍ୟକୁ ଯାଇଥିଲି । ମୁଁ ଦେଢ଼ ମାସ ପାଇଁ ଖରା ଛୁଟିରେ ଓଡ଼ିଶା ଚାଲିଯାଉଥିବାରୁ  ଫେରିଲା ବେଳକୁ ଆଉ ବସନ୍ତ ନ ଥିବ । ତେଣୁ ଶାନ୍ତି ନିକେତନରେ ଦୁଇ ହଜାର ଉଣେଇଶ ମସିହାର ଶେଷ ବାସନ୍ତିକ ସ୍ପର୍ଶ । ତାହା ପୁଣି ସୁନାଝୁରିରେ । ସେହି ଇଚ୍ଛାକୁ ଅପୂର୍ଣ ନ ରଖିବା ପାଇଁ ମୁଁ ସକାଳେ ସକାଳେ ସେଇଠିକୁ ହିଁ ଚାଲିଯାଇଥିଲି ।

ସୁନାଝୁରି ଅରଣ୍ୟରେ ପହଞ୍ଚି ଦେଖିଲି ବିଶାଳ ବିଶାଳ ଶାଳଗଛମାନଙ୍କରେ ପ୍ରଚୁର କଅଁଳିଆ ପତ୍ର ଲଦି ହୋଇପଡ଼ିଛନ୍ତି । ଶାଳ କୁସୁମମାନଙ୍କର ମହକ ସେ ପରିବେଶକୁ ବହୁ ଭାବରେ ବାସ୍ନାବିଭୋଳ କରିପକାଉଛି । ଗଛମାନଙ୍କରେ କୋଇଲିମାନେ ବସି ଗୀତ ଗାଇବାରେ ବ୍ୟସ୍ତ । ନିକଟରେ ଶୁଖିଲା ଝରଣା ତା ପାଣିଶୂନ୍ୟ ଶରୀରକୁ ଅରଣ୍ୟ ଆଡ଼କୁ ଖୋଲି ଧରି ଶାଳଗଛମାନଙ୍କୁ କଣ ସବୁ ଫୁସୁର ଫୁସୁର ହେଇ କହି ଚାଲିଛି । ତେବେ ମୁଁ ତା କଥାକୁ ଆଦୌ କାନକୁ ନେଲି ନାହିଁ । କାରଣ ଏ ସନ ପାଇଁ ଶେଷ ବସନ୍ତର କିଛି ଚିଠି ସେଇଠି ମୋର ଲେଖିବାର ଥିଲା । ତେଣୁ ।

ମୁଁ ଝରଣାର ଶୁଖିଲା ଶରୀର ଉପରେ ପାହୁଣ୍ଡ ପକାଇ ପକାଇ ଆରପଟକୁ ଚାଲିଗଲି । ସେଇ ପଟେ କିଛି ୟୁକାଲିପଟାସ୍ ଗଛ ଆକାଶ ଆଡ଼କୁ ମୁହଁ ମେଲେଇ ଧୀରେ ଧୀରେ ଦୋଳି ଖେଳୁଥିଲେ । ସେମାନଙ୍କ ମୂଳ ଚାରିପାଖ ସ୍ଥାନ ଘାସଶୂନ୍ୟ ଥିଲା । ଏଇ ଗଛଗୁଡ଼ିକ ବଡ଼ ସଇତାନୀ କରନ୍ତି । ଏମାନେ ଯେଉଁଠି ଚେକାମାରି ଛିଡ଼ା ହେଇଥାନ୍ତି ସେ ଖଣ୍ଡମଣ୍ଡଳରୁ ଏତେ ପାଣି ଶୋଷିନିଅନ୍ତି ଯେ ଆଉ ଅନ୍ୟ କୌଣସି ଗଛ ଏମାନଙ୍କ ମୂଳ ଚାରିପାଖରେ ଥିବା ମାଟିରେ ଉଧାଏ ନାହିଁ ।

ମୋର ହଠାତ୍ କାହିଁକି ସେଇ ୟୁକାଲିପଟାସ୍ ଗଛଙ୍କୁ ଆଲିଙ୍ଗନ କରିବା ପାଇଁ ଇଚ୍ଛା ହେଲା । ତାର କିଛି ସମୟ ପୂର୍ବରୁ କିଛି ଶାଳଗଛକୁ ଆଲିଙ୍ଗନ କରି ତମ ଶାଳଭଞ୍ଜିକା ଶରୀରର ସ୍ପର୍ଶ ନେବା ପାଇଁ ଚାହିଁଥିଲି । ଆଉ ଏଇ ୟୁକାଲିପଟାସ୍ ପାଖରେ ବି ସେଇ ଇଚ୍ଛା ହେଲା । ତାପରେ ସେଇ ୟୁକାଲିପଟାସମାନଙ୍କର ଦେହ ଏତେ ମୁଲାୟମ ଥିଲା ଯେ ମୁଁ ସେମାନଙ୍କୁ ଆଲିଙ୍ଗନ ନ କରି ରହିପାରିଲି ନାହିଁ ।

ଅଦୃଶ୍ୟା ! ତମେ ତ ଜାଣ I ଏଇ ୟୁକାଲି ଆଉ ଶାଳମାନେ ତମ ପରି ମଣିଷ ନୁହନ୍ତି । ତେଣୁ ଏମାନଙ୍କୁ ଆଲିଙ୍ଗନ କଲେ କିଛି ସର୍ତ୍ତ କି ଚୁକ୍ତି ସ୍ୱାକ୍ଷର କରିବାକୁ ପଡ଼ିବ ନାହିଁ ବୋଲି ଭାବି ଭାବି ଆଲିଙ୍ଗନ କଲାବେଳକୁ ଜଣେ ନାଗକନ୍ୟା ହଠାତ୍ ମୋ ଆଡ଼କୁ ମାଡ଼ିଆସିଲେ । ମୁଁ ତାଙ୍କୁ ଦେଖି ଚମକି ପଡ଼ିଲି । ଆଉ ଡରିବି ଗଲି । ଡରିଗଲି ଏଇଥିପାଇଁ ଯେ ତମକୁ ଦେଖିଲେ ମୋତେ ଆଜିକାଲି ଭୀଷଣ ଡର ଲାଗୁଚି ବୋଲି । ଗୋଟେ ସମୟରେ ତମକୁ ଦେଖିଲେ ମୋ ଭିତରେ ଡରମାନେ ନିଡର ହେଇ ଯାଉଥିଲେ ।

ଆଉ ଆଜିକାଲି ତମକୁ ଦେଖିଲେ ମୋତେ ଏତେ ଡର ଲାଗୁଚି କାହିଁକି ? ବୋଧହୁଏ ମୋ ଚେତନାର କେଉଁ ଗୋଟେ ଜାଗାରେ କଣା ହୋଇଗଲାଣି । ସେଥିପାଇଁ ।

ନାଗକନ୍ୟା ମୋତେ ନ ଡରିବାକୁ କହିଲେ । ଡରିଲେ ମଣିଷ ଭିତରର ସୃଜନଶୀଳତା ନଷ୍ଟ ହୋଇଯାଏ ବୋଲି କହିଲେ । ଆଉ ସେ ବିଷାକ୍ତ ନୁହନ୍ତି ବୋଲି ବି କହିଲେ । ମୁଁ ଦୋ ଦୋ ପାଞ୍ଚ ହେଇ ନିଡର ହେବାକୁ ଚେଷ୍ଟା କଲି । ସେ ମୋର ଆହୁରି ପାଖକୁ ଭିଡ଼ି ଆସି କହିଲେ – "ଯୋଉ ଗଛଟିକୁ ଆଲିଙ୍ଗନ କରୁଚ ସେ ଗଛର ଦେହ ସହିତ ଆଉ କୋଉ ଗଛର ଦେହର ସାମଞ୍ଜସ୍ୟ ଅଛି କହିଲ ?"

ମୁଁ ଭାବି ଭାବି ଅର୍ଜୁନ ଗଛ ସହିତ ଏଇ ୟୁକାଲିପଟାସ୍ ଗଛ ଦେହର ସାମଞ୍ଜସ୍ୟ ଅଛି ବୋଲି କହିଲି । ସେ ମୋତେ ଖୁସିରେ ହଗ୍ କରିଦେଲେ । ଗୋଟାଏ ଚୁମା ବି ଅଜାଡ଼ି ଦେଲେ ମୋ କପାଳରେ । ମୋ ପିଠିରେ ଟିକେ ହାତ ଥାପୁଡ଼ାଇ ଦେଲେ । ମୋତେ କେମିତି କେମିତି ଲାଗିଲା । ତଥାପି ମୁଁ ନିଡର ଅଛି ବୋଲି ତାଙ୍କୁ ପ୍ରମାଣ ଦେବା ପାଇଁ ଚେଷ୍ଟା କଲି ।

କିଛି ସମୟ ବିତିଗଲା । ତାଙ୍କ ମୁଖମଣ୍ଡଳ କ୍ରମଶଃ ଭାବପ୍ରବଣ ହେଇଉଠିଲା । ତାଙ୍କ ଆଖିରେ ଲୁହ ଜକେଇ ଆସିଲା । ଶୀର୍ଣ୍ଣ ଗାଲଟି ଈଷତ୍ ସଥର ହେଇ ପୁଣି ନିଥର ହେଇଗଲା ।

ତାପରେ ସେ ତାଙ୍କ ଆତ୍ମ କଥା ଆରମ୍ଭ କଲେ । କହିଲେ ଦ୍ୱାପର ଯୁଗରେ ସେ ନାଗକନ୍ୟା ଥିଲେ । ଅର୍ଜୁନ ତାଙ୍କୁ ବିଭା ହେଇଥିଲେ । କିନ୍ତୁ ମାତ୍ର ତିନିମାସ ପରେ ଅର୍ଜୁନ ସେଇ ନାଗକନ୍ୟାଙ୍କୁ ଛାଡ଼ି ହସ୍ତିନା ଯାତ୍ରା ପାଇଁ ସଜବାଜ ହୁଅନ୍ତେ ନାଗକନ୍ୟା ଅର୍ଥାତ୍ ତାଙ୍କରି ମୁଣ୍ଡରେ ଚଡ଼କ ପଡ଼ିଲା । କାହିଁକି ନା ସେତେବେଳକୁ ସେ ଦୁଇ ମାସ ଗର୍ଭବତୀ ଥିଲେ ।

ନାଗକନ୍ୟା ମୋତେ ତାଙ୍କ ପୂର୍ବ ଜନ୍ମ ବୃତ୍ତାନ୍ତ କହୁ କହୁ କାନ୍ଦିବାକୁ ଲାଗିଲେ । ମୁଁ ଯେତେ କହିଲେ ବି ଥମିଲେ ନାହିଁ । ତାପରେ କଣ ହେଲା ବୋଲି ମୁଁ ପ୍ରଶ୍ନ କଲି ।

ସେ କହିଲେ – ଯାହା ଯୁଗେ ଯୁଗେ ନାରୀମାନଙ୍କ ସହିତ ହୁଏ । ସେୟା ହିଁ ହେଲା । ଯେତେବେଳେ ମୁଁ ନବଯୁବା ବୋଲି କହି ରତିକରିବା ପାଇଁ ଅଭିଳାଷ ହେଲେ ତାଙ୍କ ଅନୁପସ୍ଥିତିରେ କଣ କରିବି ବୋଲି ଅର୍ଜୁନଙ୍କୁ କହିଲି । ସେ ସଙ୍ଗେ ସଙ୍ଗେ ତାଙ୍କ ବାମ ହାତରେ ବାବଲ ଶର ସାହାଯ୍ୟରେ ଦକ୍ଷିଣ ଭୁଜରେ ତିନୋଟି ରେଖା କାଟିଦେଲେ । ଝର ଝର୍ ହୋଇ ରକତ ଝରିଲା । ମୁଁ ଛାନିଆ ମାନିଆ ହେବାବେଳକୁ ସେ ରକତ ଭୂମିରେ ପଡ଼ି ଗୋଟାଏ କୋମଳ ଅବୟବ ବିଶିଷ୍ଟ ଗଛରେ ପରିଣତ ହୋଇଗଲା । ଆଉ ସେ ତାର ନାମ ସେ ଦେଇଦେଲେ 'ଅର୍ଜୁନ' । ତାହା ଅତ୍ୟନ୍ତ ସୁସଜ୍ଜ ଥିଲା । ତାପରେ ଅର୍ଜୁନ କହିଲେ - ଯେତେବେଳେ ଶୃଙ୍ଗାର ପାଇଁ ଇଚ୍ଛା ହେବ ସେତେବେଳେ ମୋ ନାମ ସ୍ମରଣ କରି ଏଇ ଗଛଟିକୁ ଆଲିଙ୍ଗନ କରିବ । ମୋହରି ପରି ଯେ ତମକୁ ରତିସୁଖ ପ୍ରଦାନ କରିବ । ଯେବେ ଏ ଗଛଟି ଝାଉଁଳି ପଡ଼ିବ , ଜାଣିବ ଯେ ମୋର ଦଶା ଖରାପ ପଡ଼ିଯାଇଛି ।

ତାପରେ ସେହି ସୁନାଝରି ଅରଣ୍ୟରେ ଆବିର୍ଭୂତା ନାଗକନ୍ୟାଙ୍କୁ ମୁଁ କହିଲି – ତମେ ଅର୍ଜୁନଙ୍କ କଥାରେ ସତ ଅଛି ବୋଲି କେବେ ପ୍ରମାଣ ପାଇଚ ?

ନାଗକନ୍ୟା ଆହୁରି ଯୋରରେ କାନ୍ଦିଉଠି କହିଲେ – ସେ ଗଛ ସହିତ ଶୃଙ୍ଗାର କରିବି କ'ଣ ? ସେଇଟିକୁ ଦେଖିଲା ମାତ୍ରକେ ମୁଁ ବରାବର ଖାଲି ଡରିଚାଲିଲି । ସେ କେମିତି ଝାଉଁଳି ଯିବ ନାହିଁ, ସେଥି ପ୍ରତି ଯତ୍ନଶୀଳ ହେଲି । ଏଇ ଯତ୍ନଶୀଳ ହେଉ ହେଉ ମୋ ଜବାନୀ କେତେବେଳେ ଦାଣ୍ଡରେ ଦାଣ୍ଡରେ ଚାଲିଗଲା ମୋତେ ଟିକିଏ ବି ଜଣାପଡ଼ିଲା ନାହିଁ । ପୁରୁଷମାନେ ଯୁଗେ ଯୁଗେ ଏଇ ରକମର । ଆମେ କିଛି ଜିଦି କଲେ ସେମାନେ ଏମିତି କିଛି ମସୁଧା କରିବେ ଯେ ଆମେ ତୁରନ୍ତ ଇମୋସନାଲ ହେଇଯିବା । ଆଉ ଆମେ ନାରୀମାନେ ଏଇସବୁ କାରଣରୁ ସେମାନେ ଯାହା କହିଲେ କି କଲେ ଚୁପ୍ ରହିବାକୁ ବାଧ ହେଉ ।

ତାପରେ ନାଗକନ୍ୟା ଆଖିଫାଖି ପୋଛିହେଲେ । ସାଷ୍ଟମ ହୋଇ ହଠାତ୍ ମୋତେ ପଚାରିଲେ – ତମର କ'ଣ ହେଇଚି ? ତମେ ତମ ଅଦୃଶ୍ୟାଙ୍କୁ ମୋ ଅର୍ଜୁନଙ୍କ ଭଳି କିଛି ହଇରାଣ ହରକତ କରିଚ କି ?

ମୁଁ କହିଲି - ନା, ଅଦୃଶ୍ୟାଙ୍କୁ ନେଇ ମୁଁ ଆଜିକାଲି ଭୀଷଣ ଅନ୍ୟମନସ୍କ ରହୁଚି । ତେଣୁ ଆଉ ହେବ ନାହିଁ । ମୋତେ ତାଙ୍କଠାରୁ ଦୂରେଇ ଯିବାକୁ ପଡ଼ିବ । ସେ ଭଲରେ ଥାଆନ୍ତୁ । ମୋ ପାଇଁ ସେ କଷ୍ଟ ପାଉଚନ୍ତି ।

ତାପରେ ନାଗକନ୍ୟା କହିଲେ – ଯାହା ମୋ ଗତ ଜନ୍ମରେ ହେଇଥିଲା , ଏ ଜନ୍ମରେ ତମେ ଦୁହେଁ ସେୟା କରନା । ଅଣ୍ଡରଷ୍ଟାଣ୍ଡିଂରେ ବଞ୍ଚ ।

ଠିକ୍ ସେତିକିବେଳେ ମୁଁ ଭରାଦେଇ ଠିଆ ହେଇଥିବା ୟୁକାଲିପଟାସ୍ ଗଛଟି ହଠାତ୍ ମଉଳିବାକୁ ଆରମ୍ଭ କଲା । ମୁଁ ନାଗକନ୍ୟାଙ୍କୁ ଟା' ଟା' କହି ପିୟରସନ୍ ମେମୋରିଆଲ ହସ୍ପିଟାଲ୍‌କୁ ଦୌଡ଼ି ଦୌଡ଼ି ଚାଲିଆସିଲି । ବାସ୍ ।

∞∞

**ଡ. ରବୀନ୍ଦ୍ର କୁମାର ଦାସ**, ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମ ବଙ୍ଗ.

∞∞

# ମାଟି ଅଛି ବୋଲି


## ମାନିନୀ ମିଶ୍ର


ମାଟି ଅଛି ବୋଲି
ପଉଷ ଅଛି
କାକର ଅଛି
ସଂସାର ଅଛି
ପୋଷ ପୋଷ ଲୁହ ଅଛି

ମାଟି ଅଛି ବୋଲି
ଦେଶ ଅଛି ତାର ବାଡ ଅଛି

କୁହ, କିଏ
କେତେ ରାତି ଅନିଦ୍ରା ଭୋଗିଛ ?
ମାଟିର ବୟସ ମାପିବାରେ
ମାଟି ଉପରେ କାଦୁଅ କରି
ବିହନ ଥାପିବାରେ ?
ବଟକରାରେ ନ ପଶିଲେ ମାଟି
ମିସାଇଲ ରେ ମଣ କରିବାରେ ?

ହାଃ ହାଃ

କେବେ ମାଟିକୁ
ବୋଳି ହୋଇଛ ଚନ୍ଦନ ପରି
ତମ ଥ୍ରେଡିଙ୍ଗ କଲା ମୁହଁରେ ?
ସେଲଫି ନେଇଛ ମାଟି ମାଁ ସହ
ଟୁରା ପିଲାର ବାପ ପରି ଟେଳାଏ ମାଟି
ଛାତ ହୋଇ ଠିଆ ହେବା ବେଳେ ?

ହଁ
ମାଟି ଅଛି ବୋଲି

ଏନ୍ତୁଡିଶାଳର ନିଆଁ ଅଛି
ଖାରକେଭର ଧୂଆଁ ଅଛି

ମାଟି ମଣିଷ
ଲୁହ, ପାଉଁଶ

ମାଟି ମଟାଳ
ତା ଆଗେ ଓଲଟ ଉହୁଲା
ଫୁପଲା କାପୁଲ କାପୁଲ ଶବଦ ।

ꝏꝏ

**ମାନିନୀ ମିଶ୍ର,** ଏମ୍.ଏସ.ସି, ବି.ଏଡ୍, ଏଲ୍.ଏଲ୍.ବି, ଫାର୍ମା,ଏମ୍.ଏ (ଏମ୍.ଏସ.ଡବ୍ଲ୍ୟୁ); ପ୍ରତିଷ୍ଠାତା ଓ ସଂପାଦକ - ସାରା ଓଡିଶା ଫାଉଣ୍ଡେସନ ଟ୍ରଷ୍ଟ, କ୍ରିଏଟିଭ ହେଡ୍, ନିର୍ଭୟ; କବୀ, ଗାଳ୍ପିକା, ସ୍ତମ୍ଭକାର, ସମ୍ପାଦକ । ପ୍ରକାଶିତ ପୁସ୍ତକ: ମାଟିମଗ୍ନା (୨୦୧୭) କବିତା ସଂକଳନ; ନିଆଁନଈ (୨୦୧୯), ଜଳଜହର (୨୦୨୨); ସ୍ତମ୍ଭ: ଫ୍ରାଇଡେ ଫ୍ରାଏ, ମାନନୀୟେଷୁ, ଉପନ୍ୟାସ: କାନଭାସର କୁହୁ, ଧୂସର ଦିଗବଳୟ; ଉପନ୍ୟାସିକା- କାହାଣୀ ବାୟାତରାର ଧାରାବାହିକ ଭାବେ ନିର୍ଭୟରେ ପ୍ରକାଶ ପାଇ ଆସିଛି । ପୁରସ୍କାର: ମନୋମାନିନୀ ସାହିତ୍ୟ ସମ୍ମାନ, ଭୁବନେଶ୍ୱର; ସତ୍ୟ ନଗର ଲେଡିଜ ଫୋରମ ଫର ଲିଟରେଚର ସମ୍ମାନ, ଭୁବନେଶ୍ୱର; କାବ୍ୟ ଫଗୁଣ ସମ୍ମାନ, ବରଗଡ; ଶ୍ରୀମତୀ ଦେବମଣି ସାହୁ କବିତା ପୁସ୍ତକ ସମ୍ମାନ, ବ୍ରହ୍ମପୁର; ଦଶମ ସର୍ବ ଭାରତୀୟ ଯୋଗିନୀ ମହୋତ୍ସବ, ଝରିଏଲ; ସାହିତ୍ୟଶ୍ରୀ ସମ୍ମାନ, ଭୁବନେଶ୍ୱର; Personality of The Year Award, ଭୁବନେଶ୍ୱର; ସ୍ୱସ୍ତିମା ସାହିତ୍ୟ ସମ୍ମାନ; ଏବଂ ଆହୁରି ଅନେକ । ଭୁବନେଶ୍ୱରରେ ରହନ୍ତି ।

ꝏꝏ

# କାଳୀ

**ଅଜୟ ମହାଲା**

"ଟି ....ଟି.....ଟି ...କାଳୀ - କାଳୀ - କାଳୀ !"

ଶହେ ଥର ଏମିତି ଡାକି ସାରିବଣି ମୋହନା । ସିଏ କୋଉ ଘରୋଇ କୁକୁଡ଼ା ହୋଇଛି କି ଦୌଡ଼ି ଆସିବ । ସଞ୍ଜ ଗଡ଼ି ସାରିଲାଣି । କୁକୁଡ଼ା ଭାଡିକୁ ଫେରିନି କାଳୀ ।

ପଛ କେତେକ ଦିନ ହେଲା କାଳୀର ବ୍ୟବହାରରେ କିଛି ପରିବର୍ତ୍ତନ ଦେଖାଦେଇଛି । ଏବେ ଲୁଚେଇ ଅଣ୍ଡା ଦେଉଛି ଘର ପଛପଟ ଅରମା ଝଟା ଭିତରେ ।

ସନ୍ଧ୍ୟାରେ କାମରୁ ଫେରିଲା ପରେ ମୋହନା ଟର୍ଚ୍ଚ ଟିଏ ଧରି ବାହାରିଛି କୁକୁଡ଼ା ଖୋଜି । ସେ ଯେ ପାଖ ପଡ଼ିଶାଙ୍କ କୁକୁଡ଼ାଙ୍କ ସାଙ୍ଗରେ ଚାଲି ଯାଇଥିବ ବିଶ୍ୱାସ ହେଉନି । କାଳୀ ସମସ୍ତ କୁକୁଡ଼ାଙ୍କ ଠାରୁ ନିଆରା । ଅନ୍ୟ କୁକୁଡ଼ା ମାନେ ମୋହନା କୁ ଏମିତି ହଇରାଣ କରି ନାହାନ୍ତି । ପୋଷାକୁକୁରଟି ଯେମିତି ତୁ ତୁ ଡାକିଲେ ଦୌଡ଼ି ଆସେ, ସେମିତି କୁକୁଡ଼ା ମାନେ ବି "ଟି - ଟି - ଟି" ଡାକର ଅଣଦେଖା କରନ୍ତି ନାହିଁ । ବାଡ଼ ବତା ଡେଇଁ ଦୌଡ଼ି ଆସନ୍ତି ମୋହନା ପାଖକୁ । କାଳୀର ଥାଟ ଏକଦମ ଅଲଗା । ସିଏ ଯେମିତି ଗୃହପାଳିତ ପଶୁପକ୍ଷୀ ମାନଙ୍କ ପାଇଁ ପ୍ରଯୁଜ୍ୟ ନିୟମାବଳୀ ଓ ସମ୍ବିଧାନ ମାନିବାକୁ ପ୍ରସ୍ତୁତ ନୁହେଁ । ତା ଯୋଗୁଁ ହଇରାଣ ହୁଏ ମୋହନା । ହେଲେ କାଳୀର ଏହି ନିଆରା ଗୁଣ ଯୋଗୁଁ ତା ପ୍ରତି ଏକ ଅଜଣା ଶ୍ରଦ୍ଧା ମଧ ଜନ୍ମ ନେଇଥାଏ ମୋହନା ମନରେ ।

ମୋହନାର ଘର ପଶୁପକ୍ଷୀ ମାନଙ୍କର ଗୋଟିଏ ଛୋଟ ଫାର୍ମ । କୁକୁର ଆଉ କୁକୁଡାଙ୍କୁ ଛାଡିଦେଲେ ଗୋଟିଏ ନେଉଳ, ଗୋଟିଏ ଠେକୁଆ ଆଉ ହଳେ ଶୁଆ ସାରୀ ବି ଅଛନ୍ତି । ସମସ୍ତେ ନିର୍ଦ୍ଦେଶ ମାନି ଆଶାନୁରୂପ ବ୍ୟବହାର କରୁଛନ୍ତି । କାଳୀ ତା ଯାଗାରେ ନାହିଁ । ଆଜି ପୁଣି ହଇରାଣ କରିବ । ମୋହନା ଚିଡିଯାଇ ଭାବିଲା ଆଜି ଆଉ ତାକୁ ଖୋଜିବନି - ଆଉ ଛାଡ଼ିଦେବ ତାକୁ ତା ଭାଗ୍ୟରେ । ରାତ୍ରିଚର ଶିକାରୀ ଜନ୍ତୁଙ୍କ ହାତରେ ଯଦି ମରିବାର ଥାଏ, ସେ ମରୁ !

କିନ୍ତୁ କାଳୀର ଆକର୍ଷଣ କମ୍ ନୁହେଁ । ସେ ଏକ ଅଦ୍ଭୁତ କୁକୁଡ଼ା - ଯେମିତି ବାକି କୁକୁଡ଼ା ମାନଙ୍କ ଠାରୁ ଅଲଗା ପକ୍ଷୀକୁଳର ଏକ ଅସାଧାରଣ ବ୍ୟକ୍ତିତ୍ୱ ! ଅନ୍ୟ କୁକୁଡ଼ା ମାନଙ୍କ ପରି ପୂରା ଚବିଶ ଘଣ୍ଟା ମାଟିରେ ରହେ ନାହିଁ । ଗଛ ଡାଳରେ ବସିବାକୁ ପସନ୍ଦ କରେ । ଚଢେଇ ମାନଙ୍କ ପରି ଡେଣା ଝାଡ଼ି ଏକା ଥରକେ ଶହେ ମିଟର ପର୍ଯ୍ୟନ୍ତ ଉଡି ଯାଇପାରେ । କିଏ କହୁଥିଲା, ତା ଦେହରେ କୁଆଡେ ଜଙ୍ଗଲୀ କୁକୁଡ଼ାର ଜିନ ଅଛି ।

କାଳୀକୁ ପୋଷା ମନେଇବା ଏତେ ସହଜ ନ ଥିଲା। ଲଗାତାର ଦଶ ଦିନ ପର୍ଯ୍ୟନ୍ତ ତା ଗୋଡ଼ରେ ରସି ଲଗା ଯାଇଥିଲା । ସେ ବିଲେଇକୁ ଆଦୌ ଡରେନା , ବରଂ ଲୋଭାର୍ତ୍ତ ଦୃଷ୍ଟିରେ ଛାତ ଉପରର ପାରା

ମାନଙ୍କୁ ଦେଖି ଲାଳ ଗଡାଉଥିବା ବିଲେଇ ମାନେ କାଳୀକୁ ଦେଖିଲେ ବାଟ ବଦଳାଇ ଚାଲି ଯାଆନ୍ତି । କାଳୀ କେବଳ ଆତ୍ମରକ୍ଷା ପାଇଁ ସଜାଗ ଆଉ ଶକ୍ତିଶାଳୀ ନୁହେଁ, ସେ ତା ପ୍ରାଇଭେଟ ଜୋନରେ ଅନାମନ୍ତ୍ରିତ ପଶି ଆସୁଥିବା ଅନ୍ୟ ପଶୁ ପକ୍ଷୀ ମାନଙ୍କୁ ଆକ୍ରମଣ କରିପାରେ । ତା ଅଣ୍ଡା ଗୁଡିକ ସଫା ଧଳା ଆଉ ଲମ୍ବା । ଆସିବା ଦିନଠୁଁ କୁକୁଡ଼ା ଭାଡ଼ିରେ ଥରୁଟିଏ ବି ଅଣ୍ଡା ଦେଇନି । କେତେବେଳେ ଗୋରୁଙ୍କ ପାଇଁ ରଖା ଯାଇଥିବା ବୋତି ଭାଡ଼ିରେ ଅଣ୍ଡା ଦିଏ ତ କେବେ ଘର ପଛପଟ ଝଟାମଟା ଅରମା ଭିତରେ ।

ଡାକି ଡାକି ଥକିବା ପରେ ମୋହନା ବାଡ଼ି ଅଗଣାରେ ଠିଆ ହୋଇଗଲା କିଛି ସମୟ ପାଇଁ । ତେଣେ ଶୁଆଟି ଖାଇବାକୁ ମାଗି ମାଗି ନୟାନ୍ତ କଲାଣି । ତାକୁ ଲାଗୁଥିଲା ଯେମିତି କାଳୀ ପ୍ରତି ଥିବା ତାର ଭଲ ପାଇବାକୁ ଟିପ୍ପଣୀ କରିବାକୁ ଶୁଆଟିକୁ ସୁଯୋଗ ମିଳିଛି । ସେ ତାକୁ ଚିଡ଼େଇବା ଅନ୍ଦାଜରେ କହୁଛି, "ଭଲ ହେଇଛି , ଭଲ ହେଇଛି !"

ଏତେ ଚିଡ଼ନ୍ତା ନାହିଁ ମୋହନା । ଏକେ ତ ଘରର ସବୁ କାମର ବୋଝ ତା ଉପରେ ଚାକିରୀ ଛାଡି ଆସିବା ପରେ । କୌଣସି ସରକାରୀ ଅଫିସରେ ଛୋଟ ମୋଟ ଚାକିରୀ କରିଥିଲା ସେ । ଗୋଟିଏ ବସ୍ ସହ ତାର ପଟିଲାନି ଆଦୌ । କଥା କଥାରେ ଖୁଣ ବାହାର କରୁଥିଲେ । ତାଗିଦ କରି ଯାହା କହୁଥିଲେ, ତାହା ଗାଳି ଠାରୁ କିଛି କମ୍ ନ ଥିଲା । ଥରେ କଥାରେ କଥାରେ ରାଗ ମୁଣ୍ଡକୁ ଉଠିଗଲା । ଚପଲ ଉଠାଇ ଦେଇଥିଲା ବସ୍ କୁ ମାରିବାକୁ । ନିଯୁକ୍ତିକର୍ତ୍ତା ତାକୁ ବରଖାସ୍ତ କରିବା ପୂର୍ବରୁ ସେ ନିଜେ ଚାକିରୀ ଛାଡି ଚାଲି ଆସିଲା । କେତେ ସହକର୍ମୀ ଗୋଡ଼ ଧରି ମାଫି ମାଗିବାକୁ ପରାମର୍ଶ ଦେଇଥିଲେ । ସେୟା କରିଥିଲେ ସେ ଚାକିରୀ ଫେରି ପାଇଥାନ୍ତା । କିନ୍ତୁ ସେ ତାହା ଉଚିତ ମଣିଲାନି । ତା ପରେ ଘରେ ବସିଛି ତ ବସିଛି । ସ୍ତ୍ରୀ ରମଣୀ ବି ତା ଘରେ ବସି ରହି ଥିବାର ସଦୁପଯୋଗ କରି ଘରର ସବୁ କାମ ଲଦି ଦେଇଛି ତା ଉପରେ । ନିଜ ଦେଖା ଶୁଣା ଠାରୁ ଏହି ପଶୁପକ୍ଷୀ ମାନଙ୍କ ଯତ୍ନ - ସବୁ କାମ ମିଶିଲେ କାମ କିଛି କମ୍ ନୁହେଁ । ତା ଛଡା ତାର ପୁରୁଣା ବଦଭ୍ୟାସ ବି ଅଛି । ପୁଅକୁ ଖୁଏଇ ପିଏଇ ଶୋଇ ଦେବା ପରେ ଦୁଇ ଘଣ୍ଟା ତାସ ଖେଳିବାକୁ ଚାଲିଯାଏ ସେ । ଭାଗବତ ଘର ଚଉଁରାକୁ ।

ମୋହନାର ସ୍ତ୍ରୀ ରମଣୀ ଗ୍ରାମସେବିକା । ଆଖ ପାଖ ତିନି ଖଣ୍ଡ ଗାଆଁରେ ବୁଲି ବୁଲି ଲୋକଙ୍କ କଥା ବୁଝେ । ବଙ୍କା ଫ୍ରେମବାଲା ଲେଡିଜ ବାଇ ସାଇକେଲରୁ ଓହ୍ଲେଇ ଯେବେ ସେ କେଉଁ ସାହିରେ ଛିଡା ହୋଇଯାଏ, ମହିଳାମାନେ ରୁଣ୍ଡ ହୋଇଯାଆନ୍ତି ତା ଚାରି ପଟେ । ସମସ୍ତଙ୍କୁ ବିଭିନ୍ନ ପରାମର୍ଶ ଦେଇସାରିବା ପରେ ପୁଣି ସାଇକେଲ ଚଢି ଗାଁ ସଡକରେ ଉଭେଇ ଯାଏ । ରମଣୀ ଗୃହପାଳିତ ପଶୁପକ୍ଷୀ ଙ୍କ ବିଷୟରେ ଏତେ ରୁଚି ନିଏନା । ସାରୀ ସହ ଟିକିଏ କଥା ହୁଏ ଯାହା । ତାହା ବି ନିୟମିତ ନୁହେଁ ।

ସେଦିନ ତା ସ୍ତ୍ରୀ ରମଣୀ ଘରକୁ ଫେରିଲା ପରେ ପୁଅକୁ ତା ଜିମାରେ ଛାଡ଼ିଦେଇ ମୋହନା ଟର୍ଚ୍ଚ ଧରି ବାହାରିଛି କୁକୁଡ଼ା ଖୋଜି । ପରିଡା ଘର ଆମ୍ବ ଗଛ, ରଘୁସ୍ୱାଇଁ ଘର ପଛ ପଟ ବେତ ବଣ - ଏମିତି ସବୁ

ଆଡକୁ ଟର୍ଚ୍ଚ ବୁଲେଇ ଦେଖି ସାରିଲାଣି । କେଉଁଠି ବି ମିଳିଲାନି କାଳୀ । ବହୁତ ନିରାଶ ହୋଇ ପଡ଼ିଲା ମୋହନା ।

x x x x

ସେଦିନ ତାସ ଖେଳରେ ଅନ୍ୟମନସ୍କ ରହୁଥିଲେ ମୋହନା ଦାଦା। ମନ ଯାଇ କାଳୀ ପାଖରେ । ବୟସରେ ସବୁଠୁଁ ବଡ଼ ବୋଲି ଆମେ ସମସ୍ତେ ଟିକେ ଡରୁ ବି। ତା ରାଗ ଚିଡିଲେ ଓଲଟା ସିଧା ଗାଳି ଦେବ । କେବେ କେବେ ତାସ ପାଇଁ ବିଛା ଯାଇଥିବା ଗାମୁଛାକୁ ଛିଞ୍ଚାଡି ଖେଳିବା ଜାଗାରୁ ଉଠି ଚାଲିଯାଆନ୍ତି । ଏଣେ ତେଣେ ଛାଟି ହୋଇ ପଡ଼ିଥିବା ତାସ ସବୁକୁ ଆମେ ଗୋଟେଇ ଏକାଠି କରୁ । ତେଣୁ ଆଜି ଖେଳିଲା ବେଳେ ତାଙ୍କର ଉଦାସ ଭାବକୁ କେହି ପ୍ରଶ୍ନ କରୁ ନାହାନ୍ତି । ପଚାରିବେ ବା କଣ ? ସମସ୍ତେ ଜାଣିଛନ୍ତି, ଦୁଇ ଦିନ ହେଲା କାଳୀର ଖୋଜା ଚାଲିଛି ବୋଲି । ମୋହନା ଦାଦାଙ୍କ ଜିଦ, ଯେଉଁଠି ବି ଲୁଚି ଥାଉ ତାକୁ ସେ ଖୋଜି ବାହାର କରିବେ । କାଳୀର ଆତ୍ମରକ୍ଷା କରିବା ଶକ୍ତି ବିଷୟରେ ତାର ବହୁତ ଭରସା । କୌଣସି ଜଙ୍ଗଲୀ କଟାସ ତାକୁ ମାରି ଖାଇବା ତ ଦୂର କଥା, ତା ପାଖ ବି ମାଡିବେନି । ସବୁଠୁଁ ଉଚ୍ଚା ଡାଳରେ ବସେ ସେ । ଗାଁକୁ ମଝିରେ ମଝିରେ ବୁଲି ଆସୁଥିବା ସବାଖିଆ କେଳା ମାନେ ଯଦି ଲୁଚେଇ ମାରି ଖାଇଥିବେ, ତାହେଲେ କଥା ଅଲଗା ।

ତାସ ଖେଳ ଭିତରେ ଯୋଗିଆ ସାଆନ୍ତରା ଘରକୁ ପୋଲିସ ଆସିଥିବା କଥା ପଡିଥିଲା । ନିଜ ଝିଅକୁ ମାରିଦେଇଛି ସିଏ କୁଆଡେ । ନରହରି ଯୋଗିଆ ସାଆନ୍ତରା ଘର ପାଖ ଲୋକ । ତା ଠାରୁ ସବୁ କଥା ଶୁଣୁଥିଲୁ ଆମେ । ଯେଉଁ ଝିଅଟି ତା ପାଖରେ ଥିଲା ତାକୁ ସେ ରାସ୍ତା କଡରୁ ସାଉଁଟି ଆଣି ପାଳି ବଡ କରିଥିଲା । ସ୍ତ୍ରୀ ହରେଇଥିବା ଯୋଗିଆ ଝିଅଟି ପାଇଁ ବାପ ମାଆ ସବୁକିଛି ଥିଲା । ସତର ବର୍ଷର ସେହି ଝିଅଟି କେଉଁ ଅଜାତିଆ ଘର ପୁଅ ସଙ୍ଗେ ଆମ୍ବ ତୋଟାରେ କଥା ହେଉଥିବାର ଦେଖି କେତେ ଦିନ ଧରି ଗାଁରେ ଲୋକେ ବାର କଥା ହେଉଥିଲେ । ଏଥିପାଇଁ ଯୋଗିଆ କେତେଥର ଝିଅକୁ ଚେତାବନୀ ଦେଇଥିଲା । ମାତ୍ର ଏଇ ଗତ କାଲି ଯେତେବେଳେ ନିଜ ଆଖିରେ ଗୋଟିଏ ଟୋକା ସହ ଗପ ହେଉଥିବାର ଦେଖିଲା ତା ମୁଣ୍ଡକୁ ରାଗ ଚଢି ଗଲା । ଘରେ ପଚାରିବାରୁ ଝିଅ ଓଲଟା ଜବାବ ଦେଲା ବାପକୁ । ମନକୁ କଣ ଆସିଲା କେଜାଣି ରାତି ଅଧରେ ତଣ୍ଟି ଚିପି ମାରିଦେଲା ଝିଅକୁ । ଝିଅଟିର ଡାକ୍ତରୀ ପରୀକ୍ଷା କରିବାକୁ ପଠେଇଛି ପୋଲିସ ।

ଏତେ କଥା ଶୁଣିଲା ପରେ ମୋହନା ଦାଦା ମୁହଁ ଉଠାଇ ଚାହିଁଲେ । "ଠିକ ହୋଇଛି ମରିଛି । ତତେ ଯିଏ ପାଳି କରି ବଡ଼ କରିଛି, ତା କଥା ନ ମାନିବୁ ତ ଫଳ ଏୟା ହେବ", ଏ କଥା ମୋହନା ଦାଦା ମୁହଁରେ ବିଦ୍ରୁପ ଭାବ ଫୁଟାଇ ତାସର ନାଲିପାନ ଗୋଲି କୁ ନଇଲା ଉପରେ ପିଟି ଦେଇ କହୁଥିଲେ। ପୋଲିସ କାଳେ ପଚରା ଉଚରା କରି ଚଉଁରା ପାଖରେ ପହଞ୍ଚି ଯିବ ସେଥିଲାଗି ସେଦିନ ତାସ ଖେଳ ବହୁତ ଶୀଘ୍ର ଭାଙ୍ଗି ଦେଇ ସମସ୍ତେ ନିଜ ନିଜ ଘରକୁ ଚାଲିଗଲେ ।

ସଞ୍ଜବେଳେ ବାଡ଼ି ପିଣ୍ଡାରେ ବସିଥିଲା ବେଳେ ମୁଁ ଗୋଟିଏ ମନକୁ ଆମୋଦିତ କଲା ପରି ଦୃଶ୍ୟଟିଏ ଦେଖିଲି । ସେଠି ବସି ଯେତେବେଳେ ବାଡ଼ି ଆଡେ ଆଖି ବୁଲାଉଥିଲି , ସେତେବେଳେ ଅଁଳା ଗଛରେ

କାଳୀ ବସିଥିବାର ମତେ ଦିଶିଗଲା । ବାଡ଼ି ଭିତରେ ଥିବା ସମସ୍ତ ଗଛ ଘନ ସବୁଜ ଥିଲା ବେଳେ ଅଁଳା ଗଛଟିର ପତ୍ର ଈଷତ୍ ହଳଦିଆ ଥିଲା ଯାହା ପାଇଁ ଗଛଟି ଅନ୍ୟ ଗଛଙ୍କ ମେଳରେ ସହଜରେ ବାରି ହୋଇ ପଡୁଥିଲା । ସେହି ଅଁଳା ଗଛ ଡାଳରେ କାଳୀ ତୁନି ହୋଇ ବସିଥିଲା । ଦୂରରୁ କାଳୀର କଳା ରଙ୍ଗ ବେଶ ଆକର୍ଷକ ଦିଶୁଥିଲା । ପୌଷର ସେହି ସନ୍ଧ୍ୟାରେ ସେ ଧୀରେ ଧୀରେ ଦୋହଲୁ ଥିବା ଅଁଳା ଡାଳରେ ବସି ଦୋଳି ଖେଳୁଥାଏ ଯେମିତି । ନିଜକୁ ଲୁଚାଇବାର କୌଣସି ପ୍ରଚେଷ୍ଟା ନ ଥିଲା - ତିନି ଦିନ ତଳେ ଫେରାର ହୋଇ ଯାଇଥିବା କାଳୀର । ସେମିତି ହୋଇଥିଲେ ସେ ଝଙ୍କା ଗହଳ ଗଛଟିଏ ବାଛି ଥାଆନ୍ତା । ପୁଣି ଝଙ୍କା ନ ହେଲେ ବି ଏକଥା ସତ - ବାଡିର ସେହି କୋଣଟିକୁ କେହି ଯାଆନ୍ତି ନାହିଁ ।

ଯେହେତୁ କାଳୀ ହଜିବାର ତିନିଦିନ ପୂରା ହେବାକୁ ବସିଥିଲା, ତାକୁ ଖୋଜିବା କେବଳ ମୋହନା ଦାଦା ପାଇଁ ନୁହେଁ, ସମସ୍ତଙ୍କ ପାଇଁ କୌତୂହଳପ୍ରଦ ବିଷୟ ହୋଇସାରିଥିଲା । ମୁଁ ଛୋଟ ପିଲାଟିଏ ହାତରେ ମୋହନା ଦାଦାକୁ କାଳୀ ଠାବ ହୋଇଯାଇଥିବାର ଖବର ପଠାଇଲି । ଆଉ ମୁଁ ସେଇଠି ଠିଆ ହୋଇ ରହିଲି ଅଁଳା ଗଛରେ ବସିଥିବା କାଳୀ ଉପରେ ଆଖି ରଖି । ଖବର ପାଇବା ମାତ୍ରେ ମୋହନ ଦାଦା ତଡିତ୍ ବେଗରେ ପହଞ୍ଚି ଗଲେ ମୋ ଠିଆ ହୋଇଥିବା ଜାଗାରେ । ସାବାସୀ ଦେବା ଛଳରେ ମୋ ପିଠିରେ ହାତ ଥାପୁଡ଼େଇ ପଚାରିଲେ,

" କାହିଁ, କେଉଁଠି ବସିଛି ସେ ?"

-"ସେହି ଆଡେ ଦେଖ, ଦାଦା", ଅଁଳା ଗଛ ଆଡେ ନିର୍ଦ୍ଦେଶ କରି କହିଲି ମୁଁ ।

ଏକ ପ୍ରକାର ଅଦ୍ଭୁତ ଆନନ୍ଦ ଖେଳିଗଲା ମୋହନା ମୁହଁରେ । ସେ କହିଲେ, " ବର୍ତ୍ତମାନ ସେ ତା ବସିବା ଜାଗାରେ ସେ ବସିଥାଉ । ରାତି ଅନ୍ଧାରରେ ତାକୁ ଧରିବା "

ପୂର୍ବ ଯୋଜନା ଅନୁସାରେ ସେଦିନ ରାତି ଦଶଟା ବେଳେ ମୋହନ ଦାଦା ହାତରେ ଗୋଟେ ବଡ ଅଖା ଆଉ ଟର୍ଚ୍ଚ ଧରି ଆସିଲେ । ମତେ କାଳୀ ଆଡକୁ ଟର୍ଚ୍ଚ ପକାଇବାକୁ କହି ନିଜେ ସେ ଅଖା ସହ କାଳୀ ବସିଥିବା ଅଁଳା ଗଛଆଡକୁ ଅଗ୍ରସର ହେଲେ । ମୁଁ ଦୂରରୁ ଦେଖି ପାରୁଥିଲି କିପରି ଜକକା ହୋଇ କାଳୀ ଚାହିଁ ରହିଥିଲା ଟର୍ଚ୍ଚ ଆଲୁଅକୁ । ଉଡିବାର ପ୍ରଚେଷ୍ଟା କରୁ ନ ଥିଲା । ଉଡିଲେ ସେ ଯିବ ବା କୁଆଡେ ? ଯୋଜନା ଠିକ କାମ କଲା । ମୋହନା ଦାଦା କାଳୀକୁ ପଛପଟରୁ ଅଖା ସହ ଜାବୁଡି ଧରିଲେ ।

-" କିଆଉଁ କିଆଉଁ ..",

ଜୋରରେ ଶବ୍ଦ କରି ଉଠିଲା କାଳୀ ଆଉ ତାହା ସହ ବହୁତ ଶକ୍ତି ଲଗାଇ ଫଡ ଫଡ କରି ଡେଣା ପିଟିଲା ବି । ତାହା ମାତ୍ର କିଛି ସମୟ ପାଇଁ ଥିଲା । ମୋହନ ଦାଦା ଅଖା ଭିତରକୁ କାଳୀ କୁ ଫିଙ୍ଗିଦେଇ ଅଖା ମୁହଁକୁ ମୁଠାରେ ବନ୍ଦ କରି ଜାବୁଡି ଧରିଲେ ଗୋଟିଏ ହାତରେ । ତାଙ୍କ ମୁହଁରେ ଗୋଟିଏ ଯୁଦ୍ଧ ଜିତିବାର ଉଲ୍ଲାସ ଥିଲା । ମୁଁ ତାଙ୍କୁ ଖବର ଦେଇ କାଳୀକୁ ଧରିବାରେ ସାହାଯ୍ୟ କରିଥିବାରୁ ମୁଁ ବି ବହୁତ ଖୁସି ଥିଲି - ଯେମିତି ଗୋଟିଏ ଜାସୂସୀ ସମସ୍ୟାର ସମାଧାନ ମୋ ହାତରେ ହୋଇଯାଇଛି । ତା କିଆଉଁ କିଆଉଁ ରଡି ଆଉ ଡେଣା ଫଡ ଫଡ ହେବା ନେଇ ଟିକିଏ ଦୁଃଖୀ ଥିଲି କିନ୍ତୁ ମନ ଖୁସି ବି ଥିଲା କାଳୀ

ତାର ସ୍ୱାଭାବିକ ଜୀବନକୁ ଫେରି ଆସିବ ବୋଲି । ଭାବି ରଖିଥିଲି, କାଲି ସକାଳେ ତା ସହ ଆମେ ସମସ୍ତେ ପୁଣି ଖେଳିବୁ । ଦେଖିବୁ ତାର ସବୁ ପରାକ୍ରମ । ବିଲେଇକୁ ଡରେଇବ ସେ । ଉଚ୍ଚ ଡାଳରେ ବସି ସବୁ ପିଲା ମାନଙ୍କୁ ସେ ତା ରାଜକୀୟ ଠାଣିରେ ଅଭିଭୂତ କରାଇବ ।

ତା ପରଦିନ ମୋହନା ଦାଦା ଡକେଇ ପଠେଇଲେ ମତେ । ମୁଁ ପହଞ୍ଚି ଦେଖିଲି ସେ ବାଡ଼ି ପଟେ ଗୋଟିଏ ନୂଆ ମାଟି ଚୁଲି କରି କିଛି ରୋଷେଇ କରୁଥିଲେ । ମତେ ଦେଖି କହିଲେ,

" ଆ, ଆ ..ତୁ ତ ଆମର ମେନ ହିରୋ "

ମୁଁ ଜାଣି ସାରିଥିଲି ଆଜି ନିଶ୍ଚୟ ଛେଳି ମାଂସ ରାନ୍ଧୁଛନ୍ତି ମୋହନା ଦାଦା । ଯେତେବେଳେ ରମଣୀ ଖୁଡୀ ଘର ଭିତରେ ଆମିଷ ରୋଷେଇ ପାଇଁ ଅନୁମତି ଦିଅନ୍ତି ନାହିଁ, ସେହି ସମୟରେ ମୋହନା ଦାଦା ବାଡ଼ି ପଟେ ଏମିତି ଚୁଲି କରି ରାନ୍ଧନ୍ତି । ତଥାପି ମୋର କୌତୁହଳ ସମାପ୍ତ କରିବାକୁ ପଚାରି ବସିଲି, " ଆଜି କଅଣ ହୋଇଛି କି ଦାଦା ?"

-" ଆରେ, କାଲି ଯାହାକୁ ରାତିରେ ଅଁଳା ଡାଳରୁ ଧରିଥିଲେ "

-" କାଳୀ କଥା କହୁଛନ୍ତି ? କୁଆଡେ ଯାଇଛି ସେ ଚରିବା ପାଇଁ ?"

- "ଥରେ ଧରିଲା ପରେ ପୁଣି ଚରିବାକୁ ଛାଡି ଥାଆନ୍ତି ତାକୁ ! ସେ କଥା ଭୁଲରେ ବି ନୁହେଁ । ନାକରେ ପାଣି ପିଏଇଛି ସେ ମୋତେ "

ତତଲା ଡେକଚି ଭିତରୁ ମାଂସର ବାସ୍ନା ବୁଲି ଯାଉଥିଲା ବାଡ଼ି ପଟର ସେହି ଯାଗା ପୁଳାକ । ଆଉ ମୋ ମନରେ ସଂଶୟ କୁହୁଡ଼ିରର ଛୋଟ ଖିଅଟିଏ - ଯାହା ଗରମ ଧୂଆଁରେ ହଜି ପାରୁ ନ ଥିଲା ସହଜରେ । ସେତକ ଦୂର କରିବାକୁ ଯାଇ ଦାଦାଙ୍କୁ ପଚାରିଲି,

- "ତାକୁ ତାହେଲେ ବନ୍ଦ କରି ରଖିଛନ୍ତି ଘରେ ?"

"ଘରେ ନୁହେଁ, ଏଇ ଡେକଚି ଭିତରେ ଏଇନେ ସବୁ କିଛି", ହସି କହିଲେ ସେ ।

ମନ ଭିତରଟା ଦଳି ଚକଟି ହୋଇଗଲା । କାଳୀକୁ ମାରି ଦିଆ ଯାଇ ନାହିଁ ତ ! ତଥାପି ସମ୍ପୂର୍ଣ୍ଣ ନିରାଶ ହୋଇ ନ ଥିଲି । ବିଶ୍ୱାସ ହେଉ ନ ଥିଲା ଦାଦା କାଳୀ କୁ ମାରି ପାରିଥିବେ ବୋଲି ! ତାକୁ ନିଜ ଛୁଆ ଠାରୁ ବି ଅଧିକ ସ୍ନେହରେ ପାଳିଥିଲେ ସେ । ସନ୍ଦେହ, ଦୁଃଖ ଆଉ ଉତ୍କଣ୍ଠା ସହ ଆଶା ଟିକକ ମିଶାଇ ସିଧା ପ୍ରଶ୍ନ ପଚାରିଲି ଦାଦାଙ୍କୁ,

"କାଳୀକୁ କଅଣ ହେଲା, ଦାଦା ?"

-"ହଁ ରେ ସେହି କାଳୀ କଥା କହୁଛି - ଏଇ ଚଢେଇ ବକଟକ ମତେ କେତେ ହଇରାଣ ନ କରିଛି; ବ୍ରାହ୍ମଣ ସାହି ଠାରୁ ଆରମ୍ଭ କରି ଧୋବା ସାହି ପର୍ଯ୍ୟନ୍ତ କେତେ ନ ଖୋଜେଇଛି ମତେ !"

ମୁଁ ଆଁ ଟେ କରି ତାଙ୍କ ମୁହଁକୁ ଚାହିଁ ରହିଥିଲି ।

ସେ ତାଙ୍କ କହୁଥିବା କଥାକୁ ଜାରୀ ରଖି କହୁଥିଲେ, "ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି । ଏବେ ନାମ ନେଉ ଥା ।"

ଏଥର ମୋହନା ଦାଦା ଠୋ ଠୋ ହୋଇ ହସୁଥିଲେ । ତାଙ୍କ ମୁହଁରେ ମୁଁ ଦେଖୁଥିଲି ଯୋଗିଆ ସାଆନ୍ତରାର ପାଶବିକତା, ଯିଏ ମାତ୍ର ଏଇ ଦୁଇଦିନ ତଳେ ପାଳିତା କନ୍ୟାର ତଣ୍ଟି ଚିପି ମାରି ଦେଇଥିଲେ । ମନୁଷ୍ୟର କ୍ରୁର ଭାବନା ଗୁଡିକର ବିଭସ୍ତ ଖେଳ ସତରେ ଏତେ ଭୟାବହ ଆଉ ଘୃଣ୍ୟ ହୋଇପାରେ ! ଅନୁଭବ କରୁଥିଲି ବିକଳାଙ୍ଗ ହତାଶା କିପରି ନିଜେ ନ ପାରି କ୍ରୋଧ ହାତରେ ଧରେଇ ଦେଇଥିଲା ପ୍ରତିଶୋଧର ଖଣ୍ଡାକୁ ।

କାଳୀ ତା ଭିତରେ ଥିଲା ଦାମ୍ଭିକ ଆଉ ନିଜ ଇଚ୍ଛାରେ ଜିଉଥିବା ଆତ୍ମାଟିଏ । ତାକୁ ନେଇ ପ୍ରତିଶୋଧ ପରାୟଣ ହୋଇଗଲା ମଣିଷ କିପରି ? ଦେଖିବାକୁ ଗଲେ ଥିଲା ସେ ଇତର ଜୀବଟିଏ । ସିଧା କହିଲେ ନିରୀହ ଚଢ଼େଇଟିଏ ମାତ୍ର । ଏ ସବୁ ଭାବି ଭାଙ୍ଗି ଯାଉଥିଲି ମୁଁ ଭିତରୁ । ଦୋଷ ଭାବନା ମତେ ଗ୍ରାସ କରି ସାରିଥିଲା, କାରଣ ମୁଁ କାଲି ତାକୁ ଧରିବାରେ ସାହାଯ୍ୟ କରିଥିଲି । ଆଖିରେ ଲୁହ ଜକେଇ ଆସିଲା ତା ପାଇଁ । ଏତେ କଥା ଜାଣିଥିଲେ ଘଉଦେଇ ଉଡେଇ ଦେଇଥାନ୍ତି କାଳୀକୁ ।

ଆଉ ଏଥର ମୁଁ ମୋଡି ଚାହିଁଲି ଚୁଲି ଆଡେ ।

ପୂର୍ବପରି ଡେକଚି ଭିତରୁ ବାହାରୁଥିଲା ମାଂସର ଗନ୍ଧ ବାମ୍ଫ ସହ ମିଶି । ଢ଼ାଙ୍କୁଣୀ ପେଲି ଯେମିତି ଘଞ୍ଚ ବନର ରାଣୀ କାଳୀ ବାହାରିବାକୁ ଚେଷ୍ଟା କରୁଥିଲା ପ୍ରାଣ ପଣେ ।

ଏଥର ଦାଦା ଚୁଲିରୁ କାଠ ବାହାର କରିଦେଲେ । ଢ଼ାଙ୍କୁଣୀ ଆଉ ବାମ୍ଫରେ ନାଚୁନି । କାଳୀ ଅବଶ ହୋଇ ଶୋଇ ଯାଇଛି ତା ଭିତରେ । ଅଳେଇଚ ଡାଲଚିନି ମିଶି ତା ଖିଅ ଖିଅ ସିଝା ମାଂସ ସହ ଗାଉଛନ୍ତି ମନ୍ତ୍ର ... କ୍ଷୁଧା ଆଉ ପଶୁତ୍ବର ନୈବେଦ୍ୟ କରିବାକୁ । ଦୁଇ ମିନିଟରେ ସବୁ ରେଡି ହୋଇଯିବ ।

ପେଟ ଭିତରୁ ହାବୁକା ମାରି କଣ ଗୋଟିଏ ଉଠିଲା । ସବୁ ଅନ୍ତ ମୋଡି ପକାଇଲା ଯେମିତି କିଏ । ଦଉଡି ଗଲି ପାଳ ଗଦା ପଛ ପଟକୁ - ସମସ୍ତଙ୍କ ଅଜାଣତରେ । ଭକ ଭକ କରି ବାନ୍ତି କରି ପକାଇଲି ସେଇଠି । ସେଇଠୁଁ ଲେଉଟି ଦେଖୁଥିଲି ପଣସ ଗଛ ମୂଳ ଚୁଲି ଆଡେ । ପଣସ ଗଛ ତଳେ ହେବ ପାଞ୍ଚ ଜଣଙ୍କର ଏ ଅମୃତ ମଣୋହି । ସେଥିପାଇଁ ଜଣେ ଜାଗା ସଫା କରୁଛି । କଦଳୀର ଭଲମଞ୍ଜ ପତ୍ର କାଟିବାକୁ ଦାଆ ଧରି ନିଜେ ମୋହନା ଦାଦା ଯାଇଛନ୍ତି ଗଡ଼ିଆ ବନ୍ଧକୁ ।

ଅନୁଭବ କଲି - ଏଇନେ ମତେ କେହି ଖୋଜୁ ନାହାନ୍ତି ଖାଇବାରେ ଯୋଗ ଦେବାପାଇଁ । ଜାଣିଛି ସେମାନେ ସମସ୍ତେ ଅତ୍ୟଧିକ ଭୋକିଲା ଅଛନ୍ତି । ମତେ ନ ପାଇ ସେମାନେ ନିଶ୍ଚୟ ଖାଇବା ଆରମ୍ଭ କରିଦେବେ ।

ମୁଁ ମୁହଁ ଟେକି ଚାହିଁଲି ବାଡିର ପ୍ରତ୍ୟେକ ଗଛ ଆଡକୁ । ଖୋଜୁଥିଲି ଡ଼ାଳରୁ ଡ଼ାଳ ଉଡି ବୁଲୁଥିବା କଳା ଛାଇଟିଏକୁ । ସେମିତି କିଛି ନ ଥିଲା କେଉଁଠି । ସବୁ ବୃକ୍ଷ ଡ଼ାଳକୁ ରିକ୍ତ କରି ଛାଇଟି ହଜି ଯାଇଥିଲା ।

ଦଦ

**ଅଜୟ ମହାଲା** ଜଣେ ଗାଳ୍ପିକ, କବି, ଅନୁବାଦକ ଓ ଫୋଟୋଗ୍ରାଫର । ରେଭେନ୍ସା ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ଶାସ୍ତ୍ର, ପରିସଂଖ୍ୟାନ ଆଦି ବିଷୟରେ ଡିଗ୍ରୀ ପ୍ରାପ୍ତ କରିଛନ୍ତି । ଭାରତୀୟ ରାଜସ୍ୱ ସେବା ଅଧିନରେ ଅତିରିକ୍ତ ଆୟକର ଆୟୁକ୍ତ ପଦରେ କାର୍ଯ୍ୟ କରନ୍ତି । ସେ ଓଡ଼ିଆ ଭାଷାର ପ୍ରଥମ ହାଇକୁ କବିତା ସଙ୍କଳନ 'ଘୁଞ୍ଚୁ ନ ଥିବା ଜହ୍ନ' (The Unmoving Moon) ର ରଚୟିତା । କବିତା ସଙ୍କଳନ: 'ଅଧା ତିଆରି ଘର' (The Half - Built House), 'ଉଁ', ' ମାୟ ଫେଭ୍' । ବସନ୍ତ କୁମାରୀ ପଟ୍ଟନାୟକଙ୍କ 'ଅଲିଭା ଚିତା'ର ଇଂରାଜୀ ଅନୁବାଦ ଉପନ୍ୟାସ: The Undying Flame । 'ଉଁ' କବିତା ସଙ୍କଳନରେ ନାରୀର ବାଉନଟି ଅନ୍ତରଙ୍ଗ ଅଭିବ୍ୟକ୍ତିକୁ ନେଇ ରଚିତ କବିତା ସମ୍ମିଳିତ । ଲେଖକଙ୍କ ନିଜ ମତରେ 'ମାୟ ଫେଭ୍' ତାଙ୍କର ସବୁଠୁଁ ପ୍ରିୟ କୃତି ।

ଦଦ

# A scorpion under the skin

Sumitra Mishra

"Ah! Excellent! Your hands are soft and sexy", whispered Sudha to the masseuse, who was smoothly and gently running her trained, skilled and experienced fingers on her face and neck. She was lying on a narrow bed in a semi-dark, air-conditioned, conical room in her friend's beauty parlour "Sindoor". She was wearing a half gown provided by the parlour, used for the safety of the customer's costly attire. Soft instrumental music and the cool silence in the parlour created a cosy ambience that made Sudha sleepy. But she was consciously avoiding sleep by exercising her toes and knees while waiting patiently for the call of Prabodh .Her iphone was in her grasp, sober and mute in anticipation.

"Thanx, ma'm!" responded Puja, the young girl giving her a Sahanaj Gold facial, her favourite at the moment.

"Is this cream in Sahanaj Gold package? It's smell is so different.", Sudha asked in a doubtful voice.

"No, ma'm, that Sahanaj Gold cream is out of date. So Didi asked me to use the Omega 3 pack. This is better. "

"But why? Samita knows I prefer the Sahanaj Gold pack! I have been using it for a decade or so. It suits my skin, you know, even gives it a glowing radiance! Can you please call Samita?" requested Sudha.

The girl got up softly and in no time Samita, her friend-cum-colleague was standing by her bed. She patted Sudha's shoulder in a gesture of reassurance and calmly said,

"Don't worry, Sudha. Sahanaj is now-a-days out dated. Her product has been under a lot of scrutiny because of many complaints. Believe your friend, Omega 3 is much better than Sahanaj, try it and you will agree with me."Samita gave a brilliant smile and showed the product to her. The glossy packet carried the face of a beautiful, vibrant girl with her flowing straight hair flung into the air with joy and pride, while her face advertised the graduated glow of her facial skin.

Sudha was always suspicious of the merit of advertisements, which most of the time exaggerated the value of the products to allure and elude the consumers. She, however, implicitly trusted her friend's judgement on beauty products as well as her opinion on practical matters of life. Her aesthetic taste and knowledge of interior decoration often startled her, but what impressed

her most is her choice of her assistants and management of the fourteen odd workers in the parlour with such authentic authority that she never heard a whimper of complaint from these girls with whom she had become acquainted and popular over time. Her thought turned to the girl named Puja who was massaging her face so deftly for more than an hour using cleansing serums, scrubs, face packs and scented creams. As Puja covered her face with the final face pack and put two round pieces of cool cucumber on her eyes, she could not resist asking her,

“What about your new apartment, Puja? Did you get any suitable one?”

Puja replied grimly, “Don’t ask, Didi, I have searched all around for a room with in two thousand, but all these cheap accommodations do not provide private toilets! I can’t manage in a shared toilet or bath, not habituated. So I am still staying in the outhouse of Samita Didi. I am cooking lunch and dinner for her, so Didi has given me her outhouse free. Actually her driver was using it to stay at times, but since Kunal babu has learnt driving Didi is not hiring a driver. The room is small, but has a bed and an attach bathroom and toilet. “

“That’s so good for you! You save the house rent and transport expenses! Why has not Samita told me about this?”

Puja switched off the light and whispered, “Relax for ten minutes, this pack needs to dry! I will get your waxing material ready in the mean time.” She walked away in soft but strong, purposeful steps and washed her hands in the wash basin.

The gurgling sound of water in the wash basin and a song in Arman Mallick’s voice “*Pal pal dil ke paas tum rehte ho*” transported Sudha to the past, reminding her of the banks of Hoogly river in Kolkata, from where she had rescued Puja from a suicide attempt almost four years ago. It was a providential accident. She was standing on the banks of the river waiting for a boat to ferry her across to the other side to her in-laws’ residence. It was around 8p.m. in the evening. Due to heavy rainfall the week before, the river was in a spate, bawling like a mad woman. She heard a quick rustle of running steps behind her. As she looked back, a running woman crossed her and she could figure out her purpose from her trailing *saree* and dishevelled shape. Before the girl could jump into the river, Sudha ran and hold her back tightly in her arms. She cried inconsolably and wriggled to free herself. Sudha had not understood at that time what a gem of a girl she had chanced to save from being lost forever.

Puja’s story was the common tale of betrayed love but with a twist. It was not her lover who had betrayed her before or after marriage, but it was her own mother who had betrayed her trust. Puja had fallen in love with a man of lower caste, staying on rent in an apartment close to hers in a big building.

The man, Pramod, was tall, handsome and fair with deep blue eyes and a soft, sibilant tone that could freeze the heart of any young girl. She fell for the man without knowing anything about him. When her family discovered her affair with a man of lower caste and lower status, she was asked to sacrifice her love for the honour of her family. She was too deeply in love to leave him. So she eloped with her lover and went to Bangalore. She found a job as a receptionist in a small computer shop located in a suburb of Bangalore. Her personality was attractive and voice soft spoken, her spoken English was better than expected because she was schooled in a convent. Pramod also procured a job as a security guard in a nearby shop. They rented a small apartment and lived happily like lovebirds perching gaily in their nest.

"*Humhe tumse pyyar kitna, ye hum nehin jante*", suddenly the ring tone of her mobile came alive. She became anxious, as she knew that Prabodh was calling and how important it was to respond to him. But her eyes were packed! She called Puja and asked her to switch on the receive button of her mobile. What should she say to Prabodh? She certainly can't confess that she has helped her daughter to elope with her Muslim lover. Prabodh would kill her. But what other path she had? Life had become a jinx for her clobbered between the strong wills of the two most important persons of her life, her husband and her daughter. She thought for a moment and asked Puja to switch off the mobile.

"Silence is golden, when in doubt or dismay", thought Sudha. She felt as if a scorpion was moving under her skin, a current of fear and repulsion threatened her being. Why does life become so complex at times? Why should the young girls fall in love beyond their caste or class? Why should the parents be obsessed with social stigma, taboo and honour instead of the children's welfare? How can she blame Puja's parents while she herself does not know what is going to happen to her own daughter!

She felt a stream of sweat trickling down her forehead towards her ears. Fear? Oh, no, the AC has stopped functioning. Puja told her that this is the time for regular power cut and their backup generator was out of order. She asked Puja to get a hand fan and fan her so that the face pack may dry. While Puja fanned her, Samita shouted at the girls who had started chattering. They were all wearing pink striped uniform gown, with their hair matted into a cosy bun. Samita loved to see everyone in her parlour disciplined and everything in order. She stacked all the beauty products, gowns, towels neatly stacked in separate cupboards all coloured in different colours. Sudha was not much of a disciplined person, so she could not but admire Samita's parlour its cosy comfort. She preferred to hide herself in the parlour whenever she wanted to escape the frustrations of her life. In the soothing ambience of the parlour, and amid the smart and friendly girls, she felt peaceful. While her mind was

framing answers for Prabodh's questions, she recollected Puja's story of horror narrated to her that fateful night, when she had saved her life.

After almost three years of her elopement, Puja had received a call from her mother on her office phone. She was utterly surprised as to how her mother landed upon that telephone number, which she never shared with anyone, knowing that her parents must have informed the police. She was their only child, they loved her, pampered her,spoiled her with too much attention. Then she recollected that she had a met one of her school friends from Kolkata in a mall. She had been so overwhelmed with emotion to see someone from her own city, speaking in her mother tongue Bengali that she had immediately gone to a tea stall with her and shared her whereabouts in the city forgetting that she was in hiding .Though she had shared the location and the name of the shop where she was working without divulging any name or phone number,her mom had discovered the phone number. She remembered that her father was expert in using internet and scouring information. It must have been through the Google search engine. Over the phone,that hateful day, her mother cried and cried inconsolably. She told her that her father had become so sick after she left the house that he had suffered from a mild heart attack and had been paralyzed in the left side. She also said that they had forgiven her and her father was waiting to see her before his end. Puja was so shaken to hear the news of her father's sickness that she could not feel the tinge of drama in her mother's voice. She thought after all they were her parents, they must have forgiven her. She convinced Pramod to come with her to Kolkata and meet her parents. Hardly had she imagined that not an anguished mother and a paralyzed father were waiting for her, but a vengeful witch and a cruel dragon were waiting for them to fall into their trap. When they reached home, she was surprised to find both her parents in good shape excepting their mental anguish. Somehow she apprehended danger and wanted to return after a few days. But the Dusherra puja was on the offing , so her mother requested her to spend only a week more for the *pujas*. She was happy to see her parents in good health, but their behaviour was disturbing. Her mother spoke too much of irrelevant events instead of showing interest in her life, where as her father did not speak much, either to her or her husband Pramod.

The temptation of being in Kolkata during Dusshera overtook her decision to return to Bangalore. It was a time for fun and festivity. Almost all homes in the city were crowded with guests. Fish, sweets, new clothes, lots of fun and frolic flowed freely. Puja indulged in the festive fervour and hopped around the city visiting the decorated *puja pandals*.The city was overcrowded and noisy with music and chanting of *Chandi* blaring all day from all sides. Amid the festive fervour, while Kolkattans were busy worshipping Goddess Durga, evil Mahishashura jumped on Puja shattering her dreams of a happy home.

Her parents conspired to crush the fly that had spoilt their broth. While she was moving around the city with old friends, enjoying the music and dance shows, Pramod was killed by hired goons and she was given the impression that he had met with a fatal accident. But the police inquiry revealed the truth and both her parents were taken to police custody. Puja blamed herself for Pramod's death as well as her parent's derangement. She became so despondent that she wanted to end her life, which seemed anchorless to her without them.

Sudha's mind was roaming on those words of Puja and her inconsolable frame, wriggling in her arms to throw herself into the river. She had overpowered Puja with her physical and mental force and taken her to her in-law's house rescuing her from the torrents of a mad river and loony mind. She brought Puja with her to Bhubaneswar intending to keep her in her home as a help and friend to his daughter. But Prabodh vehemently opposed the idea and asked her to throw Puja any where she likes apart from his house. So she took Puja to Samita, who willingly sheltered her, gave her a job, training and purpose to live. But is she happy? Is not she going to marry again?

At this point someone's soft touch on her face jolted her back to the present. As Puja started unmasking the face pack from her face, she asked:

"Puja, are your parents still in jail?"

While carefully wiping her face with a cotton pad Puja replied,

"No, Didi, the police could not provide enough evidence of the crime, so they were released. But my father died of a heart attack and my *ma* is now in an old age-home, suffering from Alzheimer's diseases."

"Have you gone to visit her ever?"

"Yes, I was called by police when she was put into the old-age home in a very sorry state. My uncle was conspiring to claim the house and take possession of it. I intervened. But I didn't want to return to that ghostly house, so I took the help of a lawyer and rented the apartment. The rent goes to the old-age home in the name of my mother for her sustenance."

"Well done! At least you did your bit!"

"But Didi, tell me, everyone is saying children are selfish! What about the parents? Aren't they also selfish? Cruel?"

Sudha had no answer for her.

Suddenly her phone came alive again with her husband's ringtone. She felt as if the scorpion under her skin was no more wriggling but biting her. She remembered Prabodh had threatened her that he will commit suicide if their daughter Pragyan marries her colleague, a software engineer but of Muslim

community. She got up so agitatedly that the gown slipped off her body, she stood almost naked in front of Puja who was preparing her waxing dish.

∞∞

**Dr. Sumitra Mishra** is a Retired Professor of English and a bilingual writer who writes in English and her mother tongue Odia.To her credit she has published six books of poetry titled Penelope's Web, Flames Of Silence, The Soul Of Fire, Still The Stones Sing, The Red Moon, Roses And Bruises, and a short story titled remeniscence. Dr. Mishra has also written poetry, short stories, plays and translation books in her mother tongue. Her poems and stories have been published in many reputed magazines and e-zines in both Odia and English. She is editing a women's magazine in Odia titled *Smruti Santwona*. She is an avid blogger and her blog is www.SmilingSumitra.com where she posts videos of her English and Odia poetry as well as short stories and chants.

∞∞

# Rath Yatra

Mithun Jena



∞∞





∞∞



∞∞

**Mithun Jena**, Bhubaneswar

∞∞

# ଫ୍ଲାସ୍ ବ୍ୟାକ୍

ମାନସ ରଞ୍ଜନ ମହାପାତ୍ର

ଅନେକ ଦିନୁ ସରିବ ସରିବ ହେଉଛି, ବିତିଗଲାଣି ଅନନ୍ତ କାଳ
ହେଲେ ସରୁନି,ସରିପାରୁନି ନାଟକ

ଫେରିଗଲେଣି ଅନେକ ଦେଖଣାହାରୀ
ବିଦାୟନେଲେଣ ଅନେକ ଅଭିନେତା ଅଭିନେତ୍ରୀ
ଖାଲି ହେଇଗଲାଣି ମଞ୍ଚ, ହଲ୍ ବି
ଲିଭିଗଲାଣି ଆଲୁଅ
ଖାଁ ଖାଁ ପଡ଼ିଲାଣି ଚାରିପାଖର ରାସ୍ତା
ବନ୍ଦହେଲାଣି ଦୋକାନ ବଜାର
ମଉଳି ଗଲାଣି ଚା'ଦୋକାନର ଭିଡ଼
କେତେ ଯୁଗରୁ ଚାଲିଛି ଏ ନାଟକ କେଜାଣି
କେବେ କେବେ ଲାଗୁଛି ସରିଯିବ ଆଜି
ହେଲେ ସରୁନି

ନୂଆ ନାଟକ ଦେଖିବାକୁ କେହି ନାହିଁ ଆଉ ଏଠି
ପୁରୁଣା ମାଇକବାଲା କେବେଠୁ ଗଲାଣି ଯେ ଗଲାଣି,ଆଉ ଫେରୁନି
ବହୁ ଦେଖଣାହାରୀ ପୁଅଝିଅମାନେ ବୁଢ଼ା ବୁଢ଼ୀ ହେଇ
ଜେଜେ ମାଆ ଜେଜେବାପା ଅଜା ଆଈ ହେଇସାରିବେଣି,କଳା ବାଳ ପଡିଗଲାଣି ଧଳା
ଦିଶିଲାଣି ଝୋଟ ପରି

ହେଲେ ନେପଥ୍ୟ ନାଟ୍ୟକାର ବନ୍ଦ କରୁନି ଲେଖିବା ତା ଅନନ୍ତ ନାଟକ
ନିର୍ଦ୍ଦେଶକ ବନ୍ଦ କରୁନି ନିର୍ଦ୍ଦେଶନା
ବନ୍ଦହେଉନି ଭଙ୍ଗା ଦଦରା ଥିଏଟର
ନାଟକ ଚାଲିଛି, ସରିବ ସରିବ ହେଉଛି ବାରମ୍ବାର
ହେଲେ ସରୁନି

ଏ ନାଟକ କେବେ ସରିବ କେଜାଣି ?
ထထ

# ଉପପାଦ୍ୟ

## ମାନସ ରଂଜନ  ମହାପାତ୍ର

ଗୋଟିଏ ଦୁଃଖର ନାଁ
ଅନୁଭୂତି

ଗୋଟିଏ ତାରାର ନାଁ
ଅରୁନ୍ଧତୀ

ଗୋଟିଏ ନଦୀର ନାଁ
ଇଚ୍ଛାମତୀ

ଗୋଟିଏ ପ୍ରେମର ନାଁ
ସରସ୍ୱତୀ

ଅରୁନ୍ଧତୀରେ , ଅନୁଭୂତିରେ, ଇଚ୍ଛାମତୀରେ
ସରସ୍ୱତୀରେ ନିୟତି ଭାରତୀ
ଅଥଚ ମୋ ପୃଥିବୀ ଗୋଟେ ଜଟିଳ ଜ୍ୟାମିତି
ସ୍ୱପ୍ନ ଅସରନ୍ତି .......

ಂಂ

# ଶେଷ ସଙ୍ଗୀତ

## ମାନସ ରଂଜନ  ମହାପାତ୍ର

ମାନସ ରଂଜନ ମହାପାତ୍ର

ଅନେକ ବର୍ଷ ଶୁଣିସାରିଲିଣି, ମତେ
ଏବେ ଗାଇବାକୁ ଦିଅ

ବହୁଦିନୁ କହିନି ଶବ୍ଦଟେ ବି

ଗାଇନି ଗୀତଟେ
ଦେଖ, ସେଇ ଚଢ଼େଇମାନେ ଗୁମୁରୁଛନ୍ତି
ଶୁଣିବେବୋଲି
ଚୁପଚାପ୍ ନଈଟି ବହିଯାଉଥିଲା କାଲିଯାଏଁ
ଏବେ ବନ୍ଦ କରିଦେଇଛି ବହିବା
ମୋ ଗୀତ ଶୁଣିବ ବୋଲି
କେବେଠୁ ଥମିଯାଇଛି ପବନ
ମତେ ଏବେ ଗାଇବାକୁ ଦିଅ

ପ୍ରସ୍ତୁତ କର ତୁମ  ବାଦ୍ୟଯନ୍ତ୍ର
ସଜ୍ଜିତ କର ମୋ ମଞ୍ଚ
ମୋର ଅଜସ୍ର  ଅନାମ ଶ୍ରୋତାଙ୍କୁ ଡାକ
ଗାଇବି ମୁଁ ଗୀତ

ଏଇ ବୋଧେ ହେବ
ଶେଷ ସଙ୍ଗୀତ  ମୋର....

ထထ
**ମାନସ ରଂଜନ  ମହାପାତ୍ର**
ထထ

# ଅକ୍ଷର ଈଶ୍ୱର

ହୀରକ  ମିଶ୍ର

ପୁଞ୍ଜାଏ ଅକ୍ଷର !
ସଜେଇ ଦେଲେ, ବ୍ରହ୍ମ ହୋଇ ବ୍ରହ୍ମାଣ୍ଡର କଥା କୁହେ !
ଅସଜଡ଼ା ହେଲେ, ବୋମା ହୋଇ ବର୍ଷିଯାଏ !

ପ୍ରତିକ୍ଷଣେ, ଚାଲିଛି !
ଭଙ୍ଗା ଗଢ଼ା
କାଳ ବିବର୍ତ୍ତନରେ ଦିଶୁଚି ଜଳଜଳ
ପୃଥିବୀର ନଗ୍ନ ଛବି
କାହିଁକି କେଜାଣି
ବ୍ରହ୍ମଠାରୁ ବୋମା, ଭାରି ଭଲଲାଗେ ସେମାନଙ୍କୁ ।

ଭୂଃ ଠାରୁ ଭୂମା ଯାଏଁ
ଖୋଜା ଚାଲିଛି ! ସୃଷ୍ଟିର ଗୁଢ଼ ରହସ୍ୟ

ଜୀବନର ଦୌଡ଼ରେ,
ମଣିଷ ଦେଖୁଛି ମଣିଷକୁ
ଆଦିମତାରୁ ଆଜିକୁ,
ମଣିଷ ହେବାର କୌଶଳ କୁ   ।

ମେସୋପଟାମିଆରୁ ମହାନଦୀ,
ପଳାଶ ଫୁଲରୁ କାଶତଣ୍ଡି ଯାଏଁ
ସବୁଠି ସେଇ ଗୋଟେ କଥା ବୁଝିବାକୁ !

ନଦୀ ଆଉ ନାରୀ !
ଦୁହେଁ ସ୍ରୋତସିନୀ, ଜନନୀ ବି
ଚାଲୁଥିବାତକ ଜୀବନ ଥାଏ, ଅଟକିଲେ ଜ୍ୱାଳା !

ପୁରାଣ କୁହେ,
ଜଳତତ୍ତ୍ୱରେ ଜୀବନ,

ନୀଳବର୍ଣ୍ଣରେ ଦର୍ଶନ !
ସିନ୍ଧୁ ବି ନୀଳବର୍ଣ୍ଣ, ନଭ ବି ..
କୁହ ତେବେ,
ତାର ବିନା ଇଙ୍ଗିତରେ
କେବେ କଣ ହଲିଛି କି ଦୁବ ?

ꝏꝏ

**ହୀରକ ମିଶ୍ର,** ପଦାର୍ଥ ବିଜ୍ଞାନୀ, ଅଧ୍ୟାପକ । ଲକ୍ଷ୍ୟ: 'ସାହିତ୍ୟ ସମାଜର କଥା କହୁ ଓ ସୁଧାର ଆଣିବାରେ ପ୍ରମୁଖ ଭୂମିକା ଜାରି ରଖୁ' । ହୀରକ ମିଶ୍ର ଓଡ଼ିଆ ସାହିତ୍ୟ ପ୍ରତି ଅଗାଢ ଆତ୍ମୀୟତା ରଖନ୍ତି । ତାଙ୍କର ଦୁଇଟି କବିତା ସଂଙ୍କଳନ ପ୍ରକାଶିତ ହେବା ଅପେକ୍ଷାରେ । ସେ ଭୁବନେଶ୍ୱରରେ ରହନ୍ତି ।

ꝏꝏ

# ଘରଚଟିଆ

## କୁଞ୍ଜ ବିହାରୀ ସାହୁ

ଘରଚଟିଆରେ ଘରଚଟିଆ
ଦେହର ରଙ୍ଗଟି ଧଳା ମାଟିଆ ।
କାଠିକୁଟା ତୁହି ଥଣ୍ଟରେ ଆଣି
ଘର କରୁଥାଉ ତୋ ମନ ଜାଣି ।
ଛୋଟିଆ ଦିଶଇ ଘରର ମୁହଁ
ତଥାପି ପଶଇ ତୋଅରି ଦିହ ।
ବିଲ ହୁଡ଼ା, ତାଳଗଛରେ ଘର
ଘରେ ରହୁଥାଉ ନଥାଏ ଡର ।
କୁନି ପିଲା ସାଥେ ଖୁସିରେ ଥାଉ
ତାଙ୍କୁ ଖୁଆଇ ତୁ ଆହାର ଖାଉ ।
ଆସୁ ବା ବରଷା, ବତାସ -ଝଡ଼ି
ଘରଟି ଯାଏନା କେବେ ତ ଛିଡ଼ି ।
ଶିକାରୀ ଦେଖିଲେ କରୁ ତୁ ଭୟ
କାଳେ ମାରିଦେବ ରଖି ସେ ଲୟ ।
ତୋ ପରି ବିନ୍ଧାଣୀ ନାହିଁରେ ନାହିଁ
ଏମିତି ଘରଟେ ମିଳିବ କାହିଁ !
ଗାଆଁରେ ଦିଶୁନି କୋଉଠି ଗଛ
ମଣିଷ ଭାବୁଛି ତୋତେରେ ତୁଚ୍ଛ ।
ଗଛକୁ କାଟିଲା ମନକୁ ମନ
ସତେ କି ତାହାର ନିଜର ଧନ !
ତୋ ଦୁଃଖ ଶୁଣୁନି ଆଜି ସେ ଆଉ
ଭାବୁଛି ଚଟିଆ ଯୁଆଡେ ଯାଉ ।
ଘରଚଟିଆ ତୁ ଯୋଉଠି ଥାଆ
କିଚିରିମିଚିରି ଗୀତଟି ଗାଆ ।
ତୋ ଗୀତ ଶୁଣିଲେ ହୋଇବି ଖୁସି
ତୋଅରି ପାଖରେ ଯିବି ମୁଁ ବସି ।

ꣿꣿ

**କୁଞ୍ଜ ବିହାରୀ ସାହୁ** ଜଣେ ଶିଶୁସାହିତ୍ୟିକ । ଶିଶୁସାହିତ୍ୟ ବ୍ୟତିରେକ ସମ୍ଭ୍ରାନ୍ତ ଶ୍ରେଣୀୟ ଗପ, କବିତା, ପ୍ରବନ୍ଧରେ ରୁଚି ରଖନ୍ତି । ପ୍ରକାଶିତ ପୁସ୍ତକ: ୧. କବିତା କଳିକା, ୨. ଫୁଲର ମହକ (କବିତା), ୩..ଡରକୁଳା ଗୁଣ୍ଡୁଚିମୂଷା (ଲୋକ କଥା), ୪. ରତନା (ସାମାଜିକ କାହାଣୀ), ୫. କାଉ ବସାରେ କୋଇଲି ଅଣ୍ଡା (ଆଦିବାସୀ ଲୋକ କଥା) । ସାହିତ୍ୟ ସର୍ଜନାର ସମ୍ମାନ ସ୍ୱରୂପ ଅନେକ ସାହିତ୍ୟ ଅନୁଷ୍ଠାନରୁ ସମ୍ମାନିତ ଓ ପୁରସ୍କୃତ । ଭୁବନେଶ୍ୱରରେ ରହନ୍ତି ।

ꣿꣿ

# The fruit basket

Simone Pradhan



∞∞

**Simone Pradhan**, UK. She occasionally dabbles in art, enjoys making comics and writing dialogue. About this painting she says, "I think there is something beautiful in the mundane, a snapshot of life taken to be preserved. The subjects of these paintings existed in that moment, and will continue to exist as the world changes around the canvas."

∞∞

# କେ ଜାଣେ, ଦେଖା ହେବ କି ନା

**ନରେଶ ଚନ୍ଦ୍ର ସାହୁ**

ଆଉ ଟିକେ ପାଖେଇ ଆସ
ଭଲ କରି ଟିକେ ଗପିବା
ବିତେଇଥିବା ଅତୀତକୁ ଚିମୁଟିବା
ପୁରୁଣା ସ୍ମୃତି ସବୁକୁ ଉଖୁରେଇବା
ସମୟ ଯାହା,
କେତେବେଳେ କୋଉ କଥା !!

ନିରୋଳା ସମୟ ଟିକେ ନିଜ ପାଇଁ ବାହାର କରିବା
ଏବେ ଖୁବ ବଡ଼କଥା
ବନ୍ଧୁସହ ଖଟି କଥା ତ ଛାଡ଼
ଜଗା ପାଖରେ ହାତ ଯୋଡ଼ି
ମନର କଥା କହିବାକୁ ବି ଫୁରୁସତ ନାଇଁ
ସେଇଥି ପାଇଁ ତ କହୁଛି
ଆଜି ଟିକେ ପାଖାପାଖି ବସିବା
ନିଧଡ଼କ ଗପିବା
କେ ଜାଣେ,
ଆଉ ଦେଖା ହେବ କି ନା ।।

ଜୀବନ ଏବେ ମହରଗ
ମରଣ ଖୁବ୍ ସୁଲଭ
ନିରୋଗ ଜୀବନଟେ ସାତ ସପନ ହେଇ ପଡୁଥିବା ବେଳେ
ମରଣର ଅନେକ ଗଳା ବାଟ
ମଣିଷକୁ ଆଲିଙ୍ଗନ କରୁଛି ।

କରୋନାର ତାଡ଼ନାରେ ଦିଗହରା ଜୀବନ
ନଅସି ପଡୁଛି ନବ ବିବାହିତାର ସପନ
ଖଣ୍ଡ ବିଖଣ୍ଡିତ ସହସ୍ର ଶୈଶବ, ତାରୁଣ୍ୟ
କୁଢ଼ କୁଢ଼ ଶବାଧାରେ ଭାରାକ୍ରାନ୍ତ ଶ୍ମଶାନ

ଅମ୍ଳଜାନ, ଚିକିତ୍ସାଳୟର ଅଭାବରେ ଅଣନିଶ୍ୱାସୀ ଜୀବନ ।

କାହାକୁ ବିଶ୍ୱାସ କରିବ
ଜୀବନ ନା ଭଗବାନ !
କାଲିର ଭେଣ୍ଡିଆ ଟୋକାଟା ଆଜି ଦିବଙ୍ଗତ
ସକାଳର ଖେଳୁଆ ଶିଶୁଟା ସଂଜକୁ ଅନାଥ
ଉଜୁଡ଼ି ଯାଉଛି ପରିବାର, ସଂସାର ବିପର୍ଯ୍ୟସ୍ତ
ମରଣ ନିଶମୋଡ଼ି ଠୋ ଠୋ ହସୁଥିଲାବେଳେ, ଅସହାୟ ଜୀବନ ଭୀତତ୍ରସ୍ତ ।
କାହାକୁ ଦୋଷ ଦେବ !
ସର୍କାର, ସାମାଜିକ ବ୍ୟବସ୍ଥା ନା ଅନାଚାର
ସ୍ୱାର୍ଥପରତା, ସ୍ୱେଚ୍ଛାଚାରିତା ନା କପାଳ ।

ଜୀବନ ମରଣର ସାପ ସିଡ଼ି ଖେଳରେ
ମରଣର ଜିତାପଟ ସବୁବେଳେ ହେବ ନାଇଁ
ଦୁଃଶାସନର ରକ୍ତରେ କେଶ ପ୍ରକ୍ଷାଳିତ ହେବା ପୂର୍ବରୁ
ଦ୍ରୌପଦୀଙ୍କୁ ବସ୍ତ୍ରହରଣ ସାମ୍ନା କରିବା ପରି
ଜୀବନ ଏବେ ମରଣର ହୁଙ୍କାରକୁ ସାମ୍ନା କରୁଛି ଯାହା ।
ଜୀବନର ଜିତାପଟ ଅବଶ୍ୟ ହେବ
ବିଜୟର ଜୟଗାନ ଅବଶ୍ୟ ଶୁଭିବ ।

∞∞

# ବାପା

## ନରେଶ ଚନ୍ଦ୍ର ସାହୁ

ଅଧ ରାତିରେ ନିଦ ଭାଙ୍ଗି ଯାଉଛି
ସପନରେ ବିଳି ବିଳେଇ ହେଉଛି
ଅସୁସ୍ଥ ବାପାଙ୍କ କଥା ଭାବି ଭାବି
ସବୁ ସମୟ ଅନ୍ୟମନସ୍କ ରହୁଛି ।
ବାପାଙ୍କ ଦେହ ଭଲ ନାହିଁ, ଭଲ ରହୁନାହିଁ
ସେତିକି ନୁହେଁ, ଦେହ ଭଲହେବାର ଗନ୍ଧ ବାରି ହେଉନାହିଁ
ଶୀର୍ଣ୍ଣ ଶରୀର, ଅସ୍ୱଷ୍ଟ ସ୍ୱରରେ ମୋର ପାପ ମନ ଥୟ ଧରୁନାହିଁ ।

ବାପା--
ଉଚ୍ଚାରଣରେ ଲାଗେ ନିରାପତ୍ତା
ସ୍ମରଣରେ ଅନୁଭବେ ଅସ୍ମିତା
ତାଙ୍କ ଦର୍ଶନରେ ସମ୍ବିତ୍ ପାଏ ମୋର ସତ୍ତା
ସେ ମୋର ପରିଚୟ
ଅଙ୍ଗ, ଆତ୍ମା, ବଳୟ
ତାଙ୍କ ବିନା ମୋ ପରିଧି ଅନନୁମେୟ।
ବାପା ଅଛନ୍ତି ବୋଲି ତ ମୁଁ ଶାନ୍ତିରେ ଶୁଏ
ବେପରବାୟ ଜୀବନ ଜିଏଁ
ଜୀବନର ସକଳ ଝଞ୍ଜାକୁ ବେଖାତିର୍ କରି ଆଗକୁ ଧାଏଁ ।

ବାପା--
ନିଜ ନଗ୍ରରେ ଥିଲେ ଏକାଙ୍ଗ ସୁଲତାନ
ତାଙ୍କ ଆଗମନରେ ଗାଁ ଦାଣ୍ଡ ଶୂନଶାନ୍
ତାଙ୍କର ନାଁ ନେଇ ଭାଇଭାଗ ମାମଲାର ଶାନ୍ତିପୂର୍ଣ୍ଣ ସମାଧାନ
ସବୁରି ସମସ୍ୟା ପାଇଁ ପ୍ରତିକାରର ଚଳନ୍ତି ସମ୍ବିଧାନ ।
ସଦା ହାକିମାତି କରୁଥିବା ଅବସରପ୍ରାପ୍ତ ଶିକ୍ଷକ
ବାପାଙ୍କର ପ୍ରଚ୍ଛନ୍ନ ନୀରବତା ମନକୁ କରୁଛି ଆଶଙ୍କାଚ୍ଛନ୍ନ ।

ବାପାଙ୍କ ସହ ମୋର କେବେ ମୁହାଁମୁହିଁ ହୁଏ ନାହିଁ
କଥାହେଲା ବେଳେ କେବେ ଚାରି ଚକ୍ଷୁର ମିଳନ ହୁଏ ନାହିଁ
କଠୋର ଆଦେଶ, କଡ଼ା ଅନୁଶାଶନ ଦେଇ ଶୈଶବ କାଟିଲା ବେଳେ କିନ୍ତୁ
ସୋହାଗର କମି ଅନୁଭବି ନାହିଁ ।
ସେଦିନ ତ ପ୍ରତ୍ୟକ୍ଷ କଲି --
ସୁଦୂର କଟକ ସହରରେ ମୋତେ ଛାଡ଼ି ଆସିବା ଦିନ
ବାପାଙ୍କ ଆଖି ଜକଜକ ଦିଶୁଥିଲା
ବାଲୁତ ମନଟା ମୋର ବୋଲ ମାନିଲାନି
ନାନା ଆଳ ଦେଖେଇ ମୋତେ ବୋଧ ଦେଉଥିଲେ ସିନା
ନିଜ ଆଖିର ଲୁହକୁ ବୁଝେଇ ପାରୁ ନ ଥିଲେ।
ଜୀବନଯାକ ଜଳିଛନ୍ତି ସଂସାରର ଦାୟରେ
ନିଜେ ଜଳି ଆଲୁଅ ବିତରିଛନ୍ତି ଅନ୍ଧାର ଦୂରେଇବାର ନ୍ୟାୟରେ।

ଜକଜକ ଦିଶିଯାଉଛି
ନିର୍ବିକାର, ଅବିଚଳ, ଶୋଇ ପଡ଼ିଥିବା ବାପାଙ୍କର ପ୍ରଶାନ୍ତ ମୁହଁ
ପ୍ରବାସର ଦୁର୍ଭାଗ୍ୟ ନେଇ ଆତଙ୍କିତ ପୁଅ
ଜୀବନର କଠୋର ସତ୍ୟର ନିବାରଣ ମୋହରେ ଜଗନ୍ନାଥଙ୍କ ଶରଣାପନ୍ନ।

ବାର ବାର ନିଜକୁ ଭାଗ୍ୟବାନ ମଣେ
ଜୀବନ ଜିଇଁବାର ସୂକ୍ଷ୍ମକଳା କାହାଠୁ ଆହରଣ କରେ
ପ୍ରତି ପଦପାତରେ କାହାର ଅମୀୟ ଆଶିଷ ଅନୁଭବ କରେ
ମୋ ଜୀବନର ସୁଗମତା ପାଇଁ କାହାର ତୀକ୍ଷ୍ଣ ଆଖି
ସଦା ତଦାରଖ କରୁଥିବାର ପ୍ରତ୍ୟକ୍ଷ କରେ ।
ଏ ସବୁର ଯବନିକା ଭାବନାରେ କଲିଜା ଥରେ ।

ଏବେ ଅଧ ରାତିରେ ନିଦ ଭାଙ୍ଗି ଯାଉଛି
ସପନରେ ବିଳି ବିଳେଇ ହେଉଛି
ଅସୁସ୍ଥ ବାପାଙ୍କ କଥା ଭାବି ଭାବି
ଅନ୍ୟମନସ୍କ ରହୁଛି।

ooo

**ନରେଶ ଚନ୍ଦ୍ର ସାହୁ ।** ଓଡ଼ିଆ ଗଳ୍ପ ଓ କବିତା ଲିଖନରେ ରୁଚି ରଖନ୍ତି । ଅନେକ ଗଳ୍ପ ଓ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଓ ଆକାଶବାଣୀ, କଟକ ଦ୍ଵାରା ପ୍ରସାରିତ । ଲେଖକଙ୍କ ପ୍ରକାଶିତ କବିତା ସଂକଳନ "ସମୟ ହେଲେ ପଢ଼ିବ" ପାଠକୀୟ ଆଦୃତି ଲାଭ କରିଛି । ସମ୍ପ୍ରତି ଲେଖକ ଭାରତୀୟ ଷ୍ଟେଟ ବ୍ୟାଙ୍କ, କୋଲକାତାରେ କାର୍ଯ୍ୟରତ ।

ooo

# ଏକ୍ସଚେଞ୍ଜ୍ ଅଫର୍

**କମଳା ଶତପଥୀ**

ବାସ୍ ବହୁତ ହେଇଗଲା ! ଆଉ ସହିହେବ ନାହିଁ କି ଏ ଘରେ ରହିହେବ ନାହିଁ ।

ନାଇଁ, ନାଇଁ, ଭୁଲ୍ ହେଇଗଲା । ଏ ଘରେ ସେ ରହିବେ, ନିଶ୍ଚୟ ରହିବେ, କିନ୍ତୁ ପତ୍ନୀର ଦୌରାତ୍ମ୍ୟ ଆଉ ସହିବେ ନାହିଁ । ଦୀର୍ଘ କୋଡିଏ ବର୍ଷର ଏ କାରାଗୃହରୁ ତାଙ୍କୁ ଏଥର ମୁକ୍ତି ଦରକାର ।

ଛେ, ମଣିଷ କି ଯୋଗରେ ଏ ଧନ୍ଦାରେ ପଶିଥିଲା କେଜାଣି, ସାଲିସ୍ କରି କରି ପୂରା ଜୀବନ ବିତିଗଲା ପଛେ, ହେଲେ ସ୍ତ୍ରୀ ନାମକ ଜନ୍ତୁଟିକୁ ପୋଷା ମନେଇ ପାରିଲା ନାହିଁ । ବରଂ ନିଜେ ତା' ପାଖରେ ପୋଷା ମାନିଯାଇଛି କହିଲେ ଚଳେ ! ତଥାପି କ'ଣ ସେଇ ମଣିଷଟି କେବେ ଖୁସି ହେଇପାରିଲା !

ମୋଟେ ନୁହେଁ । ବରଂ ଦିନକୁ ଦିନ ଉତ୍ତପ୍ତ ଲାଭା ପରି ଖାଲି ଜଳି ଚାଲିଲା, ଆଉ ଜଳେଇ ଚାଲିଲା । ଛି, ଛି, କେତେ ହୀନ କପାଳିଆ ସେ ! ଆଉ କାହାରି ଘରେ ଏପରି କାଣ୍ଡ କାରଖାନା କ'ଣ ହେଉଥିବ ସତରେ ! ନା, ମୋଟେ ହେଉନଥିବ ।

ଏମିତି ଏକ ବୋଝିଲା ବାତାବରଣରୁ ବାହାରି ଯିବାକୁ ଛାତ ଉପରକୁ ଉଠିଆସିଲେ ମହାପାତ୍ରବାବୁ । ଏଠିକୁ ବି ପତ୍ନୀ ଦେବୀଙ୍କର ସେଇ ଟାଣୁଆ ଟାଣୁଆ ଝିଙ୍ଗାସିଆ କଥା ସବୁ ପହଞ୍ଚି ଯାଉଥିଲା । କାନ ବନ୍ଦ କରିଦେଲେ ବି କିଛି ଫାଇଦା ନାହିଁ । ସେ ସ୍ୱରର ତୀକ୍ଷ୍ଣତା ଶବ୍ଦଭେଦୀ ବାଣ ଠାରୁ ବି ଅଡୁକ ଥିଲା । ଛୁଟି ଦିନଟା, କେତେ ହସଖୁସିରେ ବିତିଯିବା କଥା, କିନ୍ତୁ ସକାଳ ପହରର ସେଇ ପଦିଏ କଥାକୁ ରେଣ୍ଟିକରି ବସିଛି ଯେ ବସିଛି । ଆସି ସନ୍ଧ୍ୟା ହେଇଗଲା, ହେଲେ ସେଇ ପଦିକ କଥାର ଗୁଳି ବର୍ଷଣ ଏପର୍ଯ୍ୟନ୍ତ ବି ସରିଲା ନାହିଁ । ଛି, ପୂରା ଦିନଟା ଆଜି ନଷ୍ଟ ହେଇଗଲା !

ଛାତର ଆଉ ଟିକେ କୋଣକୁ ଘୁଞ୍ଚିଗଲେ ମହାପାତ୍ର ବାବୁ । ଚାରିପଟରୁ ଥରେ ଆଖି ବୁଲେଇ ଆଣିଲେ । ସବୁରି ଘରୁ ହସଖୁସି ଭାସି ଆସୁଛି .. କେବଳ ତାଙ୍କରି ଘର ଛଡା । ଏ ଯମ ଯନ୍ତ୍ରଣାରୁ ଉଦ୍ଧାର ସେ କ'ଣ କେବେ ପାଇବେ ନାହିଁ ? କୋଡିଏ ବର୍ଷ ତଳେ ଯୋଉ ଭୁଲ୍ ତାଙ୍କ ବାପା ମା' କରିଥିଲେ, ତାହାର ଦଣ୍ଡ ସେ କାହିଁକି ଭୋଗ କରିବାକୁ ଯିବେ .. ତାହା ପୁଣି ଜୀବନ ସାରା !!

ନା, କିଛି ଗୋଟାଏ ବ୍ୟବସ୍ଥା କରିବାକୁ ହେବ ।

କିନ୍ତୁ କ'ଣ ? କିଛି ବି ପଶୁନଥିଲା ମୁଣ୍ଡରେ ।

ବ୍ୟାକୁଳ ହେଇ ଛାତର ଏ ମୁଣ୍ଡରୁ ସେମୁଣ୍ଡ ସେ ଖାଲି ପଦଚାଳନା କରିବାକୁ ଲାଗିଲେ । ମନେ ମନେ ନିଜ ଦୟନୀୟତାକୁ ବାହୁନି ଉଠିଲେ । କେତେ ଭଲ ସତରେ ସ୍ୱାଇଁବାବୁଙ୍କ ସ୍ତ୍ରୀ ! ସବୁବେଳେ ଖାଲି ଥଟ୍ଟା ମଜା, ଟାହି ଟାପରା । ସୁନ୍ଦର ଯେତିକି, ଗୁଣର ବି ସେତିକି । ଏମିତିଆ ପତ୍ନୀଟିଏ ଥିଲେ ଜୀବନ ପ୍ରକୃତରେ ଧନ୍ୟ ହେଇଯାଏ । ଆହା .. ! ତାଙ୍କର ହେଲେ ସେ ସ୍ୱାଇଁବାବୁଙ୍କ ପରି ଭାଗ୍ୟ ହେଇଥାନ୍ତା !

ହେ ଭଗବାନ, ସତରେ କ'ଣ ଏ ଜନ୍ମଟା ମୋର ଏମିତି ବ୍ୟର୍ଥତାରେ ବିତିଯିବ ? ଏ ଅନୁଶୋଚନା, ଏ ବ୍ୟାକୁଳତା କ'ଣ ମୋର ଚିରସାଥି ହୋଇ ଏମିତି ରହିଯିବ ? ପୁରୁଷଟିଏ ହେଇକି ବି ମୋ ମନମର୍ଜିରେ ଜୀବନ କାଟି ପାରିବି ନାହିଁ ମୁଁ ! ସବୁକଥାରେ ଖାଲି ଆକଟ ଶୁଣୁଥିବି - ଏଇଟା କରନି .. ସେଇଟା କରନି ! ଏମିତି କୁହନି .. ସେମିତି କୁହନି ! ଇଆଡେ ଯାଆନି .. ସିଆଡେ ଚାହଁନି .. ୟା'କୁ ଆଣନି .. ତାକୁ ଦିଅନି ..! ଓଃ, ୟା'ଠୁ ଭଲ ତ ସଂସାର ଛାଡି ବାବାଜୀ ହେଇଯିବା ..! .. ହେଲେ ସେତିକି ସ୍ୱାଧିନତା ବି କ'ଣ ଦେଉଛି କି ସମାଜ ! କହୁଛି – ସଂସାର କରିଛ ମାନେ, ତା'ର ସବୁ ଦାୟୀତ୍ୱ ତୁମକୁ ଉଠେଇବାକୁ ହିଁ ପଡିବ !

ଛି, କେମିତିଆ ଜୀବନ ଆଉ କେମିତିଆ ଭାଗ୍ୟ ଏ ମଣିଷର କେଜାଣି !

"ମହାପାତ୍ରବାବୁ … ମହାପାତ୍ରବାବୁ ..!"

କାହାରି ଧୀର ଗମ୍ଭୀର ସ୍ୱରରେ ଚମକି ଉଠିଲେ ଦିଗମ୍ବର ମହାପାତ୍ର । ସିଡ଼ି ତଳର ସେହି ଧୂସରିଆ ଅନ୍ଧାର ଭିତରେ କିଏ ଜଣେ ଠିଆ ହେଇ ହାତ ଠାରି ତାଙ୍କୁ ଡାକୁଛି । କିଏ ସେ ? ବେଶଭୂଷା ତ କିଛି ଭିନ୍ନ ଦିଶୁଛି ! ହାବଭାବଟା ବି ସାଧାରଣ ଲୋକ ପରି ନୁହେଁ ! କିଏ ସେ ତା'ହେଲେ ? କେଉଁଠି ଦେଖିଥିଲା ପରି ବି ଲାଗୁନାହିଁ ।

ଆଉ ଥରେ ନିରେଖିକି ସେଇ ଆଡକୁ ଚାହିଁଲେ ମହାପାତ୍ରବାବୁ । ଲୋକଟି ତାଙ୍କୁ ଏକ ଲୟରେ ଚାହିଁ ରହିଥିଲା । ହାତ ଠାରି ପାଖକୁ ଡାକୁଥିଲା । ଯିବେ କି ନଯିବେ ହେଇ ହେଇ ଯାଇ ପହଞ୍ଚିଗଲେ ତା' ପାଖରେ ।

ଲୋକଟିକୁ ଦେଖି ମନରେ ଅଦ୍ଭୁତ ଏକ ସଂଭ୍ରମତା ଜନ୍ମୁଥିଲା । ଭୀଷଣ ଦ୍ୱିଧା ହେଉଥିଲା । ବାରମ୍ବାର ମନକୁ ପ୍ରଶ୍ନ ଆସୁଥିଲା – କିଏ ସେ ଏଇ ଲୋକ ? କେଉଁଠୁ ଆସିଲା ? ଏଠି ବା କେମିତି ପହଞ୍ଚିଲା ? ମୂଖ୍ୟ କଥା ହେଲା ତାଙ୍କୁ ସେ ଚିହ୍ନିଲା ବା କେମିତି ?

କେତେ କେତେ ପ୍ରଶ୍ନ ମନ ଭିତରକୁ ସେଇ ମୁହୂର୍ତ୍ତରେ ଠେଲି ପେଲି ହେଇ ପଶିଆସିଲେ । ମାତ୍ର ସେ ପାଟି ଖୋଲି କିଛି ପଚାରିବା ପୂର୍ବରୁ ହିଁ ଲୋକଟି ନିଜର ଗମ୍ଭୀର ସ୍ୱରକୁ ସାମାନ୍ୟ କୋମଳ କରିଦେଇ କହିଲା, "ବତ୍ସ, ଭୟ କରନାହିଁ । ତୁମର କିଛି କ୍ଷତି କରିଦେବାକୁ ଏଠିକୁ ଆସିନାହିଁ ମୁଁ । ବରଂ ତୁମକୁ ସାହାଯ୍ୟ କରିବାକୁ ହିଁ ଆସିଛି ।"

ଏ କି ଡ୍ରାମା ଏ ଲୋକଟାର ? ପୌରାଣିକ ସିନେମାର ଚରିତ୍ର ପରି ଶୁଦ୍ଧ ଭାଷାଗୁଡା ଚୋବେଇ ଚୋବେଇ କ'ଣ କହିଯାଉଛି ? ଏମିତି ତ ମହାପାତ୍ରବାବୁଙ୍କ ମନଟା ଆଜି ସକାଳ ପହରୁ ଖରାପ ହେଇଯାଇଛି, ତା' ସାଙ୍ଗକୁ ଏ ଅଦ୍ଭୁତ ଲୋକଟାର ବିଚିତ୍ର କଥାକୁହା .. ତାଙ୍କୁ ସତରେ ବଡ ବିରକ୍ତ କରି ପକେଇଲା । ସାମାନ୍ୟ ଉଚ୍ଚ ସ୍ୱର କରି ଆକଟ କଲା ଭଳି ସେ କହି ପକେଇଲେ, "କିଏ ହୋ ଭାଇ ତୁମେ ? କୋଉଠୁ ଆସିଛ, ଆଉ କାହିଁକି ବା ଆସିଛ ? ମୋର କ'ଣ ହେଇଛି ଯେ ତୁମେ ମତେ ସାହାଯ୍ୟ କରି ପକେଇବ ?"

"କ୍ରୋଧ କରନାହିଁ ବସ୍ ... ମୁଁ ଜାଣେ ତମ ମନ ବର୍ତ୍ତମାନ ବଡ ବ୍ୟାକୁଳ ଅଛି, ଅସୁସ୍ଥ ଅଛି। ପତ୍ନୀର ପିଡା ବାସ୍ତବରେ ବଡ ଯନ୍ତ୍ରଣାଦାୟକ । ସେଥିପାଇଁ ତୁମ ଦୁଃଖ ହରିବାକୁ ପ୍ରଭୁ ନାରାୟଣ ମତେ ତୁମ ନିକଟକୁ ପ୍ରେରଣ କରିଛନ୍ତି ! ତୁମକୁ ସବୁ ପ୍ରକାରର ସାହାଯ୍ୟ କରିବାକୁ ସେ ମତେ ନିର୍ଦ୍ଦେଶ ଦେଇଛନ୍ତି । କୁହ, ତୁମେ କ'ଣ ଚାହୁଁଛ ?"

ହତପ୍ରଭ ହୋଇ ଚାହିଁ ରହିଗଲେ ମହାପାତ୍ରବାବୁ । ଏ କ'ଣ ଶୁଣୁଛନ୍ତି ସେ ! ସତରେ କ'ଣ ଏ ଲୋକଟା ଯାହା କହୁଛି, ସେକଥା ସତ ! ସତରେ କ'ଣ ପ୍ରଭୁ ନାରାୟଣ ତାଙ୍କ ପ୍ରତି ଏତେ ଦୟା ପରବଶ ହୋଇଛନ୍ତି ଯେ ତାଙ୍କୁ ଏ ନର୍କରୁ ଉଦ୍ଧାର କରିବାକୁ ନିଜର ଦୂତକୁ ପଠେଇ ଦେଇଛନ୍ତି ! ନା, ନା, ସେ ନିଶ୍ଚୟ ସ୍ୱପ୍ନ ଦେଖୁଛନ୍ତି ।

ନିଜ ହାତକୁ ପୁଳେ ଚିମୁଟି ଦେଇ ସେ ପ୍ରଥମେ ପରୀକ୍ଷା କରିନେଲେ ଯେ ଯାହା ଏବେ ଦେଖୁଛନ୍ତି, ତାକୁ ବିଶ୍ୱାସ କରିହେବ କି ନାହିଁ ।

ବିଶ୍ୱାସ କରିବାକୁ ହେବ । ଲୋକଟିକୁ ବିଶ୍ୱାସ କରିବାକୁ ହିଁ ହେବ । ନହେଲେ ସେ କେମିତି ତାଙ୍କ ମନକଥା ଜାଣିଥାନ୍ତା ଯେ ସେ ପତ୍ନୀ ଦ୍ୱାରା ପୀଡିତ ଅଛନ୍ତି !

ମାତ୍ର ଏକଥା ବୁଝା ପଡୁନାହିଁ ଯେ ସେ କେମିତି ବା ତାଙ୍କୁ ସାହାଯ୍ୟ କରି ପାରିବ ? ଯେଉଁ ଦଣ୍ଡକୁ ତାଙ୍କ ପାଇଁ ଭଗବାନ ନିଜେ ଲେଖି ଦେଇଛନ୍ତି, ସେଇ ଦଣ୍ଡକୁ ତାଙ୍କ ଦୂତ କିପରି ଦୂରେଇ ଦେଇପାରିବ ?

ତାଙ୍କୁ ଏମିତି ନିଜ ଭିତରେ ହଜି ଯାଇଥିବାର ଦେଖି ଦେବଦୂତ ଗଳା ଖଙ୍କାରିକି କହିଲେ, "ତୁମେ ବ୍ୟସ୍ତ ହୁଅ ନାହିଁ ବସ୍, ତୁମେ ଯାହା ଚାହୁଁଛ, ସେଇଆ ହିଁ ହେବ ।"

"ମାନେ ?"

"ମାନେ ତୁମେ ଏଇଲେ ମନେ ମନେ ଯାହା କହୁଥିଲ, ତୁମେ ଚାହିଁଲେ ତୁମ ପାଇଁ ମୁଁ ତାହା କରିଦେଇ ପାରେ ।"

" .. ମାନେ ... ଆପଣ କ'ଣ କହୁଛନ୍ତି ମୁଁ କିଛି ବୁଝି ପାରୁନାହିଁ !"

"ଏଥିରେ ଆଉ ଅବୁଝା କ'ଣ ରହିଲା ? ତୁମେ ଯଦି ଚାହିଁବ ତୁମ ମନ ମୁତାବକ ଯେକୌଣସି ସ୍ତ୍ରୀକୁ ତୁମର ନିଜର କରିପାରିବ ।"

"ମାନେ .. ଯାହାକୁ ଚାହିଁବି ?" ଅବିଶ୍ୱାସ ଭରା କଣ୍ଠରେ କହିଉଠିଲେ ମହାପାତ୍ରବାବୁ । କଣ୍ଠରୁ ତାଙ୍କର ଆଶ୍ଚର୍ଯ୍ୟ ମିଶ୍ରିତ ହର୍ଷ ଉଚ୍ଛୁଳି ଉଠୁଥିଲା ।

"ହଁ .. ଯାହାକୁ ଚାହିଁବ !"

"ତେବେ ବିଳମ୍ବ କାହିଁକି ?"

"ରୁହ .. ରୁହ .. ମନ ମୁତାବକ ପତ୍ନୀ ପାଇବା ପାଇଁକି କିଛି ସର୍ତ୍ତ ରହିଛି । ସେସବୁ ମାନିବ ଯଦି, ତେବେ ମନ ମୁତାବକ ପତ୍ନୀକୁ ନିଜର କରିପାରିବ ।"

"ତୁମର ସବୁ ସର୍ତ୍ତ ମାନିବାକୁ ମୁଁ ପ୍ରସ୍ତୁତ ଅଛି । ମୋର କେବଳ ମନ ମୁତାବକ ପତ୍ନୀ ମିଳିବା ଦରକାର । ତୁମେ ଯାହା ଚାହୁଁଛ, ତାହା କରିବାକୁ ମୁଁ ପ୍ରସ୍ତୁତ ଅଛି ।"

"ପ୍ରଥମେ ଶୁଣି ତ ନିଅ !"

"ଶୁଣିବାର ଆବଶ୍ୟକତା ହି ନାହିଁ ।"

"ନା, ତୁମକୁ ଶୁଣିବାକୁ ହିଁ ହେବ । କାରଣ ଏ ପ୍ରକାରର ବ୍ୟବସ୍ଥାରେ ଫେରସ୍ତ ବ୍ୟବସ୍ଥା ନାହିଁ ।"

"ମାନେ ?"

"ମାନେ, ପତ୍ନୀ ବଦଳ କେବଳ ଥରେ ହେଇପାରିବ । ବାରମ୍ବାର ନୁହେଁ ।"

"ଚଳିବ ।"

"ଦ୍ୱିତୀୟ ସର୍ତ୍ତ ହେଲା – ତୁମେ କୌଣସି କୁମାରୀ ଝିଅକୁ ପତ୍ନୀ କରିପାରିବ ନାହିଁ ।"

"ମାନେ ?"

"ମାନେ ହେଲା – ତୁମେ କେବଳ ଜଣଙ୍କର ବିବାହିତ ପତ୍ନୀକୁ ହିଁ ପାଇପାରିବ !"

"ଆଚ୍ଛା .. ଆଚ୍ଛା .. ଚଳିବ ..ଚଳିବ ! ଆଉ କିଛି ?"

"ସେ ପତିପତ୍ନୀ ତୁମର ଚିହ୍ନା ପରିଚିତ ହେଇଥିବା ଦରକାର । ଅର୍ଥାତ ତୁମେ ସେମାନଙ୍କୁ ଭଲ ଭାବରେ ଜାଣିଥିବ । ନହେଲେ ତୁମକୁ କିଛି ବିଶ୍ୱାସ ନାହିଁ, ପରେ ଦୁନିଆ କଥା ତୁମେ ବାହାର କରିପାର ! ସେଥିପାଇଁ ଯାହାକୁ ଭଲରେ ଚିହ୍ନିଥିବ, ଜାଣିଥିବ, ତାକୁ ହିଁ ନିଜର କରିପାରିବ ।"

"ହୁଁ .. ହଉ, ଠିକ୍ ଅଛି । ଆଉ କିଛି ବାକି ରହିଲା ନା ସରିଲା ?"

"ହଁ, ଆଉ ମାତ୍ର ଗୋଟିଏ, କିନ୍ତୁ ସବୁଠୁ ଜରୁରୀ ଯେ ତୁମେ ଯାହା ସହିତ ପତ୍ନୀ ବଦଳ କରିବ, ତୁମର ପତ୍ନୀ ତା' ପାଖକୁ ଚାଲିଯିବ ।"

ଚମକି ପଡିଲେ ମହାପାତ୍ରବାବୁ । ବାକି ତିନିଟା ସର୍ତ୍ତ ତ ଠିକ୍ ଅଛି, କିନ୍ତୁ ଶେଷ ସର୍ତ୍ତଟି ଟିକିଏ ଅସହ୍ୟ ଥିଲା । ନିଜ ପତ୍ନୀକୁ ଅନ୍ୟ କାହା ସାଥିରେ ଦେଖିବାଟା ତ ସେ ଆଦୌ ସହ୍ୟ କରିପାରିବେ ନାହିଁ !

ତାଙ୍କୁ ଏମିତି ଚିନ୍ତାରେ ବୁଡି ଯାଇଥିବାର ଦେଖି ଦେବଦୂତ କହିଲେ, "କ'ଣ ଭାବୁଛ ବସ ? ମୋ ପାଖରେ ସମୟ ବହୁତ କମ୍ । ଜଣକ ପାଖରେ ଏତେ ସମୟ ଠିଆ ହେଇ ରହିବାର ଅନୁମତି ମତେ ଦିଆଯାଇ ନାହିଁ । ତା' ଛଡା ମର୍ତ୍ତ୍ୟରେ ତୁମ ଭଳି ଆହୁରି କେତେ କେତେ ଲୋକ ଅଛନ୍ତି । ମୁଁ ଖାଲି ଏ ଆଡକୁ ଆସିଥିଲି ବୋଲି ତୁମ କଥା ବୁଝି ଦଉଛି । ତେଣୁ ନିଜର ଯାହା ଇଚ୍ଛା ଅଛି, ତାକୁ ଯଥାଶୀଘ୍ର ଜଣେଇଦିଅ । ପତ୍ନୀ ବଦଳେଇବାକୁ ଅଛି ତମର, ନା ମୁଁ ଚାଲିଯିବି ? ଥରେ ଗଲେ, ଆଉ ଥରେ ଆସିବାକୁ କମ୍ ସେ କମ୍ ଦଶ ବର୍ଷ ଲାଗିଯିବ । କାରଣ ମର୍ତ୍ତ୍ୟର ଜନସଂଖ୍ୟା ଯେପରି ହୁ ହୁ ହୋଇ ବଢି ଚାଲିଛି, ଦିନରାତି କାମ କଲେ ବି ମୋର କାମ ସରୁନାହିଁ । .... କ'ଣ ଯିବି ନା ରହିବି ?"

"ନା, ନା, ରୁହନ୍ତୁ ଟିକିଏ ! ମତେ ଟିକିଏ ଭାବିବାକୁ ସମୟ ତ ଦିଅନ୍ତୁ !"

"ଭାବୁଥାଅ ବସି, ମୁଁ ଯାଉଛି । ଆଉ ଥରେ ଆସିଲେ କହିବ ।"

"ମାନେ ଦଶ ବର୍ଷ ପରେ ? ନାହିଁ, ନାହିଁ, ସେତେବେଳକୁ ଆଉ ସେ ଇଚ୍ଛାର ମହତ୍ତ୍ୱ ନଥିବ । ମୋ କାମ ଏବେ ସାରିଦେଇ ଯାଆନ୍ତୁ । ମୁଁ ପତ୍ନୀ ବଦଳେଇବାକୁ ଚାହେଁ ।"

"କାହା ସହିତ ?"

"ଏ ତ ଏକ ଜଟିଳ ପ୍ରଶ୍ନ । ଆପଣ ଟିକିଏ ସାହାଯ୍ୟ ତ କରନ୍ତୁ !"

"ନା, ସେ ଦାୟୀତ୍ୱ ମୋର ନୁହେଁ । ତଥାପି ତୁମେ ବହୁତ ବିଳମ୍ବ କରିଦେଲଣି ବୋଲି ମୁଁ କିଛିଟା ନାଁ କହିଦେଉଛି । ତୁମେ ଶୀଘ୍ର ଶୀଘ୍ର ନିର୍ଣ୍ଣୟ ନିଅ । ତୁମ ସାଙ୍ଗ ଦାସବାବୁଙ୍କ ସ୍ତ୍ରୀ ଠିକ୍ ରହିବେ ?"

"ନା.. ବାବା ନା ! ତାଙ୍କ ଭଳି ରାହାବାଳୀ ସ୍ତ୍ରୀ ଠାରୁ ତ ମୋ ସ୍ତ୍ରୀ ଶହେ ଗୁଣରେ ଭଲ !"

"କୁଲକର୍ଣ୍ଣୀ ବାବୁଙ୍କ ସ୍ତ୍ରୀ ?"

"ସେ ଠିକ୍ ଯେ.. ହେଲେ ଦେଖିବାକୁ ସେ ଆଦୌ ସୁନ୍ଦର ନୁହନ୍ତି । ମାନେ ମୋ ସ୍ତ୍ରୀ ଠାରୁ ଅନେକ ଗୁଣରେ ନିରସ । ଏତେ ଦିନ ପରେ ସୁଯୋଗ ମିଳିଛି ଯଦି, ତା'ହେଲେ ଭଲଟେ ତ ହେବା ଦରକାର !"

"ଆଚ୍ଛା ଚକ୍ରବର୍ତ୍ତୀର ସ୍ତ୍ରୀ ?"

"ନା' ମ', ସିଏ ଗୋଟିଏ ନାକକାନ୍ଦୁରୀ ସ୍ତ୍ରୀ ଲୋକ । କଥାରେ କଥାରେ କେବଳ କାନ୍ଦିବା ଜାଣିଛି । ତାକୁ ନେଇ କି ଘରସଂସାର ମୁଁ କରିବି? ତାକୁ ଦିନରାତି ବୁଝୋଉ ବୁଝୋଉ ତ ମୋ ପ୍ରାଣ ଅଧା ଚାଲିଯିବ !"

"ତା'ହେଲେ ଆଉ କିଏ ? ରଥବାବୁଙ୍କ ସ୍ତ୍ରୀ ?"

"ହଁ, ସେ ଠିକ୍ ରହିବ । ଦେଖିବାକୁ ବି ସେ ବେଶ୍ ଭଲ । କଥା ବି ବଡ ମଜେଇ ମଜେଇ କୁହେ ..! କିନ୍ତୁ ନାଇଁ ଆଜ୍ଞା .. ରୁହନ୍ତୁ ରୁହନ୍ତୁ ..! ତା' ଭଳି ଖର୍ଚ୍ଚିଆ ସ୍ତ୍ରୀ ଏ ସଂସାରରେ ଆଉ କେହି ନାହିଁ । ଦୁନିଆ ଯାକର ସଉକି କରିବା ତାକୁ ଜଣା । ଶାଢୀ ଗହଣା କିଣାରେ ମାସକ ଦରମା ମୋର ସପ୍ତାହକୁ ନିଅଣ୍ଟ ହେବ । ବାକି ସବୁ ଠିକ୍ ହେଲେ କ'ଣ ହେବ .. ଘର ଚଳେଇ ପାରିବା ଗୁଣ ତ ତା'ର ଆଦୌ ନାହିଁ ।"

"ଆଉ, ତା' ବିରୁଦ୍ଧରେ ଏତେ ବେଶି କହିବା କିଛି ଦରକାର ନାହିଁ । ମୁଁ ବୁଝି ଯାଇସାରିଲିଣି ଯେ ସେ ତୁମର ଉପଯୁକ୍ତ ନୁହେଁ । ତୁମେ ନିଜେ ଏଥର ଶୀଘ୍ର କୁହ କେମିତିଆ ଦରକାର କରୁଛ । ମତେ ତେଣେ ଆଉ ଗୋଟେ ଦିଗକୁ ଯିବାକୁ ଘନ ଘନ ଡକରା ଆସିଲାଣି । .. ଆଚ୍ଛା, ତୁମ ଘର ପାଖ ଶର୍ମାବାବୁଙ୍କ ସ୍ତ୍ରୀ ଚଳିବ ?"

"ନା, ନା, ଆଦୌ ନୁହେଁ । ତା' ଭଳି ସୁକୁମାରୀ ସ୍ତ୍ରୀ ମୋର କୋଉ କାମକୁ ? ଟିକିଏ ଖରା ବାଜିଲେ ଝାଉଁଳି ପଡିବ, ଥଣ୍ଡା ବାଜିଲେ ଥରି ଉଠିବ .. ବର୍ଷା ହେଲେ ରୋଗରେ ପଡିଯିବ .. ସେ ଭଳିଆ ସ୍ତ୍ରୀ ତ ମୋର ଆଦୌ ଚଳିବ ନାହିଁ ଆଜ୍ଞା !"

"ଆଉ କ'ଣ ଖାନ୍ ବାବୁଙ୍କ ସ୍ତ୍ରୀ ?"

"ଆରେ ବାପ୍ ରେ ..ଧର୍ମ ପରିବର୍ତ୍ତନ ? ପୁଣି ଏ ବୟସରେ ? ମତେ ସମାଜରେ ଆଉ ସ୍ଥାନ ମିଳିବ ତ ?"

"ତା'ହେଲେ ଗିରିଧାରୀବାବୁଙ୍କ ସ୍ତ୍ରୀ ?"

"ଉଁ ହୁଁ .. ସିଏ କ'ଣ ଗୋଟିଏ ସ୍ତ୍ରୀ ! ସିଏ ପରା ଗୋଟିଏ ଧାନବସ୍ତା ! ଟିକିଏ ଭାବିଚିନ୍ତି କରି ତ କୁହନ୍ତୁ !"

"ସେ କାମ ଯଦି ମୁଁ କରି ବସିବି, ତେବେ ଜଣଙ୍କ କଥା ବୁଝୁ ବୁଝୁ ଗୋଟାଏ ଦିନ ମୋର ବିତିଯିବ .. ! ଆଉ ଲକ୍ଷ ଲକ୍ଷ ଲୋକଙ୍କ କଥା କିଏ ବୁଝିବ ? ତୁମେ ନିଜେ ଶୀଘ୍ର କୁହ, ନହେଲେ ମୁଁ ଚାଲିଲି .. !"

"ନାଇଁ ନାଇଁ .. ଟିକିଏ ରୁହନ୍ତୁ । ମୁଁ କହୁଛି । ମତେ ସେଇ ଅଧିକାରୀ ବାବୁଙ୍କ ସ୍ତ୍ରୀ ପରି ଗୋଟିଏ ସ୍ତ୍ରୀ ଦରକାର ।"

"ଅଧିକାରୀ ବାବୁଙ୍କ ସ୍ତ୍ରୀ ! .. ହଉ, .. ତୁମେ ତାଙ୍କୁ ଭଲ କରି ଜାଣିଛ ତ ?"

"ହଁ ।"

"ସବୁଆଡୁ ସେ ତୁମର ପସନ୍ଦ ? ମାନେ ରୂପ, ଗୁଣ, ସ୍ୱାସ୍ଥ୍ୟ .. ସବୁ ଦିଗରୁ ସେ ତୁମର ପତ୍ନୀ ହେବାକୁ ଯୋଗ୍ୟ ତ ?"

"ଆଜ୍ଞା ହଁ ।"

"ତାଙ୍କୁ ପତ୍ନୀ ରୂପରେ ପାଇଗଲା ପରେ ଆଉ କେବେ ବଦଳେଇବାକୁ କହିବେ ନାହିଁ ତ ?"

"ନାହିଁ ।"

"ତୁମ ସ୍ତ୍ରୀଙ୍କୁ ଅଧିକାରୀ ବାବୁଙ୍କୁ ଦେଇଦେବି ?"

"ଏଁ ... !!" ଚମକି ପଡିଲେ ମହାପାତ୍ରବାବୁ । ଏ କଥାଟା ତ ଏଇ ଭିତରେ ସେ ପୂରା ଭୁଲି ହିଁ ଯାଇଥିଲେ ! ଏବେ .. !!

ଜୁଳୁଜୁଳୁ କରି ଦେବଦୂତଙ୍କ ମୁହଁକୁ କେବଳ ଚାହିଁ ରହିଗଲେ ସେ ।

"କ'ଣ ହେଲା ... ସବୁର ସମାଧାନ ହେଇଗଲା ତ ?"

"ନାଇଁ ନାଇଁ ଆଜ୍ଞା ... ଟିକିଏ ରୁହନ୍ତୁ ! ଅଧିକାରୀ ବାବୁଙ୍କ ସ୍ତ୍ରୀ ସିନା ଖୁବ୍ ଭଲ ଲୋକ, କିନ୍ତୁ ସେ ଅଧିକାରୀଟା ତ ବଡ ବଦମାସ୍ । ତା' ପରି ଲମ୍ପଟ, ମଦ୍ୟପ, ଦୁଷ୍ଟଲୋକର ହାତରେ ତ ମୁଁ ମୋ ପତ୍ନୀକୁ ଦେଇ ପାରିବିନି ! ଯାହାହେଲେ ବି ଦୀର୍ଘ କୋଡିଏ ବର୍ଷର ସମ୍ପର୍କ ! ଏତିକି ତ ତା' ବିଷୟରେ ଚିନ୍ତା କରିବି ମୁଁ ! ଏତେ ବି ସେ ଖରାପ ନୁହେଁ ଯେ ତାକୁ ଯୁଆଡେ ପାଇଲେ ସିଆଡେ ଠେଲି ଦେବି ! କୋଡିଏ ବର୍ଷ ତଳେ କେତେ ଖୋଜି ଲୋଡି ତ ମୋ ବାପା ମା' ତାକୁ ମୋରି ପାଇଁ ଯୋଗ୍ୟ ବୋଲି ଭାବିଥିଲେ ! ତାକୁ ଏମିତି କେମିତି କେଉଁଠିକୁ ବି ତଡିଦେବି ?"

"ତା' ମାନେ କ'ଣ କହୁଛ ?"

”କ’ଣ କହିବି। ମୁଁ ତ କିଛି ଭାବି ପାରୁନାହିଁ !”

ହସିଉଠିଲେ ଦେବଦୂତ । “ବତ୍ସ, ତୁମ ପାଇଁ ସର୍ବାର୍ଥକରଣରେ ତୁମ ପତ୍ନୀ ହିଁ ଯୋଗ୍ୟା ଅଟେ । ଦଶ ବାରଟି ସ୍ତ୍ରୀକୁ ଦେଖି ତୁମେ ଏତେ ଭାଳେଣୀରେ ପଡିଯାଉଛ ! କେହି ବି ତୁମକୁ ଠିକ୍ ଠାକ୍ ଲାଗୁନାହାନ୍ତି ! ଭଗବାନ୍ ତୁମ ପାଇଁ ଲକ୍ଷ ଲକ୍ଷ କୋଟି କୋଟି ଝିଅ ଭିତରୁ ତାକୁ ହି କାହିଁକି ବାଛିଛନ୍ତି, ଏଥର ଜାଣି ପାରିଲ ତ ! ଯାଅ .. ଯାଅ .. ତଳକୁ ଯାଅ । ତୁମ ପତ୍ନୀ ତମ ପାଇଁ ଅପେକ୍ଷା କରିଛି ।“

“ଅପେକ୍ଷା କରିଛି ? କିନ୍ତୁ .... ଆପଣ କେମିତି ଜାଣିଲେ ?”

ମୁରୁକି ହସା ଦେଇ ଦେବଦୂତ କହିଲେ, “ଯୋଉଥିପାଇଁ ତୁମେ ମତେ ଖୋଜୁଥିଲ, ତୁମେ କ’ଣ ଭାବୁଛ ତୁମ ସ୍ତ୍ରୀ ସେଇ କାରଣରୁ ମତେ ଖୋଜି ପାରିବନି ?”

“ମାନେ ?”

“ମାନେ ଆଉ କ’ଣ ? ଯାହା ତୁମେ ବୁଝିବ, ସେଇଆ !!”

ΩΩ

**ଶ୍ରୀମତୀ କମଳା ଶତପଥୀ,** ଦର୍ଶନରେ ସ୍ନାତକୋତ୍ତର । ମୁମ୍ବଇରେ ରହନ୍ତି । ଏଯାବତ ୬୦୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ରଗଳ୍ପ, ୨୧୫ଟି କବିତା, ୧୫୦ରୁ ଉର୍ଦ୍ଧ୍ୱ ଲଳିତ ନିବନ୍ଧ, ୨୦ଟି ନାଟକ ଏବଂ ୨୫ଟି ଉପନ୍ୟାସର ଲେଖିକା । କବିତା ସଙ୍କଳନ: ଶେଷ ଫଗୁଣ; କ୍ଷୁଦ୍ର ଗଳ୍ପ ସଂକଳନ: ଇନ୍ଦ୍ରଧନୁର ଅଷ୍ଟମ ରଙ୍ଗ, ପୂର୍ଣ୍ଣଚ୍ଛେଦ ପରର କାହାଣୀ, ଗୋଟିଏ ପାପର କାହାଣୀ, ଚିରାଧଡି, ମହାପାତ୍ର ବାବୁଙ୍କ ହାଲ୍‌ଚାଲ୍; ଉପନ୍ୟାସ ପୁସ୍ତକ: ଫଗୁଣଟା ଫେରିଗଲା ପରେ, ହାଏ ମୁମ୍ବଇ, ସଲାମ୍ ମୁମ୍ବଇ, ଅଧା କାନ୍ଥି ଘର, ହେଲୋ ଭୁଟାନ୍, ମାୟା ନଗରୀ କୋଳେ; ଇ ବୁକ୍ - ସଂପର୍କର ଦୋ’ଛକିରେ ମଣିଷ । ଅନୁବାଦ ପୁସ୍ତକ: ଯାତ୍ରା (ମରାଠୀ), ଜୀବନର ସତ୍ୟତା (ତେଲୁଗୁ), ରାଣୀର କାହାଣୀ (ତେଲୁଗୁ), ସୁନାର ବାଦଲ (ତେଲୁଗୁ) । ଧ୍ୱଂସ ତଳର ଜୀବନ (ତେଲୁଗୁ) । ନିଜର କିଛି କାହାଣୀର ହିନ୍ଦୀ ଅନୁବାଦ ସଂକଳନ: ବୀତେ ବସନ୍ତ କୀ ବାତେଁ । ଏହା ବ୍ୟତୀତ ତାଙ୍କର ଅନେକ କାହାଣୀ ହିନ୍ଦୀ, ମରାଠୀ, କନ୍ନଡ ଆଉ ତେଲୁଗୁରେ ଅନୁବାଦ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି । ଅନେକ ସାରସ୍ୱତ ସମ୍ମାନରେ ସମ୍ମାନିତ ।

ΩΩ

# ଆବାହନୀ

## ସାଗରିକା ଦାସ

ହେ ନିରାକାର, ଏ ସୃଷ୍ଟିର କଳାକାର
ସୃଜନୀର ଧମନୀରେ, ଆମ ଭରିଦିଅ ନୂତନ ଶକ୍ତି
ସବିତାର ଦୀପ୍ତିରେ ରଞ୍ଜିଯାଉ ନାରୀର ଉକ୍ତି ସ୍ଥିତି
        ଆମେ ନାରୀ, ଆମେ ଶକ୍ତି, ଆଜିର ନାରୀଶକ୍ତି । ୧
ସୃଷ୍ଟିକବିତାରେ ତୁମ, ଭରି ଶତବେଦନା ରାଗିଣୀ
ଲେଖିଆସିଛୁ ସଦା ମାନବଜାତିର  ଇତିହାସ ,
ସ୍ନେହର ନିଗଡ଼େ ବାନ୍ଧିରଖିଛୁ ସବୁରି ଆଶା ବିଶ୍ୱାସ
ହାତଧରି ଆମ ଚାଲି ଶିଖିଛି ତୁମ  ସୃଷ୍ଟି କାହାଣୀ ,
        ଆମେ ନାରୀ, ଆମେ ଶକ୍ତି, ତୁମରି ମହାଶକ୍ତି । ୨
ଶୀତଳ ଜୋଛନା ଛାଇ, ମଧୁର ମଳୟ ହୋଇ
ବିତରୁ ମମତା ପ୍ରେମ  ସ୍ନେହ କରୁଣାର ବାଣୀ
ନିଷ୍ଠାର କବଚ,ସାମ୍ୟ ଖଡଗ, ସତ୍ୟର ଢାଲ ଧରି
ଅନ୍ୟାୟ କୁପ୍ରଥା ଖଣ୍ଡନ କରୁ, ଅନାଚାର ସହୁନାହିଁ
        ଆମେ ନାରୀ, ଆମେ ଶକ୍ତି ଆଜିର ନାରୀଶକ୍ତି । ୩
ନା' ଅବଳା, ନା' ଦୁର୍ବଳା, ନା' ସେ ହତଭାଗୀ ନିଷ୍ପେସିତା
ସୃଷ୍ଟିର ଅନନ୍ତ ଗରିମା ପ୍ରକାଶ  ସ୍ୱୟଂ ଯେ ଆଲୋକିତା
ଧାତ୍ରୀ, ଭଗ୍ନୀ, ଆତ୍ମଜା ପୁଣି ପତ୍ନୀ, ପ୍ରଣୟିନୀ ଅନନ୍ୟା
ଅନ୍ତହୀନ ସୃଷ୍ଟିରଜ୍ଜୁ ବାନ୍ଧି ଚାଲିଛୁ ଶତରୂପା ହୋଇ
        ଆମେ ନାରୀ, ଆମେ ଶକ୍ତି, ତୁମରି ଶକ୍ତି ସ୍ୱରୂପୀ । ୪
ବିକ୍ଷିପ୍ତ ମାନବଜାତି ଲକ୍ଷତା  ଝୁରିଛି  ଆଜି
ଭ୍ରାନ୍ତ ସେ,କ୍ଳାନ୍ତ ସେ, ରିକ୍ତ ସେ ବୁଝେନା ତୁମକୁ ଜାଣି
ନବଲେଖନୀ ଦିଅ ହେ ରଚିବୁ ଆଗାମୀ ମଣିଷ ଲିପି
ସାମ୍ୟଧର୍ମ ପଥେ ସୃଷ୍ଟି ବାହିନେବୁ ତୁମ ଗରିମା ଗାଇ
        ଆମେ ନାରୀ, ଆମେ ଶକ୍ତି, ତୁମରି ମହାଶକ୍ତି । ୫

ଠଠ

**ସାଗରିକା ପଟ୍ଟନାୟକ ଦାସ ।** ସ୍ନାତକତ୍ତୋର ଅର୍ଥନୀତି ଓ ଏମ୍.ବି.ଏ., ଶାସ୍ତ୍ରୀୟ ସଙ୍ଗୀତ ବିଶାରଦ । କିଛି ବର୍ଷ ଧରି ଏନ୍ ଜି ଓ ରେ କାର୍ଯ୍ୟ । ବର୍ତ୍ତମାନ ଗୃହିଣୀ । ପିଲାଦିନରୁ ସାହିତ୍ୟ ପ୍ରତି ଆଗ୍ରହ । ମାଆ ଓ ପ୍ରକୃତି ମା ତାଙ୍କର ସରସ୍ୱତ ଯାତ୍ରାପଥର ଦୁଇପାର୍ଶ୍ୱ ବୋଲି ସାଗରିକା କହନ୍ତି । ନୂଆଦିଲ୍ଲୀରେ ରହନ୍ତି ।

# The wheel

Subrat Mishra



# ଲାଲ୍ ବିନ୍ଦୁ ଟିଏ

**ଦେବଯାନୀ ସ୍ୱାଇଁ**

ଏ ବୋଧେ ବାର୍ ବୟ୍ ର ଷଷ୍ଠ କି ସପ୍ତମ ଥର ତାଗିଦା ଥିଲା । ପ୍ରତିଥର ସେ ସେମିତି ଅନୁନୟ ଭରା ସ୍ୱରରେ ଏରିକାକୁ ଟେବୁଲ୍ ଛାଡି ଯିବାକୁ ଅନୁରୋଧ କରୁଥିଲା । ଆଉ ଗୋଟେ ପେଗ୍ ଢାଳିଲା ଗ୍ଲାସ୍ ରେ ଏରିକା ।

ବାସ୍ ଏଇ ଗୋଟେ...ଦେଖ ବୟ୍...ଏଥର ମୋ ବଟଲ୍ ଶେଷ ହେଇଗଲା.. ୟା ପରେ ମୁଁ ଉଠିଯିବି । ଆଶ୍ୱାସନା ଦେଇ କହିଲା ସେ ବାର୍ ବୟକୁ । ଖାଲି ବଟଲ୍ ଟିକୁ ଟେବୁଲ୍ ଉପରୁ ନେଲା ବେଳେ ବୟ୍ ଟି ନିଶ୍ଚିତ ହେଇଯାଇଥିଲା କି ମ୍ୟାଡାମ୍ ଏଥର ନିଶ୍ଚୟ ଭାବେ ଉଠିଯିବେ। ଏକ ଆଶ୍ୱସ୍ତି ଭରା ହସଟିଏ ହସିଦେଇ ଫେରିଗଲା ସେ ତା କାଉଣ୍ଟରକୁ। ହେଲେ ଏରିକା ଏ ଯାକେ ନିଶ୍ଚିତ ହେଇ ପାରୁ ନଥିଲା କଣ କରିବ ସେ !

ଆଶୁତୋଷର ସେଇ ପଦେ କଥାଟି ତାକୁ ଅସ୍ଥିର ଆଉ ଅସହାୟ କରି ଦେଇଥିଲା । ଏମିତି କଥାଟିଏ ଯାହା ଏରିକା ମନରେ ଅନିଶ୍ଚିତତା ସହିତ ଅସୁମାରୀ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା ।

ଦୁଇ ଦିନ ପରେ ଆଶୁତୋଷ ସମୁଦ୍ର ଗର୍ଭରେ ନିଜର ଜାହାଜ ଚଳାଇ ଅନିର୍ଦ୍ଦିଷ୍ଟ ସମୟ ଲାଗି କୁଆଡେ ହଜିଯିବ। ଖୋଜିଚାଲିବ ଏରିକା ତାକୁ ଏମିତି କେତେ ଯେ ନଶାଶୀଳ ବୋତଲ ଭିତରେ। ଦିନେ ଢେର୍ ସାରା ଉପହାର ନେଇ ଏରିକା ପାଖରେ ପହଂଚିଯିବ ଆଶୁତୋଷ ଆଚମ୍ବିତ କରି। ବାହୁରେ ବାହୁ ଛନ୍ଦି ଘୂରି ବୁଲିବେ ଦୁହେଁ କିଛି ଦିନ ରାତି। ମୁକ୍ତା ଭଳି ସାଉଁଟିବେ ପ୍ରଣୟର ଚିକ୍ ମିକ୍ ପ୍ରୀତି। ଆଉ ପୁଣି ଦିନେ ଶୀଘ୍ର ଫେରିବାର ପ୍ରତିଶ୍ରୁତି ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଆଗେଇଯିବ ଆଶୁତୋଷ ।

ହେଲେ ଏଥରକ ଆଶୁତୋଷର ଭିନ୍ନ ଏକ ଉକ୍ତି । ଯିବା ପୂର୍ବରୁ ଏରିକାର ମଥାରେ ଲାଲ୍ ବିନ୍ଦୁଟିଏ ଲଗେଇବାକୁ ଚାହେଁ ସେ ।

ମନେ ମନେ ହସୁଥିଲା ଏରିକା । ଲାଲ୍ ବିନ୍ଦୁ... ଯେଉଁ ବିନ୍ଦୁ ତା ମା' ମଥାରେ ସବୁବେଳେ ଚମକୁଥାଏ । ଯାହାକୁ ମା' ତାର ଆଇନା ଆଗରେ ଖୁବ୍ ସନ୍ତର୍ପଣରେ ସଜାଏ ମଥାରେ, ହେଲେ ଯେଉଁ ବାପା ଏ ଲାଲ୍ ବିନ୍ଦୁଟିକକ ରଖି ଯାଇଥିଲା ତା ମା'ର ମଥାରେ, କେବେ ତାଂକୁ ଦେଖିନି ଏରିକା ।

ପୁଣି ଗୋଟେ ଢୋକ ନେଲା ସେ । ୱିସ୍କିର ଏକ ଶକ୍ତ ଝଟକାରେ ଏରିକା ଥରି ଉଠିଲା । ପାରିବ କି ସେ ଏମିତି ଗୋଟେ ଲାଲ୍ ବିନ୍ଦୁ ମଥାରେ ଲଗାଇ, ସବୁ କିଛି ଦାୟିତ୍ୱ ନେଇ ଜୀବନକୁ ଉପଭୋଗ କରି ପାରିବ ଏକାଏକା !! ଗୋଟିଏ ଲାଲ୍ ବିନ୍ଦୁରେ ସଜେଇ ପାରିବ କି ସେ ଜୀବନରେ ଇନ୍ଦ୍ରଧନୁ !! ଜୀବନ ରତୁର

ପ୍ରଚଣ୍ଡ ରୌଦ୍ର ଆଉ ହିମ କାକରରେ ଲାଲ୍ ବିନ୍ଦୁଟି ମଳିନ ପଡିବନି ତ !! ସମ୍ଭାଳିପାରିବକି ସେ ସମାଜର ତାଚ୍ଛଲ ଭରା ଚାହାଣୀ କେବଳ ଏକ ଲାଲ୍ ବିନ୍ଦୁର ଦ୍ୱାହି ଦେଇ !!

କି ଯାଦୁ ଥିଲା ସେ ଲାଲ୍ ବିନ୍ଦୁରେ କେଜାଣି, ଏରିକା ଜାଣିନି ହେଲେ ତା ମା' ଲାଗି ଏଇ ଲାଲ୍ ବିନ୍ଦୁ ଏକ ଜାଦୁଗର ଯେମିତି ।

ଯାଦୁଗରର କାଉଁରି କାଠି ଭଳି ସମସ୍ତ ଶକ୍ତି ଯେମିତି ଏଇ ବିନ୍ଦୁରେ କେନ୍ଦ୍ରୀଭୁତ ହେଇଚି ଆଉ ସେଇ ବିନ୍ଦୁର ଶକ୍ତିରେ ମା' ଆଜି ତାକୁ ଏକ ସୁନ୍ଦର ସମୃଦ୍ଧ ଦୁନିଆ ଦେଖେଇବାରେ ସଫଳ ହେଇ ପାରିଛି । ସିନ୍ଦୁରା ଫିଟି ଆସୁଥିଲା । କାଚର ଝରକା ସେପାଖରେ ଏରିକାକୁ ଦିଶୁଥିଲା ଦୂର ଦିଗ୍ ବଳୟର ମଥାରେ ଶାନ୍ତ, ସ୍ନିଗ୍ଧ , ତେଜୀୟାନ୍ ଖୁବ୍ ସୁନ୍ଦର ଲାଲ୍ ବିନ୍ଦୁଟିଏ ।

ꝏꝏ

**ଦେବଯାନୀ ସ୍ୱାଇଁ,** ଶିକ୍ଷୟତ୍ରୀ । ପଢିବା ଆଉ ପଢେଇବା ସହିତ କିଛି ଲେଖା ଲେଖି କରିବାରେ ରୁଚି । ସମୟ ଅଭାବ ହେଉ କିମ୍ବା ଅଳସପଣ ଯୋଗୁଁ ଅଳ୍ପ କିଛି କ୍ଷୁଦ୍ରଗଳ୍ପର ରଚନା ହେଇପାରିଚି କେବଳ । ଏ ପର୍ଯ୍ୟନ୍ତ କୌଣସି ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇନାହିଁ ହେଲେ ନିଜର ଆବେଗ ଓ ଅନୁଭବକୁ ପାଠକ ମାନଙ୍କ ପାଖରେ ଅଭିବ୍ୟକ୍ତ କରି ସେମାନଙ୍କ ହୃଦୟକୁ ଛୁଇଁ ଯିବା ହେଉଚି ଲକ୍ଷ୍ୟ । ଗୋରେଗାଓଁ, ମୁମ୍ବାଇରେ ରହନ୍ତି ।

ꝏꝏ

# ଉତ୍ତରଣ

## ମାଧୁରୀ ନନ୍ଦ

ନା ଦିନ ଉଏଁ ଆଶାର
ନା ରାତି ଆସେ ସ୍ୱପ୍ନର
ମୁଁ ତ ମୋ ଭିତରେ ଉତୁରେ
ମୋ ଉତ୍ତରୀ ଯେବେ ଛୁଉଁଥାଏ
ଲହରୀ ସବୁ ଉତ୍ତରଣର ।

ମୁକୁଳେ କାମନା କାରାରୁ
ମାୟାର ବକଳ ଝଡ଼େ
ପହଁରେ ବିନା ମୋହରେ
କା ମଉଳା ମନ ବି ମହକୁଥାଏ
ମୋ ମମତା ଦୋଳିରେ ।

ଖରାରେ ଶୁଖାଏ ଆଖିର ନଈ
ଆଡୁଆଳେ ଅଭିଆଡ଼ି ଅଭିମାନ
ଆତ୍ମାକୁ ପଖାଳି ଶରତ ଶଶିରେ
ବିତରୁଥାଏ ସଜକଇଁ ହସ
ଧରଣୀର କୋଣେ ଅନୁକୋଣେ ।

ଆଉଁଶାରେ ମୁଦେ ଧରା ଫାଟ
ଖସିପଡେ ଛାତି ଛାତରୁ ଶିଉଳି
ଲୁହ କି ଲହୁର ଲହଡିରେ ନୁହଁ
ଆତ୍ମଶୁଦ୍ଧିର ଅନୁରଣନରେ
ଉତ୍ତରେ ଉତ୍ତରଣ
ଉତ୍ତରାଧିକାରୀ ସୂତ୍ରରେ ।

ଓଓ

**ମାଧୁରୀ ନନ୍ଦ,** ରେମୁଣା, ବାଲେଶ୍ବର; ଗଭୀର ଈଶ୍ବରବିଶ୍ବାସୀ, ସଂସ୍କାରୀ, କର୍ମପ୍ରିୟା, ସାହିତ୍ୟ ପ୍ରେମୀ ତଥା ଶିକ୍ଷାଦାନରେ ନିଜକୁ ନିୟୋଜିତ କରି ସମର୍ପିତା ହେବାକୁ ବହୁତ୍ ଭଲ ପାଆନ୍ତି।

ଓଓ

# ଯୁଦ୍ଧର କଥା କହନାହିଁ

## ବୀଣାପାଣି ଦେବତା

ଯୁଦ୍ଧର  କଥା କହନାହିଁ,  ଯୁଦ୍ଧର କିଛି  ମୁହଁ ନାହିଁ
ମଣିଷ ଗଛ ପ୍ରାଣୀ ତା ଦର୍ପଣରେ କିଛି ବି ଦିଶେନାହିଁ
କାହିଁକି ଯୁଦ୍ଧ ଘୋଷଣା ବଂଧୁ,ସୀମା ସେପଟେ ଖାଲି ନିବାସ ବୋଲି  ?
ସେଇ ଏକା ମେଘ କଣ ଭିଜଉନି ଆମକୁ
 କେବେ ଭାବର ବର୍ଷାରେ କେବେ ଅଭାବର ମରୁଡିରେ
ବୁଝିପାରୁନ କି ଆମ ଭାଷା, ଅତିଥି ଦେବୋ ଭବ କହିଲେ  ଶୁଭୁଛି ଦିଅ ଯୁଦ୍ଧ l
ଏଇ ନିଅ ତୁମ ଦେଶପକ୍ଷୀ ଡେଣାରେ ଏ ଭେଟି
ବାଂଧିଦେଲୁ ଚିଠି  ଆମ ଶିଶୁଂକ ଦରୋଟି
ଯୁଦ୍ଧ କଥା ଆଉ କହିବନି, ଯୁଦ୍ଧର କିଛି ନାମ ନାହିଁ l
କେତେ ବାଛି ବାଛି  ପୁରୁଷ ପୁରୁଷର ବର୍ଣ୍ଣମାଳା ଉଝାଳି
ରଖିଥିବା ନାଁମାନ ସଂଖ୍ୟା ହୋଇଯାଂତି ଯୁଦ୍ଧର ପୋଡାଭୂଇଁରେ l
ଦେଖିବ ଦୁଇପାଖର ଧୂଆଁ ସମାନ ଭାବେ କୁହୁଳାଏ ଆଖି
ନାରୀର କାଂଧମାନ ନୁଏଁ,  ହାତମାନ ଦେହାଂଶ ସାଉଁଟେ l
ଆମର ରକ୍ତମାଂସ ପୁଷ୍ଟ ଏ ମାଟି, ଭୂମିର ଯତ୍ନରେ ବର୍ଦ୍ଧିତ ଗଛସବୁ କେଉଁମାନେ କାଟଂତି ଯେ
 ତିଆରି ହୁଏ ଯୁଦ୍ଧଭୂଇଁ , ଗଛମାନ ହୁଏ ଚୌକି l
ଫଳଂତି ଗଛତଳେ ଭିଡ କରୁଥିବା  ଶିଶୁମାନେ ଏବେ କାହାଂତି
ଏ ଯୁଦ୍ଧଭୂଇଁ କୋଳିତୋଟା କରିବାକୁ
କୋଳିର ରଂଗରେ ଜୁଡୁବୁଡୁ ମୁହାଁ ଶିଶୁଂକୁ ଫେରାଇ ଆଣିବାକୁ
ଯୁଦ୍ଧର କଥା କହ ନାହିଁ , ଯୁଦ୍ଧର ତ ମୁହଁ ନାହିଁ l

ଌଌ

**ଡ. ବୀଣାପାଣି ଦେବତା,** ୧୯୯୦ରୁ ଓଡିଶାର ସ୍ୱନାମଧନ୍ୟ ପତ୍ରପତ୍ରିକାରେ ଲେଖି ଆସୁଛଂତି l ଏଯାବତ ସାତଟି ପୁସ୍ତକ ପ୍ରକାଶିତ l କବିତା ସଂକଳନ: ବୀଜବପନ, ନଦୀତମା, ଏହାସହ ଡାଏରୀ ଅଂତହୀନ ଶାଂତିନିକେତନ; ପ୍ରବଂଧ ସଂକଳନ: ମହାକବିର ଅଂଗୀକାର ଓ ଅନ୍ୟାନ୍ୟ ପ୍ରବଂଧ, ଲୋକସାହିତ୍ୟ ସପକ୍ଷରେ, ବଂଗଳା ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଛି, ବାଁଚୋ ନଦୀର ମତୋ ବାଁଚୋ, କବିତା ସଂକଳନ ଓ ପ୍ରବଂଧ ସଂକଳନ ଓଡିଆ ଓ ବାଂଲା ଲୋକଗୀତି l ପୁରସ୍କାର: ବିଦ୍ୟାପୁରୀ କବିତା ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ଶ୍ରେଷ୍ଠ ଲେଖକ ପୁରସ୍କାର ସପ୍ତର୍ଷି, ଇତ୍ୟାଦି l କୋଲକାତାରେ ରହନ୍ତି l

ଌଌ

# ମଝି ପାହାଚ

ସାଇଜ୍ୟୋତି ପ୍ରଧାନ

ବାରଣ୍ଡାକୁ ପଡ଼ିଥିବା ତିନିଟି ପାହାଚକୁ ଦେଖି ମୋ ମନକୁ ଆସିଲା...ଉପର ପାହାଚରେ ଯିଏ ବସିପଡ଼େ ମଝି ପାହାଚରେ ଗୋଡ଼ ଦୁଇଟି ରଖେ । ତଳ ପାହାଚରେ ପ୍ରଥମ ପାଦ ରଖି ସମସ୍ତେ ଘରକୁ ଆସନ୍ତି। ତେଣୁ ପ୍ରଥମ ଏବଂ ଶେଷ ପାହାଚ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଆଉ ମଝି ପାହାଚ....!

ଏମିତି ଭାବୁ ଭାବୁ କେତେବେଳେ ବସି ଯାଇଥିଲି ମଝି ପାହାଚରେ । ସେଇ ଜାଗାଟି ମୋର ପ୍ରିୟ । ସେଇଠି ବସିଲେ ମତେ ଲାଗେ, ମୁଁ ନିଜେ ଯେମିତି ଏଇ ମଝି ପାହାଚଟି । ବାପାଙ୍କ କାମ ସରିବା ପରେ ଯିଏ ଯୁଆଡ଼େ ଫେରି ଗଲେଣି ନିଜ କର୍ମକ୍ଷେତ୍ରକୁ । ମୁଁ ଏକା ଏଇ ଘରଖଞ୍ଜାକୁ ଜଗି ରହିଛି ଗାଁ'ରେ ।

ବଡ଼ଭାଇ ଚାକିରୀ କଲାଦିନୁ ରହିଲାଣି ବାହାରେ। ଯେବେ ସେ ଚାକିରୀ ପାଇଲା ଘରର ସମସ୍ତେ କେତେ ଖୁସି ହେଇଥିଲେ । ପୁଣି ଅଳ୍ପ ଦିନ ଭିତରେ ଗାଁ ଛାଡ଼ି ଚାଲିଯିବ ବୋଲି ବୋଉ ଚୂଲିମୁଣ୍ଡେ ବସି କେତେ କାନ୍ଦିଥିଲା । ସେମିତି ଆଉଥରେ କାନ୍ଦିଥିଲା, ଯେବେ ରାତିଖିଆ ପରେ ଭାଇ ରୋକଠୋକ୍ ଶୁଣେଇଦେଲା...ଆର ଗାଁର ନାୟକବାବୁଙ୍କ ଝିଅକୁ ସେ ବାହା ହବନି । ନିଜେ ସହରୀ ଝିଅଟିଏ ପସନ୍ଦ କରିଛି । ତାକୁ ହିଁ ବାହାହବ । ବାପାଙ୍କ ମୁଣ୍ଡରେ ବଜ୍ର ପଡ଼ିଗଲା । ବହୁତ ଆଗରୁ କଥା ଦେଇଥିଲେ ନାୟକବାବୁଙ୍କୁ, ତାଙ୍କ ଝିଅ ଶୁଭସ୍ମିତାକୁ ବୋହୂ କରି ଆଣିବେ ବୋଲି । ବାପାବୋଉଙ୍କର ଚାରା ନଥିଲା । ପ୍ରଥମ ସନ୍ତାନ ବୋଲି ବହୁତ ସ୍ନେହ ଆଦର କରିଥିଲେ । ତାର ଫଳ ଏମିତି ଓଲଟା ଫଳିଲା ।

ସହରୀ ଭାଉଜ ମୋର ଚଳି ପାରିଲେନି ଗାଁ'ରେ । ଦିନ ଦଶଟା ନ ଯାଉଣୁ ଜିଦ୍ କଲେ ଭାଇଙ୍କ ସହିତ ଯିବେ। ରୋକିବାକୁ କିଏ ଥିଲା ! ଯିଏ ରୋକିଥାନ୍ତା ସେ ଚୂଲିମୁଣ୍ଡେ ମୁହଁରେ ଲୁଗାକାନୀ ଦେଇ ସୁଁ ସୁଁ ହଉଥିଲା । ଅଗତ୍ୟା ଭାଇଭାଉଜ ନିଜ ଇଚ୍ଛାରେ ଘରୁ ଚାଲିଗଲେ । ବର୍ଷକୁ ଥରେ ସପରିବାର ଆସି ମୁହଁ ମାରିଦେଇ ଯାଆନ୍ତି। ଭାଇ ମଝିରେ ମଝିରେ ଆସେ। ଚାଉଳ, ବିରି, ମୁଗ, ବଡ଼ି, ଆଚାର ନେଇକି ଯାଏ। ଆସିବା ଆଗରୁ ବୋଉକୁ ଫୋନ କରି କହେ, ବୋଉଲୋ ଆଗକୁ ଛୁଟି ଅଛି । ଯାଇ ତତେ ଦେଖି ଆସିବି । ଘରୁ ଗଲାବେଳେ ତା କାର୍ ରେ ଲଦା ହଉଥିବା ବିରି, ମୁଗ, ଚାଉଳ, ଦେଶୀଆଳୁ, ବଡ଼ସାରୁ ଦେଖିଲେ ଲାଗେନି ସେ ବୋଉକୁ ଦେଖିବାକୁ ଆସିଥିଲା । ତଥାପି ଭାଇ ଆସିଲେ ବାପା ବୋଉ ଖୁସିରେ ଉଛୁଳି ପଡ଼ନ୍ତି । ବାପା ତା ପସନ୍ଦର ଚିଙ୍ଗୁଡ଼ି, ଚୂନାମାଛ କିଣି ଆଣନ୍ତି । ସେ ଫେରିଗଲାବେଳେ ବୋଉ ପୁଣି ଲୁଗାକାନୀ ମୁହଁରେ ଜାକି ସୁଁ ସୁଁ ହେଇ କାନ୍ଦେ । ତା କାର୍ ପଛରେ ଉଠିଥିବା ଧୂଳିପଟଳ ଭିତରେ ବାପାଙ୍କ ଦୁଃଖ ଲୁଚିଯାଏ ।

ସାନ ତ ରହିଲା ଦରିଆପାରି ଦୂରଦେଶରେ। ଦୁଇତିନି ବର୍ଷରେ ଥରେ ଆସେ କାଚଗୋରୀ ସ୍ତ୍ରୀ ସହିତ । ଆଉ କଣ୍ଢେଇ ପରି ଛୁଆ ଦୁଇଟି ଯେମିତି ଆକାଶରୁ ଖସିଛନ୍ତି । ସାନ କୋଡ଼ପୋଛା । ପିଲାବେଳୁ ସବୁତକ ସ୍ନେହସରାଗରେ ଯେମିତି ତାରି ହକ୍ । ସେ ଆସିଲେ ବାପାବୋଉଙ୍କର ଗୋଡ଼ ତଳେ

ଲାଗେନି । ଏଇ ଖଞ୍ଜାଟିଯାକ ଚଳଚଞ୍ଚଳ ହୋଇଉଠେ । ଉତ୍ସବ ପାଳିଲା ପରି ସମସ୍ତେ ସେଇ କେତେଦିନ ଖୁସି ମନାନ୍ତି ।

ଏ ଘର ଭିତରେ ମୁଁ ଯେମିତି ଅପାଂକ୍ତେୟ ! କେହି ଭାବନ୍ତିନି ମୋ କଥା । କେବଳ ଜଣେ ଯିଏ ମୋ ସହିତ ସବୁବେଳେ ଥିଲା, ସେ ମତେ ସାହସ ଦିଏ। ସେ ଗାୟତ୍ରୀ । ମୋ ଠାରୁ ତିନିବର୍ଷ ସାନ । କୈଶୋରର ପ୍ରଥମ ପୁଲକ। ପ୍ରେମ କଣ ଜାଣିବା ଆଗରୁ ସେ ମୋ ହୃଦୟରେ ଆସ୍ଥାନ ଜମେଇ ସାରିଥିଲା । ମୁଁ ଏମିତି ଅନେକଥର ନିଜକୁ ଅବହେଳିତ ଭାବି ଦୁଃଖରେ ବତୁରି ଗଲାବେଳେ, ତାର ଖଣ୍ଡିଏ ଚିଠି ମତେ ସତେଜ କରୁଥିଲା । ମୁମୂର୍ଷୁ ମନକୁ ପ୍ରାଣବନ୍ତ କରୁଥିଲା । ଗାଁ ରେ ପ୍ରେମ କରିବା ପାପ। ସହର ପରି ଖୋଲାଖୋଲି କଥାବାର୍ତ୍ତା ହୋଇ ପାରେନି । ତା ଘର ସାମ୍ନା ଦେଇ ଗଲାବେଳେ ଯାହା ଦେଖା ସାକ୍ଷାତ । ଆଖିରେ ଆଖିରେ କଥା। ମୋ ସାଙ୍ଗ ସୁବାସ ହିଁ ସାହସ ଦେଇଥିଲା ଗାୟତ୍ରୀକୁ ଚିଠି ଲେଖି ମନକଥା କହିବାକୁ। ତା'ପରଠୁଁ ସେ ଆମ ଦୁହିଁଙ୍କର ପତ୍ରବାହକ । ଆଜି ଏ ଦୁଃସ୍ଥିତିରେ ଗାୟତ୍ରୀ ଖୁବ୍ ମନେ ପଡୁଛି ।

ବାପା ଚାଲିଗଲେ। ଭାଇ କ୍ରିୟା ଧରିବ ବୋଲି ଘରୁ ବାହାରିଲାନି । ସାନ ତ କୁଣିଆଁ ହେଇ ଆସିଛି। ଭୋଜିଭାତ, ଗାଁଗଣ୍ଡାରେ ବନ୍ଧୁବାନ୍ଧବଙ୍କ ଘର ବୁଲି ବାର୍ତ୍ତା ଦେବାଠୁଁ ଆରମ୍ଭ କରି ସବୁକାମ ମତେ ହିଁ ତ ବୁଝିବାକୁ ପଡ଼ିଲା । ଅଥଚ କେହି କେବେ ସାବାସି ଦେଲେନି । ସାବାସି ତ ଦୂରର କଥା, କେହି ମୁଣ୍ଡଦେହ ଆଉଁସି ଦେଲେନି ଥକି ପଡ଼ିଥିବ କାଳେ ଭାବି ।

ଗାଁ ଠାରୁ ଚାଳିଶି କିଲୋମିଟର ଦୂରରେ ଚାକିରୀ । ଏକୁଟିଆ ଭଡ଼ାଘରେ ରହେ। ସପ୍ତାହକୁ ଥରେ ଘରକୁ ଆସି ଭଲମନ୍ଦ ବୁଝି ଯାଏ । ଯେବେ ମୋ ବାହାଘର କଥା ଉଠିଲା, ବାପା ସିଧା କହିଦେଲେ ତୋ ପାଇଁ କନ୍ୟା ଖୋଜିବା ଦରକାର ନାହିଁ । ନାୟକବାବୁଙ୍କ ଝିଅ ସହିତ ତୋ ବାହାଘର ହେବ । କିଂକର୍ତ୍ତବ୍ୟବିମୂଢ଼ ମୁଁ ମୁହଁ ଖୋଲି ପାରିଲିନି ବାପାଙ୍କ ସାମ୍ନାରେ । ବାପାଙ୍କ ମାନ ରଖିବାକୁ ଯାଇ ଭାଇ ପାଇଁ ବାପା ପସନ୍ଦ କରିଥିବା ଶୁଭସ୍ମିତାକୁ ବାହା ହୋଇଗଲି । ଗାୟତ୍ରୀ ନଜରରେ ସବୁଦିନ ପାଇଁ ଛୋଟ ହୋଇଗଲି । ବହୁତ ପଛରେ ରହିଗଲା ଗାୟତ୍ରୀ । ସମସ୍ତଙ୍କର ଭଲ ପାଇଁ କେବେ ପଛକୁ ବୁଲି ଚାହିଁନି । ସ୍ତ୍ରୀକୁ କେବେ ଜାଣିବାକୁ ଦେଇନି କି ମୋର ବି ଗୋଟିଏ ଅଧାଲେଖା କାହାଣୀ ଅଛି ବୋଲି ।

ମୋ ବାହାଘରର ଛଅମାସ ପରେ ଗାୟତ୍ରୀର ବାହାଘର ହୋଇଥିଲା । ଗାୟତ୍ରୀ ପରି ତା ସ୍ମୃତି ବି ଅପହଞ୍ଚ ହୋଇଯାଉ...ଏମିତି ଭାବି ବାକ୍ସ ଭିତରେ ସାଇତିଥିବା ଗାୟତ୍ରୀର ସବୁତକ ଚିଠି ପୋଡ଼ି ଦେଇଥିଲି । ସତରେ କଣ ସ୍ମୃତିକୁ ହୃଦୟରୁ ପୋଛି ହୁଏ ! ଗାୟତ୍ରୀ ଏବେ ବି ବେଳଅବେଳରେ ଛାତି ଭିତରେ ରୁଗ୍ ରୁଗ୍ କରେ । ଖୁବ୍ ଜଳାଏ । କେବେକେବେ ଛାଇ ପରି ପଛେ ପଛେ ଗୋଡ଼ାଏ । ଇଚ୍ଛା ହୁଏ କହି ଦେବାକୁ, ମତେ ଛାଡ଼ିଦେ ଗାୟତ୍ରୀ...! ଗାୟତ୍ରୀ ଆଜିଯାଏଁ ଛାଡ଼ିନି । ଏକାନ୍ତରେ ସ୍ୱପ୍ନରେ ଆସେ । ଭାବନାରେ ଆସେ...ମୁଣ୍ଡ ଆଉଁସି ଦେଇ ଚାଲିଯାଏ । ଗାୟତ୍ରୀ ଛାତିତଳେ ଉଷ୍ମତା ଦେଉଥିବା ନିଆଁଝୁଲଟିଏ । ବେଳେ ବେଳେ ବନାଗ୍ନି ପାଲଟିଯାଇ ସାରାଦେହ ଜଳାଏ ।

ଶୁଭ ଘର ସମ୍ଭାଳୁଥିବା ସୁଗୃହିଣୀ । କେବେ କୌଣସି କଥାରେ ଅଭିଯୋଗ କରିନି । ମୋ ଅନୁପସ୍ଥିତିରେ ବି ସୁନ୍ଦର ଭାବରେ ଘର ଚଳେଇନିଏ । ବାପାବୋଉଙ୍କ ଅସୁସ୍ଥତାରେ ଡାକ୍ତର ଦେଖେଇବାଠୁଁ ଆରମ୍ଭ କରି ସେବା ଶୁଶ୍ରୁଷା ସବୁ କରେ । ସେ ମୋ ଅପେକ୍ଷା ବାପାବୋଉଙ୍କର ବେଶି ପ୍ରିୟ। ସେ ଭଲ ସ୍ତ୍ରୀ, ଭଲ ମା, ଭଲ ବୋହୂ ବି । ମଝିଆଁ ପୁଅ ହିସାବରେ ଅବହେଳିତ ହୋଇଛି ବୋଲି କେବେକେବେ ଅଭିମାନ କଲେ ସେ ବୁଝାଏ, ତୁମେ ପାଖରେ ଅଛ ବୋଲି ଜାଣି ପାରୁନ । ତୁମକୁ ବି ବହୁତ ଭଲ ପାଆନ୍ତି ବାପାବୋଉ ।

ଝିଅଟିଏ ଜନ୍ମ ହେବା ପରେ ବୋଉ କହିଥିଲା, ଆଉ ଗୋଟିଏ ହେଲେ ଆଗକୁ ପଛକୁ ଛୁଆଟିର ସାହା ହୁଅନ୍ତା । ସେତେବେଳେ ସଫା ସଫା ଶୁଣେଇ ଦେଇଥିଲି, ନା ବୋଉ ସେଇ ଗୋଟିଏ ଛୁଆ ଭଲ । ମୋ ପରି ନହେଉ। ବଡ଼ ପ୍ରଥମ ପିଲା ବୋଲି ଯେତେ ସ୍ନେହ ଆଦର ସବୁ ପାଇଲା । ସାନ କୋଡ଼ପୋଛା ବୋଲି....। ମୁଁ ଯାହା ପେଶି ହେଇଗଲି ସେ ଦି' ଜଣଙ୍କ ମଝିରେ । ସେଦିନ ମୋର ଏଇକଥା ବୋଉକୁ ବହୁତ ଦୁଃଖ ଦେଇଥିଲା । ବୋହୂ ପାଖରେ କାନ୍ଦିକାନ୍ଦି କହିଲା, ମାଆ କଣ ନିଜ ପିଲାଙ୍କ ଭିତରେ ପାତରଅନ୍ତର କରେ !

ଆଜି ଆରସାହିରେ ଟେଣ୍ଟବାଲାକୁ ପଇସା ଦେଇ ଫେରିଲାବେଳେ ବାଟରେ ଦେଖାହେଲା ସୁବାସ ସହିତ । କହୁଥିଲା ଗାୟତ୍ରୀ ସବୁଦିନ ପାଇଁ ଗାଁ କୁ ଫେରି ଆସିଛି । ବିଧବା ହେଲା ପରେ ତା ଶାଶୁଘର ଲୋକ ତଡ଼ିଦେଲେ । କେମିତି ଘାଣ୍ଟିଚକଟି ହୋଇଗଲା ମନ ।

ଓଃ...ଭଲ ଲାଗୁଛି ଏଇ ମଝି ପାହାଚରେ । ମଝିଆଁର ମଝି ପାହାଚର ଜୀବନ । ଥକାମନ ଥକାଦେହ କେତେବେଳେ ଗଡ଼ି ପଡ଼ିଛି ସେଇଠି । ଆଖି ଲାଗି ଯାଇଛି । ଘର ଭିତରୁ ଶୁଭର ଡାକ ଶୁଭିଲା। ଚଟ୍ କିନା ନିଦ ଭାଙ୍ଗିଗଲା । ନଜର ବୁଲିଗଲା ଚାରିପଟକୁ । ଖଳାବାଡ଼ିରେ ବୁଢ଼ା ଆମ୍ବଗଛମୂଳେ ଧଳାଶାଢ଼ୀରେ କିଏ ! ତୋଫା ଜହ୍ନ ଆଲୁଅରେ ଗାୟତ୍ରୀ !!! ଆଃ....ଛାତିତଳେ କଣ ଗୋଟେ ହେଇଗଲା। ଇଚ୍ଛା ହେଲା ଗୟତ୍ରୀକୁ ଜାବୁଡ଼ି ଧରି ବହେ କାନ୍ଦିବାକୁ ।

ଶୁଭ କେତେବେଳୁ ଆସି ପଛରେ ଛିଡ଼ାହୋଇଛି, ମୋର ସେ ଦିଗକୁ ନଜର ନାହିଁ । ନିଃଶବ୍ଦରେ ସେ ସେଇ ପାହାଚରେ ବସିଗଲା। ମୋ ମୁଣ୍ଡକୁ କୋଳରେ ରଖି କହିଲା, ମୁଁ ତୁମର ପୀଡ଼ା ବୁଝି ପାରୁଛି । ତୁମେ ମଝିଆଁ ବୋଲି ସବୁବେଳେ ଦୁଃଖ କରୁଛ । କିନ୍ତୁ, ତୁମେ କେବେ ଜାଣିନ ବାପାବୋଉ ତୁମକୁ କେତେ ଭଲ ପାଆନ୍ତି । ବାପାଙ୍କ ଗୋଡ଼ ଘଷିଲା ବେଳେ କେବେକେବେ କୁହନ୍ତି....ଦୀପୁ ପିଲାବେଳେ ପଚାରେ ବଡ଼ ତ ବାପାର, ସାନ ବୋଉର । ଆଉ ମଝିଆଁ କାହାର ? ମୁଁ ବି ମଝିଆଁ । ମୁଁ ବି ଭୋଗିଛି ସେ ଅନ୍ତର୍ଦାହ। ଏବେ ଯେତେବେଳେ ମୁଁ ମୋ ବାପାଙ୍କୁ ବୁଝିଲିଣି, ମୋ ପୁଅ ସେଇ ସମାନ ଅଭିଯୋଗ କରୁଛି ।

ଶୁଭ ମୋ ଆଙ୍ଗୁଠିରେ ବାପା ଶେଷ ପର୍ଯ୍ୟନ୍ତ ପିନ୍ଧୁଥିବା ମୁଦିଟି ପିନ୍ଧେଇ ଦେଇ କହିଲା, ବାପାଙ୍କୁ ଏଇ ମୁଦି ତାଙ୍କ ବାପା ଦେଇଥିଲେ। ତାଙ୍କ ମଝିଆଁ ପୁଅକୁ । ବାପା ତୁମ ପାଇଁ ଦେଇ ଯାଇଛନ୍ତି ଏ ମୁଦି । ତୁମେ ତ

ସେ ସୁଯୋଗ ଦେଲନି । ନହେଲେ ତୁମେ ବି ତୁମ ମଝିଆଁକୁ ଦେଇଥାନ୍ତ । ଶୁଭ ମୁହଁରେ ଦୁଷ୍ଟାମୀର ହସ ଖେଳୁଥିଲା ।

ଏବେ ଗାୟତ୍ରୀ ସହିତ ବାପା ବି ଛାତି ଭିତରେ। ଉଠିପଡ଼ି କୁଣ୍ଢେଇ ପକେଇଲି ଶୁଭକୁ। ତା ଭିତରେ ପାଇଲି ଗାୟତ୍ରୀର ଅନୁଭବ...! ପଛରେ ବୋଉ ଛିଡ଼ା ହୋଇଥିଲା। ମମତାର ସାକ୍ଷାତ ମୂର୍ତ୍ତିଟିଏ। ହାତ ବଢ଼େଇଦେଲା ବୋଉ। ଆଉ ବୋଉ ଭିତରେ ବାପା.....!

ꣲꣲ

**ସାଇଜ୍ୟୋତି ପ୍ରଧାନ,** ଗୃହିଣୀ । ଅନୁଗୋଳରେ ରହନ୍ତି ।  ବିଭିନ୍ନ ପ୍ରକାର ବହି ପଢ଼ିବା ଓ ଗପ ଲେଖିବା ଏକମାତ୍ର ସଉକ୍ । କ୍ଷୁଦ୍ରଗଳ୍ପଗୁଡ଼ିକ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ଗୋଟିଏ ଉପନ୍ୟାସ "ଅନୁରାଗର ଶେଷପର୍ବ" ପ୍ରକାଶିତ ହୋଇସାରିଛି । ଫେସବୁକ୍ ପରି ସୋସିଆଲ୍ ମିଡ଼ିଆରେ ଜଣେ ସକ୍ରିୟ ପାଠିକା । ନିଜ ବିଷୟରେ କହନ୍ତି "ଯେବେ କୌଣସି କଥା ବା ଘଟଣା ମନକୁ ଅସ୍ତବ୍ୟସ୍ତ କରିପକାଏ, ସେତେବେଳେ ଗପଟିଏ ଲେଖିପକାଏ । ମୁଁ ଭାରି କଳ୍ପନାପ୍ରବଣ । ତେଣୁ କଳ୍ପଲୋକରୁ କେବେକେବେ ଗଳ୍ପଟିଏର ଖିଅ ମିଳିଯାଏ । ମୁଁ ଏବେ ବି ନିଜକୁ ପାଠିକାଟିଏ ହିଁ ଭାବୁଛି । ଗଳ୍ପକଳା ଶିଖୁଛି । ଏ ଶିଖିବା ପ୍ରକ୍ରିୟା ଶେଷଯାଏ ଜାରି ରହିବ।"

ꣲꣲ

# ମାୟା

## ବିଭୁଦତ୍ତ ନାୟକ

ସ୍ଥାୟୀ ନୁହେଁ କିଛି

ସ୍ଥାୟୀ ନୁହେଁ କିଛି ବି ...

ନା ଜୀବନ ନା ଯନ୍ତ୍ରଣା
ନା ଆକାଂକ୍ଷା ନା ତର୍ପଣ
ନା ଅଭାବ ନା ପ୍ରାଚୁର୍ଯ୍ୟ
ନା ଦାରିଦ୍ର୍ୟ ନା ଐଶ୍ୱର୍ଯ୍ୟ

ନା ଅସ୍ତ ନା ଉଦୟ
ନା ଆବିର୍ଭାବ ନା ବିଲୟ
ନା ପ୍ରମୋଦ ନା ଅତ୍ୟୟ
ନା ବିଷାଦ ନା ବିସ୍ମୟ

ନା ଈଶ୍ୱରତ୍ୱ ନା ଭୃତ୍ୟତ୍ୱ
ନା ସ୍ତୁତ ନା ତିରସ୍କୃତ

ନା ଅଭୀଷ୍ଟ ନା ଅନାହୁତ
ନା ପରାଭୂତ ନା ଅନାଦୃତ

ନା ସଂଶୟ ନା ପ୍ରତ୍ୟୟ
ନା କ୍ଷୟ ନା ଅବ୍ୟୟ
ନା ବନ୍ଧନ ନା ମୋକ୍ଷ
ନା ଭେଦ୍ୟ ନା ଅଜେୟ

ନା ସଂକୀର୍ଣ୍ଣ ନା ଆସ୍ତୀର୍ଣ୍ଣ
ନା ସମ୍ପନ୍ନ ନା ଶୀର୍ଣ୍ଣ
ନା ତ୍ରସ୍ତ ନା ସେନ
ନା ବିଚ୍ଛିନ୍ନ ନା ନିଭିନ୍ନ

ସ୍ଥାୟୀ ନୁହେଁ କିଛି
ସ୍ଥାୟୀ ନୁହେଁ କିଛି ବି
ତଥାପି .... ମାୟା !

ଠଠ

# ପ୍ରିୟତମା

## ବିଭୁଦତ୍ତ ନାୟକ

ମୋତେ ସେ ଖୁବ୍ ଭଲପାଏ
ମୋ ଆଖି କାନ ନାକ ...
କଥାବାର୍ତ୍ତା ଅଙ୍ଗ ଭଙ୍ଗୀ ...
ସବୁ କିଛି ତାକୁ ଭଲ ଲାଗେ,
ମୋ ଆସିବା ବାଟ ଚାହିଁ ବସିଥାଏ

ବିଳମ୍ବ ହେଲେ ବ୍ୟସ୍ତ ହୁଏ,
ସତ କହିଲେ ସନ୍ଦେହ କରେ ...
ମିଛକୁ ସତ ଭାବେ ...
ମୋ କାହାଣୀରେ ବିସ୍ମିତ ହୁଏ ...
ମୋତେ ସେ ଖୁବ୍ ଭଲପାଏ ।

ମୋତେ ଭରସା ଦିଏ
କିଛି ବି କରିପାରିବ ମୋ ପାଇଁ ସିଏ,
ବିଶ୍ୱାସର ଖିଅରେ ବାନ୍ଧି ହୋଇ
ଚାରିପାଖେ ମୋର
ଆଉ ଏକ ଜହ୍ନ ପରି ଘୁରୁଥାଏ,
ଖୋଜୁଥାଏ ନିଜକୁ ମୋ ଆଖିରେ
ପାଇଲେ ହସି ଦିଏ ...
ମୋ ସଫଳତାରେ ଉତ୍ସବ କରେ
ମୁଁ ବିଫଳ ହେଲେ
ସେ ନିଜକୁ ଦୋଷୀ କହେ ...
ମୋତେ ସେ ଖୁବ୍ ଭଲପାଏ ।

ମୋତେ ପାଇବାର କଳ୍ପନାରେ
ଯେତିକି ବିଭୋର ହୁଏ
ହରାଇବା ଡରରେ
ତା'ଠୁ ଅଧିକ ଚିହ୍ନୁକୁ ଥାଏ,
ସେଥିପାଇଁ ତ ମୋ ଛାଇ ଦେଖି ଡରେ,
ପଚାରେ, ସେ କିଏ?
ସାଥେ ସାଥେ ତୁମର କାହିଁକି ଚାଲୁଛି
ସିଏ?
ଖୁବ୍ ଅଭିମାନ କରେ,
ଚୁପ୍ ରୁହେ,
କିନ୍ତୁ ରହି ପାରେନା ଡେରି ଯାଏଁ,
ଟିକକରେ ମାନିଯାଏ ...
ଛଳ ଛଳ ଆଖିରେ କହେ ..
ମୁଁ ତୁମକୁ ବହୁତ ଭଲପାଏ ।
ସତରେ, ମୋତେ ସେ ଖୁବ୍ ଭଲପାଏ ।

ooo

# ବାଚେଲର୍ ଘର

## ବିଭୁଦତ୍ତ ନାୟକ

କୌଣସି ଗୋଟିଏ ବି ଜିନିଷ
ତା ନିର୍ଦ୍ଦିଷ୍ଟ ଯାଗାରେ ନରହିବା
ବୋଧେ ଗୋଟେ ବାଚେଲର୍ ଘରର ଲକ୍ଷଣ ।

ବାଲ୍କୋନୀରେ ଖଣ୍ଡେ ଭଙ୍ଗା ଚଉକି
ପଡ଼ିଥାଏ ତା ଭବିଷ୍ୟତ ଆବୋରି,
ରଶିରେ ଖରା ବର୍ଷା ଶୀତ ନିର୍ବିଶେଷେ
ଅନବରତ ଶୁଖୁଥିବା ଲୁଙ୍ଗି ଗଞ୍ଜି ଗାମୁଛା ...
ଦୂରରୁ ପରିଚିତ କରେଇ ଦିଏ
କେହି ଜଣେ ବାଚେଲର୍ ର ଘର ସେଇଟା ।

ଗୋଟିଏ ପ୍ରଶସ୍ତ ଘରକୁ ବି
ସହଜରେ ଅଣଓସାରିଆ କରିଦେଇପାରେ
ବାଚେଲର୍ ଜଣେ,
ବାସ୍ତୁଶାସ୍ତ୍ର ନୁହେଁ
ପଙ୍ଖାତଳେ ଶୋଇବାର ମୋହରେ
ଘରର ଠିକ୍ ମଝିକୁ
ବେପରୁଆ ଖଟିଆକୁ ଟାଣି ଆଣେ ।

ମେଜ ଉପରେ ପୁଳେ ଲୁଗା,
ତିନି ଦିନର ମଲା ଖବରକାଗଜ ଓ
ଅଧାମେଲା ଇଣ୍ଡିଆ ଟୁଡେ
ଆଇସିୟୁ ପେସେଣ୍ଟ ପରି ପଡ଼ିଥାନ୍ତି
ଶେଯରେ,
ବାଦୁଡ଼ି ପରି ଲଟକିଥାନ୍ତି ପ୍ୟାଣ୍ଟ କମିଜ
କବାଟ ପଛ ଲଟକଣରେ,
କେତେ ସପ୍ତାହ ପୂର୍ବରୁ
ଧୋଇହେବା ପାଇଁ ଦେଇଥିବା ଅର୍ଜି ଉପରେ
ଅମଳ ହେବା ଅପେକ୍ଷାରେ ।

ବାଥରୁମ୍ ରେ ମାଟିଆ ରଙ୍ଗର ବକେଟ୍ ଆଉ
ମଗ୍,
ଦିନେ ସେମାନେ ବି ଖୁବ୍ ସଫେଦ ଥିଲେ
ଅପ୍ରେମରେ ପ୍ରତାଡ଼ିତ ହେଇ ହଜିଛି ରଙ୍ଗ,
ଠଣାରେ ଠିପି ଖୋଲା ତେଲ ଶିଶି
ମଉଳା ଫୁଲ ପରି ମୁହଁ ଲଟକେଇଛି ଟୁଥ୍
ବ୍ରଶ୍ ଟେ,
ମୋଡାହୋଇ ପଡିଥିବା ଟୁଥ୍ ପେଷ୍ଟ
ଅନେକ ଧସ୍ତାଧସ୍ତି ପରେ ଗତଥର
ବାହାରିଥିଲା ଟୋପେ
ତଥାପି ଆଶା, ଚଳିଯିବ ଦିନା ଆଉ କେତେ ।

ବାଥରୁମ୍ ରୁ ବାହାରୁ ବାହାରୁ
ଡାହାଣ ପାଖ କାନ୍ଥରେ ହାଙ୍ଗିଙ୍ଗ୍ ମନ୍ଦିର
ଓହଳିଥାନ୍ତି ସାଇବାବା, ଗଣପତି,
ଠାକୁରାଣୀ, ଜଗନ୍ନାଥ
ଆଉ କେତେଟା ମୂକ ଠାକୁର,
ଅଗରବତୀ ନିଆଁରେ ଅନେକ ଦିନରୁ
ତିଳ ତିଳ ଦଗ୍ଧ ହେଇଥିବା କାନ୍ଥ....
ଆଉ ବାଁ ପାଖରେ ଟଙ୍ଗା ଅଇନା ଚିରୁଣି
ତା ପାଖେ କେତେଟା ସ୍ୱଳ୍ପାବୃତା
ସିନେତରୁଣୀ
ଧୂପ ଲଗାଉ ଲଗାଉ ପଦେ ଆରତୀ ଅବା
ଚାଳିଶା ବୋଲା ହେଉ କି ନହେଉ,
ସିନେତରୁଣୀଙ୍କୁ ଫ୍ଲାଇଙ୍ଗ କିସ୍ କିନ୍ତୁ
କେବେ ମିସ୍ ହୁଏନା ମୁଣ୍ଡ କୁଣ୍ଡାଉ କୁଣ୍ଡାଉ ।

ଘରୁ ବାହାରକୁ ଗଲାବଳେ କିନ୍ତୁ
ସଫା ଜିନ୍ସ୍ ଟିସାର୍ଟ ଇନ୍ ବେଲ୍ଟ୍ ମୋକାସିନୋ
ଇଟାଲୀୟ ଡିଓର ମୃଦୁ ଗନ୍ଧ
ଓଠରେ ହିନ୍ଦି ଗୀତର ମନ୍ଦ୍ର ଉଚ୍ଚାରଣ ...
ଏକ ନିବିଡ ପ୍ରଚେଷ୍ଟା ବାଚେଲର୍ ର
ଲୁଚାଇବା ପାଇଁ ସମସ୍ୟାର ଛାପ
ସବୁ ବେପରୁଆ ଭାବ
ଆଉ ଯେତେକ ଅସଜଡ଼ାପଣ ।

ଠଠ

**ଡ: ବିଭୁଦତ୍ତ ନାୟକ ।** ପେଶାରେ ଜଣେ ପଦସ୍ଥ ବ୍ୟାଙ୍କ ଅଧକାରୀ, କିନ୍ତୁ ନିଶା ତାଙ୍କର କବିତା । ଏକ ସାହିତ୍ୟ ଅନୁରାଗୀ ପରିବାରରେ ଜନ୍ମ, କବିତା ପ୍ରତି ଉତ୍ସର୍ଗୀକୃତ ମନୋଭାବ । ତାଙ୍କର କବିତା ସଂକଳ "ନିଃଶବ୍ଦର ଶବ୍ଦ" (୨୦୧୯), "ତୁମେ ଆସିବ ବୋଲି" (୨୦୨୦) ପ୍ରକାଶ ପାଇଛି ଓ "ଝର୍କା ପାଖରେ ଏକଲା ମଣିଷ" ପ୍ରକାଶ ଅପେକ୍ଷାରେ ଅଛି । ପାଟନା, ବିହାରରେ ରହନ୍ତି ।

ଠଠ

# ଯୁଦ୍ଧ ଅନ୍ତେ

**ଶମ୍ଭୁନାଥ ରାଉଳ**

ମନେ ଅଛି ଗାଁ ଦାଣ୍ଡେ
ବାଉଁସ ପାତିଆ ଖଣ୍ଡା ଯୁଦ୍ଧ
ପିଲାବେଳେ
ରମାନାଥ ମାଷ୍ଟ୍ରଙ୍କର ନାଲି ଆଖି
କାହା କାହା ଉପରେ ବେତ ମାଡ
ଏବଂ ଛାନିଆରେ ଶ୍ରେଣୀ ଗୃହରେ
ସେବତୀର ମଳତ୍ୟାଗ
ମନେ ଅଛି ଗାଁ ମୁଣ୍ଡ ଦୂର୍ଗା ପଡିଆରେ
ଅପେରାର ରାଜା ଏବଂ ସେନାପତି
ମାନଙ୍କର ମିଛ ମିଛିକା ଖଣ୍ଡା ଯୁଦ୍ଧ
ବିଗୁଲର ଶବ୍ଦ ଯୁଦ୍ଧର ଆହ୍ୱାନ
ମନେ ଅଛି ଚିତା କର୍ଷକ ଦୃଶ୍ୟ ।
ପୁଣି ରାମାୟଣ ମହାଭାରତରେ
ଯୁଦ୍ଧର ପରିଣାମ
ପୁରାଣ ଇତିହାସ ପୃ ।ରେ କେତେ କେତେ
ଯୁଦ୍ଧର ଭୟାବହତା
ବିଭିଷୀକା ବିଶ୍ୱଯୁଦ୍ଧର
ସୃଷ୍ଟିର ଆରମ୍ଭରୁ ଚାଲି ଆସିଛି
ଏ ଯୁଦ୍ଧ
ନାହିଁ ତାର ପରି ସମାପ୍ତି
କଳିଙ୍ଗଯୁଦ୍ଧର ଚଣ୍ଡା ଶୋକରୁ
ଧର୍ମା ଶୋକରେ ପରିଣତ ରାଜା ଅଶୋକ
ବୈାଦ୍ଧ ଧର୍ମର ପ୍ରଚାର ବିଶ୍ୱବ୍ୟାପୀ
କାହିଁ କିଛି ଶିକ୍ଷା
ତ ପାଇ ନାହିଁ ଏ ବିଶ୍ୱ !
ବୈାଦ୍ଧ ଧର୍ମର ପୃଷ୍ଠା ପୋଷକ ଚାଇନା
ସର୍ବଦା ଶାଣିତ ତାର ଅସ୍ତ୍ର
ନିକଟ ଅତୀତରେ ରକ୍ତରେ
ହୋଲି ଖେଳିଥିବା ତାଲିବାନୀ
ଆଫଗାନର ଛାତିରେ
ଅଗଣିତ ନୀରିହଙ୍କ ହତ୍ୟା
ଆବାଳ, ବୃଦ୍ଧ ବନୀତା
ବାସଶୂନ୍ୟ, ଭବିଷ୍ୟତ ଶୂନ୍ୟ
ଏବେ ପୁଣି ଋଷିଆର
ୟୁକ୍ରେନ ଉପରେ ଘନ ଘନ ଆକ୍ରମଣ
ହାତୀର ପିମ୍ପୁଡି ସଙ୍ଗେ ଯୁଦ୍ଧ
ଭଳି କି ଅମାନବିକ ଅତ୍ୟାଚାର
ଅହଂକାରରେ ଫାଟି ପଡୁଛି
ଏ ସୃଷ୍ଟିର ସତ୍ତା
ନା ବାସଗୃହ ନା ଖାଦ୍ୟ ନା ବଞ୍ଚିବାର ଆଶା
ଖାଲି ନିଆଁ ଆଉ ନିଆଁ
ଅଗ୍ନିର ସେ ଲେଲିହାନ୍ ଶାଖା
ସାରା ବିଶ୍ୱ ଦେଖୁଛି ଏ ଯୁଦ୍ଧ
ସମସ୍ତେ ଭୀତତ୍ରସ୍ତ
ଖାଲି ଆହା ଶବ୍ଦ
ଚାରା ନାହିଁ କରିବାର କିଛି
ସାମାନ୍ୟ ଦାୟିତ୍ୱହୀନତା
ସୁତ୍ରପାତ କରିପାରେ ଆଉ ଏକ ବିଶ୍ୱ ଯୁଦ୍ଧର
ସମସ୍ତେ ନୀରବ ଦ୍ରଷ୍ଟା
ଅପେକ୍ଷା କରନ୍ତି
ଅବସାନ ଏ ଯୁଦ୍ଧର
ହୁଏତ ମିଳିଯାଇ ପାରେ
କିଛି ଶିକ୍ଷା
ନୂତନ ଏକ ପୃଥିବୀ ଗଠନର
ଶାନ୍ତିର ପୃଥିବୀ ମୈତ୍ରୀର ପୃଥିବୀ
ହୁଏତ ଆରମ୍ଭ ହେଇ ପାରେ

ଏହିଠାରୁ ଏକ
ନୂତନ ଯୁଗର ଏକ ନୂତନ ପୃଥିବୀ ।

ooo

**ଶମ୍ଭୁନାଥ ରାଉଳ,** ମାଷ୍ଟର ଅଫ୍ ଫରେନ ଟ୍ରେଡ୍ । ପ୍ରାୟ ୪୦୦ଟି କବିତା, ୨୨ଟି କ୍ଷୁଦ୍ରଗଳ୍ପ ରଚନା, ଦୁଇଟି ବହିର ସମୀକ୍ଷା, ଗୋଟେ ପ୍ରବନ୍ଧ ଏବଂ ଏକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଉପରେ ଆଲେଖ୍ୟ ରଚନା । ପ୍ରକାଶିତ ପୁସ୍ତକ: ୫ଖଣ୍ଡ କବିତା ପୁସ୍ତକ - ମହାସମୁଦ୍ର, ଅନନ୍ୟ, ନୈବେଦ୍ୟ, ସମୟର ମାନଚିତ୍ର ଏବଂ ଭୋରର ଆଲୁଅ; ଖଣ୍ଡିଏ ଗଳ୍ପ ପୁସ୍ତକ - ସମ୍ପର୍କର ମହକ; ଖଣ୍ଡିଏ ସମୀକ୍ଷା ପୁସ୍ତକ - ମହାସମୁଦ୍ର ଏକ ଅନ୍ତରଙ୍ଗ ଆକଳନ । ଅନେକ ଅନୁଷ୍ଠାନ ଦ୍ବାରା ସାହିତ୍ୟ କୃତି ପାଇଁ ସମ୍ମାନିତ । ଭୁବନେଶ୍ୱରରେ ରହନ୍ତି ।

ooo

# କୃଷ୍ଣଚୁଡା

## ନିରୁପମା କର

କୃଷ୍ଣ ଚୁଡା ତୋ ରୂପସୀ ତନୁରେ ପ୍ରୀତିର ପହିଲି ରଙ୍ଗ
ବାଟବଣା କରୁ ବାଟୋଇର ମନ ଅଙ୍ଗରେ ଜାଳି  ଅନଙ୍ଗ
ପଥ ଧାରେ ଧାରେ ଆରକ୍ତ ଅଧରେ ଶୂନ୍ୟ ଆକାଶେ ଚାହିଁ
ବେଦମ ଖରାକୁ ପିଠି ଦେଖାଇ ତୁ ହସୁ କିରିକିରି ହୋଇ ।

ସକାଳ ସୂରୁଜ ହସିଲେ ଗଗନେ ଚମକେ ତୋହର ଛଟା
କୁଆଁରୀ ଦେହୁତୋ ରଙ୍ଗ ଅଭିର ଝରିପଡେ ମୁଠାମୁଠା
ପବନ ଝୁଲାରେ ଝୁଲାଉଥାଏ ତୋ ନହୁଲି ବୟସୀ ମନ
ମିଶିଗଲେ ଆଖି ଆଖିରେ ତୋର ସୁରଭିତ ମନ ବନ ।

ଆଗୋ ସୁକୁମାରୀ ବରପୂର୍ବା ବେଶେ କାହାବାଟ ଚାହିଁ ଚାହିଁ
ଈପ୍ସିତ ତୋର ଅନନ୍ତ ପ୍ରତୀକ୍ଷା ପାପୁଲିଏ ପ୍ରୀତି ପାଇଁ
ଜଳି ଜଳାଉତୁ ,ଖେଳରେ ଖେଳରେ କରାୟତ କରୁ ବାଜି
ବେଫିକର ତୋର ବିଳସୀ ବଜାର ତୃପ୍ତିର ତୀର ବାଜି ।

ରକ୍ତ ଅଧରେ ରିକ୍ତତା କେତେ ଅନେକ ପୀଡାର ପ୍ରାଶ
ସତୃଷ୍ଣ ବଦନେ ବାଦସାହି ଠାଣି,ଚାରୁ ଚନ୍ଦ୍ରିକା ହସ ।

ଦଦ

# ତମେ ନାହଁ ବୋଲି

## ନିରୁପମା କର

ତମେ ନାହଁବୋଲି ମାଟିର ଶେଜରେ
ଫୁଟୁନାହିଁ ଘାସ ଫୁଲ
ଅଳସୀ ପବନ ସରାଗରେ ଆସି
କରୁନାହିଁ ଆଉ ଗେଲ।
ତୁମ ନାଆଁ ଲେଖି ବାଉଳା ବସନ୍ତ
ରଙ୍ଗରେ ଭିଜାଉ ନାହିଁ
ରଜନୀ ଗନ୍ଧାର ଭୁରୁ ଭୁରୁ ବାସ
ପବନରେ ଖେଳୁନାହିଁ
ନିଦ ସବାରୀରେ ଆସୁନି ସପନ
କିଛି ଲାଗୁନାହିଁ ଭଲ।
ତମେ ନାହଁବୋଲି ମାଟିର ଶେଜରେ
ଫୁଟୁନାହିଁ ଘାସଫୁଲ।
ଜୀବନ ଯମୁନା ଉଜାଣି ସୁଅରେ
ଚୁନା ଚୁନା ଢେଉ ହୋଇ
ଉଦାସ ଏ ମନେ ଆଶାର ମୁକୁଳ
ଉଠୁନାହିଁ ଆଉ ଚେଇଁ
ଉଆଁସ ଅନ୍ଧାରେ ନିଜକୁ ହଜାଇ
ଖୋଜେ ମୁଁ ଜୀବନ ମୂଳ।
ତମେ ନାହଁ ବୋଲି ମାଟିର ଶେଜରେ
ଫୁଟୁନାହିଁ ଘାସଫୁଲ ।

ଓଓ

# ମେଘ ମେଘ ଏ ଆକାଶ

## ନିରୁପମା କର

ମେଘ ମେଘ ଏ ଆକାଶ ଭଲଲାଗେ ଏତେ କିଆଁ
କଳା କବରୀରେ ତାର ଚପଳା ର ମିଠା ଛୁଆଁ ।

ମନ ମୟୂରୀ ମୋ ଆଜି ସାଜିଅଛି ଛନ୍ଦ ହରା
ମରମେ ଭରିଛି ପ୍ରୀତି ଏ ଆଷାଢ଼ ଅପାଶୋରା
ଅସୁମାରୀ ଆଶାଫୁଲ ଛାତିତଳେ ଜାଳେ ନିଆଁ ।
ମେଘ ମେଘ ଏ ଆକାଶ ଭଲଲାଗେ ଏତେ କିଆଁ ।

ରଙ୍ଗ ହରାଇ ଆକାଶ ହଜାଇଛି ମନତାର
ମୋ ମନ ଯାଇଛି ହଜି ଶୁଣି ତା ପାଦ ନୂପୁର
ବିଳାସୀ ବଉଦ କିବା କରଛି ମୋତେ କିମିଆଁ ।
ମେଘ ମେଘ ଏ ଆକାଶ ଭଲଲାଗେ ଏତେ କିଆଁ ।

ଋଋ

**ନିରୁପମା କର,** ଭୁବନେଶ୍ୱର । ସେ କବିତା, ଗଳ୍ପ, ଶିଶୁ ସାହିତ୍ୟ, ଉପନ୍ୟାସ, ପ୍ରବନ୍ଧ, ଆଦି ଲେଖନ୍ତି । ଓଡ଼ିଆ ସାହିତ୍ୟର ସମ୍ଭ୍ରାନ୍ତ ପତ୍ରପତ୍ରିକାରେ ତାଙ୍କର ଲେଖା ନିୟମିତ ପ୍ରକାଶିତ ହୋଇଥାଏ । ତାଙ୍କର ପ୍ରକାଶିତ କବିତା ପୁସ୍ତକ: କଦମ୍ବରୁ କଳ୍ପବଟ, ଚିହ୍ନା ମାଟିର ବାସ୍ନା, ମୋହମଗ୍ନା । ଗଳ୍ପପୁସ୍ତକ: ବରଗଛର ଛାଇ । ଶିଶୁ ଉପନ୍ୟାସ: ବଣରାଇଜର କଥା । ଶିଶୁ କବିତା: ଚୁନିଚୁନି ତାରାଫୁଲ ।

ଋଋ

# ଋତୁର ନାମ ପ୍ରେମ

## କିଶୋର ଆକାଶ୍

ପ୍ରୀତିଲଗ୍ନା ଦାଣ୍ଡ ଦୁଆରେ ଥିବା ତୁଳସୀ ଚଉଁରାରେ ସଂଜ ସଳିତା ଦେଇ  ସାଷ୍ଟାଙ୍ଗ ପ୍ରଣିପାତ ହେଲା ଭକ୍ତିର ନୈବେଦ୍ୟ ଦେଇ । ତନୁ ମନରେ ଶକ୍ତି ଓ ସାହାସ ଭରିଦେବା ପାଇଁ ଅଦଉତି କଲା ଆକୁଳିତ ମନ ନେଇ ।

ପଡିଶାଘର ସତୀଶବାବୁଙ୍କର ବଡ଼ ଖୋଲା ଝର୍କା ଦେଇ ଦେଖିଲା , ତାଙ୍କରି ପୁଅ ସୋନୁ ପାଟି କରି ଘୋଷୁଛି।ବର୍ଷକ ଛଅ ଋତୁ।ଛଅ ଋତୁ । ଛଅ ଋତୁ । ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ। ବାରଂବାର ଘୋଷୁଛି।ରିପିଟ୍ କରୁଛି ଥରକୁ ଥର । ମନେ ରହୁନି ବୋଧେ । ତା' ବାପା ବସିଛନ୍ତି ସାମ୍ନାରେ ଛାଟ ଧରି ।

ନିରିଖେଇ  ଦେଖିଲା ପ୍ରୀତିଲଗ୍ନା ସୋନୁର ଲୟ ତ  ଝର୍କା ସେପଟେ କୃଷ୍ଣଚୂଡ଼ା ଗଛ ଡାଳରେ ବସିଥିବା କୁନି ଚଢ଼େଇଟି ଉପରେ । ସୋଡିୟମ୍ ଭେପର୍ ଧୁଆ ତୋଫା ଆଲୋକରେ ବେଶ୍ ଆକର୍ଷଣୀୟ ଆଉ ମନୋରମ ଦିଶୁଛି ଟିକି ଚଢ଼େଇଟି ସତରେ!ନୀଳ,ଗେରୁଆ,ଧଳା ଓ ହଳଦିଆ ରଙ୍ଗର ସମ୍ମିଶ୍ରଣରେ ଅପୂର୍ବ ଦିଶୁଛି ସିଏ । ଆଃ ଖୁବ୍ ସୁନ୍ଦର ଆଉ ସୁଶୋଭିତ । ମନ କହୁଛି ତା'କୁ ପାପୁଲିରେ ଧରି ଥରେ ଗେଲ କରି ଆଉଁସି ଦେବାକୁ, ତା'ର ରଂଗବେରଂଗର ରେଶମୀ ଦେହକୁ।ଯାହା ଅସମ୍ଭବ ଆଉ ଅପାଂକ୍ତେୟ ।

ତଥାପି ପ୍ରୀତିଲଗ୍ନା ଘର ଭିତରକୁ ଯାଇ ତା'ର ପ୍ରେମିକ/ସ୍ୱାମୀ ପରେଶ୍ର ହାତ ଧରି ଏକରକମ ଟାଣି ଟାଣି ଦାଣ୍ଡ ପିଣ୍ଡାକୁ ନେଇ ଆଣି କହିଲା --ଏଇ ଦେଖ ତ ପାର ! (ସେ ପରେଶକୁ ଗେଲାରେ ପାର ବୋଲି ଡାକେ ତ) କି ସୁନ୍ଦର କୁନି ଚଢ଼େଇଟିଏ ।

--- କେଉଁଠି ? ଉତ୍ତର ଫେରେଇଲା ପରେଶ୍ ।

--- ଏଇ ଆମ ପଡ଼ୋଶୀ ସତୀଶ୍ବାବୁଙ୍କର ଘର ସାମ୍ନାରେ ଥିବା କୃଷ୍ଣଚୂଡ଼ା ଗଛ ଡାଳରେ ମ ! ଦେଖ ତ ସେ ସେତେବେଳୁ  ସେମିତି  ବସିରହିଛି ସେଇଠି । ବୋଧେ ଭୋକ ହେଉଥିବ ତା'କୁ । ବିସ୍କୁଟ ଦି'ଟା ଆଣିକି ଦେଲେ ଖାଇବ କି – କେଜାଣି ?

ଅଚାନକ ଉଡିଗଲା ନାମହୀନ କୁନି ଚଢେଇଟି ଫୁର୍‌ରକିନା ଆଉ ନିଜ ପାପୁଲିରେ ମୁହଁ ଘୋଡାଇ ଘର ଭିତରକୁ ଚାଲିଗଲା ପରେଶ୍ କାନ୍ଥକୁ ଧରି ଧରି ।

ପ୍ରୀତିଲଗ୍ନାର ଉଦଭଦଳିଆ ଭାବପ୍ରବଣତା ଆଉ ଦିଲ୍‌ଖୁସ୍ ମିଜାଜ୍‌ରେ କିଏ ଯେମିତି ଲୋଟାଏ ପାଣି ଢାଳିଦେଲା।ସେ ଜିଭ କାମୁଡି ଘର ଭିତରକୁ ଯାଇ ପ୍ରରେଶ୍ର ହାତ ଧରି ନେହୁରା ହୋଇ କହିଲା-ସରି ୟାର୍ ଭେରି ଭେରି ସରି ! ତମେ ତ.....

ପରେଶ୍ ହସି ହସି କହିଲା -- ପ୍ରୀତି ତୁମ ମନ ପକ୍ଷୀ ତ ସବୁବେଳେ ସୁନ୍ଦର ଆଉ ସୁଶୋଭିତ ନା। ତୁମରି ଆଖିରେ ପରା ମୁଁ ଦେଖି ପାରୁଛି ଏ ଦୁନିଆକୁ,ଏ କୁନି ଚଢେଇକୁ ଆଉ ତୁମର ମନଜିଣା ରୂପଶ୍ରୀକୁ।ନୋ ପ୍ରୋବ୍ଲେମ ।

ପରେଶ୍ କୋଳେଇ ନେଲା ପ୍ରୀତିଲଗ୍ନାକୁ । ଚୋକ ଦେଲା । ଗେଲ କଲା । ଦୁହେଁ ହସିଲେ ମନଖୋଲା ହସ । ଯେମିତି ଦୁଃଖ ବୋଲି ଶବ୍ଦ ଇ ନାହିଁ ତାଙ୍କରି ନିଜସ୍ୱ ପୃଥିବୀରେ ।

ପଡିଶାଘରୁ ତଥାପି ଶୁଭୁଛି ସୋନୁର ପାଟି । ବର୍ଷକ ଛଅ ଋତୁ । ଛଅ ଋତୁ । ଛଅ ଋତୁ । ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ, ଶୀତ ଓ ବସନ୍ତ ।

ଏଥର ପୁଣି ପ୍ରଗଲ୍ଭା ହୋଇ ଉଠିଲା ପ୍ରୀତିଲଗ୍ନା । ପଚାରିଲା ପରେଶ୍‌କୁ--ଆଚ୍ଛା ପାର ! କୁହ ତ । ବର୍ଷକ ଛଅ ଋତୁ ନା ସାତ ଋତୁ ଯେ ....!!!

--ଛଅ ଋତୁ ।

--ନା ସାତ ଋତୁ ।

--କେମିତି ଅଜବ କଥା କହୁଛ ତମେ ।

--ହଁ, ମୋ ଖିଆଲ୍‌ରେ ବର୍ଷକ ସାତ ଋତୁ।ଛଅ ନୁହଁ ।

--ଆଚ୍ଛା ସପ୍ତମ ଋତୁର ନାଁ କଣ କହିଲ ।

ହସି ହସି ଉତ୍ତର ଫେରେଇଲା ପ୍ରୀତିଲଗ୍ନା --ପ୍ରେମ ...ପ୍ରେମ...ପ୍ରେମ...

--ହେ ମୋର ପାଗଳି ପ୍ରେମିକା ଆଉ ସେମିତି ଫୁଲେଇ ହୋଇ ଦେଖେଇ ହୁଅନା ମ ଏତେ...

--ହେବି...ହେବି...ହେବି ଅଲବତ୍ ହେବି । ଖିଲ୍ ଖିଲ୍ ହସି ପାଦ କଚାଡୁଥିଲା ତଳେ ଖାଲି ପ୍ରୀତିଲଗ୍ନା । କହୁଥିଲା -ଶୁଣ ଶୁଣ ମ ! ଭାରି ରୋମାଣ୍ଟିକ ରୋମାଣ୍ଟିକ ଏ ପ୍ରେମ ଋତୁ । ଗ୍ରୀଷ୍ମ, ବର୍ଷା,ଶରତ, ହେମନ୍ତ, ଶୀତ ,ବସନ୍ତ ପରେ ପୁଣି ନିଦାଘର ନିଆଁରେ ନ ଜଳି, ଖାଲି ବାସନ୍ତୀର ବାଉଳା ବାଆରେ ବିବାକ୍ ବାଟବଣା କରିଥାଏ ବାଟହୁଡା ବାଟୋଇ ମାନଙ୍କୁ । ପ୍ରେମର ବାତୁଳି ମାଡ଼ରେ ଆକ୍ତାମାକ୍ତା କରାଇ ପ୍ରୀତିର ପୀୟୂଷ ପିଆଇ ମଦହୋସ୍ କରୁଥାଏ ପ୍ରେମ ପିପାସୀ ପ୍ରଣୟର ନାରୀ ଓ ପୁରୁଷଙ୍କୁ । ଯେଉଁମାନେ ଅଂଧ ହୋଇ ପ୍ରେମର ପାରାବାରରେ ଅବଗାହନ କରୁଥାନ୍ତି ଅହରହ ଭୁଲିଯାଇ ସବୁ ଜାଗତିକ ଯାତନା-ବେଦନା ଆଉ ଦୁଃଖ ଦୁର୍ଦ୍ଦଶା ।

ଅଚାନକ ପ୍ରୀତିଲଗ୍ନା ଫେରିଗଲା ପ୍ରାୟ ଏକ ବର୍ଷ ତଳକୁ । ଯେଉଁଠି ସେ ପିଜି ଶେଷ ବର୍ଷର ଛାତ୍ରୀ ଥିଲା ତ ପରେଶ୍ ଥିଲା ସହପାଠୀ ।

ପରେଶ୍‌ର ଦିୱାନାଗିରି ତଥା ଏକତରଫା ପ୍ରେମରେ ଅତିଷ୍ଠ ହୋଇ ପ୍ରୀତିଲଗ୍ନା ଲେଖିଥିଲା ଏକ ଚରମ ପତ୍ର । ଯାହାକୁ ଏବେ ବି ସାଇତି ରଖିଛି ସେମିତି ପରେଶ୍ ତା 'ଫାଇଲ୍‌ରେ।

ଚିଠିଟି ଅବିକଳ ଥିଲା ଏମିତି । ଆଉ ତା'ର ପରବର୍ତ୍ତୀ ଘଟଣା ଥିଲା ବେଶ୍ ରୋମାଂଚକର, ଅକଳ୍ପନୀୟ

ଆଉ ଅବିଶ୍ୱାସନୀୟ ।

ହଁ, ପାଗଳ ପ୍ରେମିକ ! ତମେ ମତେ ବହୁତ ଭଲପାଅ ନା ! ଅସୀମ ସମୁଦ୍ର  ନା ଅନନ୍ତ ଆକାଶ ଭଳି । ନା ଆହୁରି ବହୁତ । ଆହୁରି ବେଶୀ ।

ହେଲେ ଗୋଟାଏ କଥା ପଚାରିବି ମିଷ୍ଟର ପ୍ରେମିକ ! ତମେ ମୋର ଏ ଏ ଗୋରା ଗୋରା ନହନହକା ଆଉ ସେଥିରେ ଥିବା ଲୋଭନୀୟ ଆକର୍ଷଣୀୟ ଇନ୍ଦ୍ରିୟ ମାନଙ୍କୁ ହିଁ ଭଲପାଅ ମ । ମୋ ମନକୁ ନୁହଁ ଜମା । ମୋ ହୃଦୟକୁ ବି ନୁହଁ । ସେଥିପାଇଁ ତ ମୋ ଦେହକୁ କାଙ୍ଗାଳ-ବୁଭୁକ୍ଷୁ-ଅସୁର ଭଳି ଅବିରତ ଚାହିଁ ରୁହ ଗୋଟା ଗିଳି ଦେବା ପରି ।

ଖାଲି ତମେ ନୁହଁ ମ, ଶତକଡା ଅନେଶ୍ୱତ ଭାଗ ପୁରୁଷ ପ୍ରେମ ନାଁରେ ଦୈହିକ ସୁଖ ଅସୁଲି ସୌଦାଗର । ହଁ ତମେ ବି  କେମିତି ବାଦ୍ ଯାଆନ୍ତ ଏ ପ୍ରାକ୍ଟିକାଲ୍  ଥିଓରୀରୁ ?

ଶୁଣ ! ପ୍ରେମିବା ଏତେ ସହଜ ନୁହେଁ । ନିର୍ଭେଜାଲ/ ନିଃସ୍ୱାର୍ଥ/ ନିଃସର୍ତ୍ତ ପ୍ରେମ ଆଜିର ଦୁନିଆରେ ବିରଳ । ଭଲ ଲାଗେ ବୋଲି ଭଲପାଇବା ଫର୍ମୁଲାକୁ ମୁଁ ଅସ୍ୱୀକାର କରେ । ମାନୁଛି ତମକୁ ଭଲ ଲାଗେ ମୋର ରୂପ ଆଉ ଦାଉ ଦାଉ ଜଳୁଥିବା ଯୌବନ । ଏଇ ରୂପରେ ମଦିରା ପିଇ ତମେ ହୋଇଥାନ୍ତ କାମାସକ୍ତ । ମୋ ଦେହଟାକୁ କ୍ଷୁଧିତ ଜାନୁଆର୍ ଭଳି ଝୁଣି/ଭିଣି ଖାଇ ରାସ୍ତା କଡକୁ ଫୋପାଡି ଦେଇଥାନ୍ତ ନିର୍ବିଚାରରେ । ତମେ  ବନିଥାନ୍ତ ଘଷି ମାଜି ହୋଇ ଶୁଦ୍ଧ ପିତ୍ତଳ ଗରା ଆଉ ମୁଁ  କଳଂକିନୀ ଭଂଗା ମାଟି ମାଠିଆର ଖପରା ଖଣ୍ଡ ।

ସେଥିପାଇଁ ତମେ ମତେ ଛଅ ସାତ ମାସ ହେବ ବିଭିନ୍ନ ବାଗରେ  ହଇରାଣ କରିଚାଲିଛ କଲେଜ ଯିବା ରାସ୍ତାରେ । ମୁଁ ତୁମକୁ "ଆଇ  ଡୋଣ୍ଟ କେୟାର"ର ଚାହାଣୀ ନେଇ ,ଥରେ ତୀର୍ଯକ ଦୃଷ୍ଟି ନିକ୍ଷେପ କଲେ ତୁମେ ଭୀରୁ-ପଳାତକ କୁକୁର ଭଳି ପୁଛ ଜାକି ଚାଲିଯାଅ  ଛତ୍ରଭଙ୍ଗ ଦେଇ । ଏଇ ନାଟକ ଅଭିନୀତ ହୋଇ ଚାଲିଛି ପ୍ରତି ମାସରେ ନିହାତି ପାଂଚ / ଦଶ ଥର।

ଅବଶ୍ୟ ମୁଁ ମାନୁଛି ମୁଁ ଗୋଟାଏ ଭୁଲ୍ କରିଦେଇ ଛି । ତୁମେ କଲେଜର ସଙ୍ଗ୍ କଂପିଟିସନ୍‌ରେ ଫାଷ୍ଟ ପ୍ରାଇଜ୍ ପାଇଥିବାରୁ ମୁଁ ତୁମକୁ ଗୋଲାପ ଫୁଲଟିଏ ଅଫର୍ କରି ଅଭିବାଦନ ଜଣାଇ ଥିଲି । ତାହା ତୁମ ଭିତରେ ଥିବା  ଅନନ୍ୟ ପ୍ରତିଭାକୁ ସ୍ୱୀକୃତି ଓ ସମ୍ବର୍ଦ୍ଧନା, ତୁମକୁ ବ୍ୟକ୍ତି ହିସାବରେ ନୁହେଁ । ତୁମ ମତେ ଭୁଲ୍ ବୁଝିଲ ।

ତମକୁ ଦେଖିଲେ ଦୟା ଆସେ ମନରେ ମିଷ୍ଟର ପ୍ରେମିକ ! ମତେ ସାମ୍ନା କରିବାକୁ ତମେ ଅସମର୍ଥ । ମତେ "ଆଇ ଲଭ୍ ୟୁ ଡିଅର୍ ପ୍ରୀତି" କହିବାକୁ ତମର ଦିୱାନା ଦିଲ୍‌ରେ ଶକ୍ତି ଓ ସାହାସର ଘୋର ଅଭାବ । ଲଭ୍‌ଲେଟରଟେ ଲେଖିବାକୁ ବି ତମେ ଡରପୋକ୍ ।

ତମେ କି ପ୍ରେମ କରିବ ପ୍ରେମିକ ମହାଶୟ !

ତମେ ପ୍ରେମିକ ହେବାକୁ ଅଯୋଗ୍ୟ ।ତମେ କାପୁରୁଷ ।ତମେ ନପୁଂସକ । ତମେ ମାଇଚିଆ । ତମେ ପଳାତକ ।ଚାଲୁ ପ୍ରେମିକ ।

ରାସ୍ତାକଡ଼ରେ ମିଳୁଥିବା ଶସ୍ତା ବରା - ପକୁଡି ଭଳି ତୁମରି ପ୍ରେମ - ତୁମର ଭଲପାଇବା - ତୁମର ପ୍ରଣୟର ପ୍ରତିଲିପି ।

ପ୍ରେମ ଏକ ଋତୁ । ଯେଉଁଠି ଗ୍ରୀଷ୍ମ,ବର୍ଷା,ଶରତ,ହେମନ୍ତ,ଶୀତ ଓ ବସନ୍ତ ପରେ ପରେ ପୁଣି ଆସେନା ନିଦାଘ କାଳ । ସେଇଠି ହରଦମ୍ ବସନ୍ତର ବିଚିତ୍ରତା।ବାଉଳା ବାସନ୍ତୀର ବିତାନ। କୋକିଳର କୁହୁତାନ ।

ଆସ ଯଦି ମରଦ ପୁଅ ସତରେ ହୋଇଛ, ସିଧାସଳଖ ମୋ ସାମ୍ନାକୁ ଆସି ପ୍ରେମର ପ୍ରପୋଜାଲ ଦିଅ । ମୋ'ଠୁଁ ଚପଲ ମାଡ଼ କି ଚଟକଣି ଖାଇ ବାକୁ ରହିଥାଅ ପ୍ରସ୍ତୁତ ହୋଇ । ହୁଏତ ମୁଁ ତୁମକୁ ଦେଇପାରେ ପ୍ରୀତିର ଗୋଲାପଟିଏ ନଚେତ୍ କଂଟକିତ ରକ୍ତାକ୍ତ ଆଘାତ ।

ହେଲେ ମୁଁ ତୁମକୁ ଜମା ଭଲ ପାଏନା କି ପସନ୍ଦ ବି କରେନା । କାରଣ ଜଣେ ସଚ୍ଚା ପ୍ରେମିକର ବିନ୍ଦୁଏ ବି ଲକ୍ଷଣ ପାଇ ଲିନି ତୁମଠି । ତେଣୁ ମୁଁ ତୁମକୁ ଏଇ ପତ୍ର ମାଧ୍ୟମରେ ରିଜେକ୍ଟ କଲି । ସାବଧାନ୍ ଆଉ କେବେ ମୋ ପଛରେ ପଡ଼ିଲେ ପୋଲିସର ସାହାଯ୍ୟ ନେବାକୁ ପଛେଇ ବିନି ।

ପ୍ରୀତିଲଗ୍ନାର ଏ ଚରମ ପତ୍ର ପାଇବାର ମାତ୍ର ପାଂଚ ଦିନ ପରେ ପାଗଳ/ ହତାଶ ପ୍ରେମିକ ପରେଶ୍ ପାଲଟିଗଲା ପ୍ରତିଶୋଧପରାୟଣ । ଏସିଡ୍ ମାଡ଼ର ଶିକାର ହେଲା ପ୍ରୀତିଲଗ୍ନା । ତା' ମୁହଁ ଓ ବେକର ପ୍ରାୟ ଶତକଡା କୋଡିଏ ଭାଗ ପୋଡି ଯାଇ ବିବର୍ଣ୍ଣ/ ବିକୃତ ହୋଇଯିବା ପରେ ବି,ପରେଶ୍ ବିରୁଦ୍ଧରେ ପଦେ କଥା ପୋଲିସକୁ କହିଲାନି ସିଏ । ସେ ଅପରାଧୀକୁ ଚିହ୍ନି ନାହିଁ ବୋଲି କହି ଦେଇ ମହାନ୍ ହୋଇ ଗଲା । ସୌଭାଗ୍ୟବଶତଃ ପ୍ରୀତିଲଗ୍ନାର ଆଖି ଦୁଇଟି ବର୍ତ୍ତିଯାଇ ଥିଲା ଏସିଡ୍ ମାଡରୁ ।

ଶେଷ ଦୃଶ୍ୟରେ ଏକ ଅଜବ ଘଟଣା ସଂଘଟିତ ହେଲା ।

ପରେଶ୍ ହସ୍ପିଟାଲ ବେଡ୍‌ରେ ପ୍ରୀତିଲଗ୍ନାର ପାଦ ଧରି କ୍ଷମା ମାଗିବା ସହ, ନିମିଷକେ ଅଚାନକ ନିଜର ମୂଲ୍ୟବାନ ଆଖି ଦୁଇ ଟିକୁ ନଷ୍ଟ କରିଦେଲା ଏସିଡ୍ ସ୍ପ୍ରେ କରି । ଅବଶ୍ୟ ତା' ପୂର୍ବରୁ କହିଦେଇଥିଲା "ଆଇ ୱାଣ୍ଟ ଟୁ ମେରି ୟୁ ପ୍ରୀତି ! ଆଇ ଲଭ୍ ୟୁ ଭେରି ମଚ୍" । ପରେଶ୍ ସଫଳ ହେଲା ପ୍ରକୃତ ପ୍ରେମର ପୀରାମିଡ୍‌ଟିଏ ସୃଜି ଦେବାରେ ତ୍ୟାଗର ତପସ୍ୱୀ ସାଜି ।

ଏହା ଦେଖି ପ୍ରୀତିଲଗ୍ନା ଦୁଃଖରେ ତରଳିଯିବା ବଦଳରେ,ବାଉଳା ବଉଳର ମହ ମହ ବିଭୋର ବାସ୍ନାରେ ବିମୋହିତ ହେଉଥିଲା ଅତି ଆନନ୍ଦରେ ଆତ୍ମହରା ହୋଇ । ତା' ହାତ ମୁଠାରେ ଥିଲା ମୁଠାଏ ଏକ ଅଜଣା/ଅଶୁଣା ରତ୍ନର ମୁକ୍ତାମାଳା । ଯାହାକୁ ପ୍ରେମ ବୋଲି ଅଭିହିତ କରାଯାଇପାରେ ।

ଦୃଷ୍ଟିହୀନ ପରେଶ୍‌କୁ ଜୀବନସାଥି ରୂପେ ପାଇ ନିଜକୁ ଧନ୍ୟ ମଣିଲା ପ୍ରୀତିଲଗ୍ନା । କାରଣ ପରେଶ୍‌ର ତ୍ୟାଗର ମହତ୍ତ୍ୱ ଆଗରେ ସେ ନତମସ୍ତକ । ସବୁ ଘୃଣା ଆପେ ଆପେ ପରିଣତ ହୋଇଗଲା ପ୍ରେମର ପାରାବାରରେ ।

ହେଲେ ଦୁହିଁଙ୍କର ପରିବାର ଏ ବିବାହକୁ ସ୍ୱୀକୃତି ନ ଦେବାରୁ ଦୁହେଁ ରେଜିଷ୍ଟ୍ରି ମ୍ୟାରେଜ କରି ଅଲଗା ରହିଲେ । ପ୍ରୀତିଲଗ୍ନା ସ୍ଥାନୀୟ ପବ୍ଲିକ୍ ସ୍କୁଲରେ ହେଲା ଶିକ୍ଷୟତ୍ରୀ, ତ ପରେଶ୍ ହେଲା ରେଡ଼ିଓ/ଟିଭି

ଚ୍ୟାନେଲର କଂଠଶିଳ୍ପୀ । ଯତ୍‌କିଂଚିତ୍ ରୋଜଗାରରେ ଦୁହେଁ ଚଳିଯାଉଥିଲେ କଷ୍ଟେମଷ୍ଟେ ।

ସର୍ବୋପରି ପରସ୍ପର ପ୍ରତି ସମର୍ପିତ ଭରପୁର ପ୍ରେମର ପଳାଶ ଫୁଲର ମହୋତ୍ସବରେ ସେମାନେ ଅନୁଭବୁଥିଲେ କେବଳ ପ୍ରେମର ଋତୁର ମିଠାସ୍ ମାହୋଲ୍ । ପ୍ରୀତିର ଗୀତି ଗାଇ ଗାଇ ସେମାନେ ଭୁଲିଯାଉଥିଲେ ଜାଗତିକ ସଂସାରର ଯାବତୀୟ ଦୁଃଖ, ଅବସାଦ, ଅଭାବ, ଅନାଟନ, ଲୁହ ଆଉ ଶୋକରେ ବିଷାଦିତ ବିବାକ୍ ଲଗ୍ନସବୁ ।

ꣳꣳ

**କିଶୋର ଆକାଶ୍** । ଏକାଧାରରେ ଶିଶୁ ସାହିତ୍ୟିକ,କବି, ଗାଳ୍ପିକ, ନାଟ୍ୟକାର, ଗୀତିକାର ଓ ଅନୁବାଦକ । ଅବହେଳିତ ମଣିଷ ଓ ଜୀବନବୋଧର ନାନାଦି ସମସ୍ୟା ହେଉଛି ତାଙ୍କ ଗଳ୍ପର ସ୍ଥାପତ୍ୟ ଓ ଜୀବନିକା । ନିଜ କଥା ସ୍ଥାପନରେ ଜୀବନ ବିଶୃଙ୍ଖଳା ଓ ମଣିଷପଣିଆର ଏକତ୍ର ସହାବସ୍ଥାନ ତାଙ୍କ ଗଳ୍ପ ପ୍ରକରଣର ଦକ୍ଷତା । ଶୈଳୀଗତ ଭିନ୍ନତା ଓ କଥାପ୍ରକାଶର ସ୍ୱଚ୍ଛନ୍ଦତା ତାଙ୍କୁ ଗୋଟିଏ ନିରାପଦ କାନଭାସ୍ ଦେଇଥାଏ କଥାୟନ ପାଇଁ । ତାଙ୍କରି ଅନେକ ଗଳ୍ପ ହିନ୍ଦୀ,ଇଂରାଜୀ ଓ ତେଲଗୁରେ ଅନୁଦିତ ଓ ଆଦୃତ । ଏଯାବତ୍ ତାଙ୍କର ଚାରୋଟି ନାଟକ, ଚାରୋଟି ଶିଶୁ ସାହିତ୍ୟ, ଚାରୋଟି ଗଳ୍ପ ସଂକଳନ ଓ ଦୁଇଟି ସଂପାଦିତ ଗଳ୍ପ ସଂକଳନ ପ୍ରକାଶିତ ଓ ଅନେକ ପାଣ୍ଡୁଲିପି ପ୍ରକାଶ ଅପେକ୍ଷାରେ । ସଂପ୍ରତି ନୂଆଦିଲ୍ଲୀରେ ଅବସ୍ଥାନ ।

ꣳꣳ

# ପାହାନ୍ତି ପହର ଉଷା

## ସୁଷମା ଲେଙ୍କା

ଧରଣୀରୁ ନିଶି ଯାଏ ଅପସରି
ଥିରି ଥିରି ଆସେ ଉଷା
ମହକାଇ ଧରା ଆଲୋକିତ କରେ
ମନଲୋଭା ଅପରୂପା ।....୦)
ଘନ ବନାନୀର ଶ୍ୟାମଳ ଶୋଭାରେ
ଭିଜା ଭିଜା ପ୍ରୀତି ଭାବ
ଦିବ୍ୟ ସୁଷମାର ଚିତ୍ରପଟ ଭାତି
ଉଷା ଉଷସୀ ବିଭବ
ନୀଳ ବିଚିମାଳା ଉତ୍ତାଳ ତରଙ୍ଗେ
ସ୍ୱାଗତ କରସେ ଉଷା
ଧରଣୀରୁ ନିଶି ଯାଏ ଅପସରି
ଥିରି ଥିରି ଆସେ ଉଷା ।...୧)
ପ୍ରଭାତ ହୋଇନି ନିଦବି ଭାଙ୍ଗିନି
ଜୀବନ ସପନ ଭରା
କେଉଁ ଦିବ୍ୟ ନାରୀ ପୂରୁବ ଆକାଶେ
ରଙ୍ଗାଇଲା ପୁଣି ଧରା
ଭରିଦିଏ ପ୍ରାଣେ ଅମୃତ ପୀୟୂଷ
ମନୁ ଦୂରେଇ ନିରାଶା
ଧରଣୀରୁ ନିଶି ଯାଏ ଅପସରି
ଥିରି ଥିରି ଆସେ ଉଷା ।...୨)
ଧୀର ସମୀରଣ ବହୁଥାଏ ଧୀରେ
ମୃଦୁ ମନ୍ଦ ସୁଶୀତଳ
ତାହାରି ପରଶେ ନାଚି ଉଠେ ପରା
ହୃଦୟର ଅନ୍ତସ୍ଥଳ
ବୁକୁରେ ଖେଳାଏ ନବ ଉନ୍ମାଦନା
ମନରେ ନୂତନ ଆଶା
ଧରଣୀରୁ ନିଶି ଯାଏ ଅପସରି
ଥିରି ଥିରି ଆସେ ଉଷା ।...୩)
କେଉଁ ନାରୀ ଉଠି ଗୋମୟ ଜଳରେ
ଲିପୁଥାଏ ଘରଦ୍ୱାର
କିଏ ଫୁଲ ତୋଳି ବିଭୁ ପୂଜା ପାଇଁ
ହେଉଥାଏ ତତପର
ବିଭାବରୀ ସେତ ପରମ ପାବନୀ
ନୀରବତା ତା'ର ଭାଷା ।
ଧରଣୀରୁ ନିଶି ଯାଏ ଅପସରି
ଥିରି ଥିରି ଆସେ ଉଷା ।...୪)
ଗାଁ ପଲ୍ଲୀ ବଧୂ ପାହାନ୍ତି ପହରୁ
ନଦୀରେ ଗାଧୋଇ ସାରି
ସୂରୁଜଙ୍କୁ ଜଳ କରେ ଅରପଣ
ଆଞ୍ଜୁଳାରେ ଜଳ ଭରି
ନୂଆ ସକାଳର ସୁନେଲି କିରଣ
ହୃଦୟେ ଦିଏ ଭରସା
ଧରଣୀରୁ ନିଶି ଯାଏ ଅପସରି
ଥିରି ଥିରି ଆସେ ଉଷା ।

ଠଠ

**ସୁଷମା ଲେଙ୍କା** । ଗୀତି କବିତା ଲେଖନ୍ତି । ଗୋଟିଏ କବିତା ଓ ଦୁଇଟି ଗୀତି କବିତା ସଂକଳନ ସବୁଜିମାର ସ୍ୱପ୍ନ, ସୁରଭି, ଶ୍ରୀକ୍ଷେତ୍ର ମହିମା; ଗଳ୍ପ ବହି: ନୂଆ ସକାଳର ସୂର୍ଯ୍ୟ ପ୍ରକାଶିତ । ବିଭିନ ସାହିତ୍ୟ ଅନୁଷ୍ଠାନମାନଙ୍କରୁ ସମ୍ବର୍ଦ୍ଧିତ । ଭୁବନେଶ୍ୱରରେ ରହନ୍ତି ।

ଠଠ

# ପରିତୃପ୍ତି

ମନୋଜ କୁମାର ଜେନା

ଶ୍ରଦ୍ଧା ଗୋଟିଏ କଳା ଆଲ୍‌ସିସିଆନ୍ କୁକୁରକୁ ନେଇ ଘରକୁ ଆସୁଥିଲା । ଶ୍ରଦ୍ଧା ମୁହଁରେ ଖିଲି ଖିଲି ହସର ସମ୍ଭାର । ଶ୍ରୀମାନ୍ ସ୍ତବ୍ଧ ହୋଇ ଶ୍ରଦ୍ଧା ଓ ସେ କୁକୁର ଆଡ଼କୁ ଅପଲକ ନୟନରେ ଅନାଇ ରହିଥିଲେ । କୁକୁର ଜିଭ ଲହ ଲହ କରୁଛି । ଥୋଲା ଥୋଲା ଲାଳ ତା ଜିଭର ମଇଦାନ ଉପରେ ପଇଁତରା ମାରୁଛନ୍ତି । ଆଖିରୁ ଝୋଲାଏ ଝୋଲାଏ ନିଆଁ ହୁଳା ଛିଟିକି ପଡୁଛି ।

ଶ୍ରଦ୍ଧା ଘରକୁ ପଶିଆସି ଶ୍ରୀମାନ୍‌କୁ କହିଲା, ମୋର ଅନ୍ତରଙ୍ଗ ବାନ୍ଧବୀ କାମିନୀ ଆଜି ଭୁବନେଶ୍ୱର ଛାଡ଼ି ଆମେରିକା ଚାଲିଗଲା । ତାର ସ୍ୱାମୀ ସେଠାରେ ନିଯୁକ୍ତି ପାଇଛନ୍ତି । ଗଲାବେଳେ ମୋତେ ଏ କୁକୁରଟିକୁ ଉପହାର ଦେଇଗଲା । ଏହାର ନାମ ଜନ୍ । ଆଜି ଠାରୁ ଏ ଆମରି ଘରେ ଆମରି ପାଖରେ ରହିବ ।

ଏତିକି କହୁ କହୁ ଶ୍ରଦ୍ଧା ଆବେଗର ସହ ଜନ୍‌କୁ କୋଳେଇ ନେଲା । ତାର ମୁହଁରେ ବହୁ ଆକାଂକ୍ଷିତ ପ୍ରାପ୍ତିର ପରିତୃପ୍ତି । କିନ୍ତୁ ଭୟ ଓ ଆଶଙ୍କାରେ ଶ୍ରୀମାନ୍‌ଙ୍କ ମନ ଆନ୍ଦୋଳିତ ହେଉଥିଲା । ପ୍ରତିବାଦ କରିବା ପାଇଁ ଓ ଶ୍ରଦ୍ଧାର ଏକ ତରଫା ନିଷ୍ପତ୍ତିର ବିରୋଧ କରିବା ପାଇଁ ସେ ସ୍ୱର ଉତ୍ତୋଳନ କରିବାକୁ ଚାହୁଁଥିଲେ । ନିଆଁ ରଡ଼ ପରି ଡହ ଡହ ଶବ୍ଦଗୁଡ଼ିକ ଡହଳବିକଳ ହୋଇ ପେଟରୁ ବାହାରି ଆସି କଣ୍ଠ ପାଖରେ ନିସ୍ତେଜ ହୋଇଯାଉଥିଲେ । ସେ ଥିଲେ ନିର୍ବାକ୍, ନିସ୍ପନ୍ଦ । ଶ୍ରଦ୍ଧାର ଇଚ୍ଛା ବିରୁଦ୍ଧରେ କିଛି କହି ଘରେ ଅଶାନ୍ତିର ଝଡ଼ ସୃଷ୍ଟି କରିବାକୁ ଚାହିଁ ନଥିଲେ । ଶ୍ରୀମାନ୍‌ଙ୍କର ଭୟ ଜଡ଼ ସଡ଼ ମୁହଁ ଓ ପ୍ରଶ୍ନିଳ ଆଖିକୁ ଦେଖି ଶ୍ରଦ୍ଧା କହିଲା- ତମେ ଜମା ବ୍ୟସ୍ତ ହୁଅନାହିଁ । ଜନ୍ ଭାରି ଶୃଙ୍ଖଳିତ ଆଉ ଆଜ୍ଞାବହ । ତମର କିମ୍ବା କାହାରି କିଛି କ୍ଷତି କରିବ ନାହିଁ । ତମେତ ଜାଣିଛ, ମୁଁ ପେଟ୍‌ମାନଙ୍କୁ ବହୁତ ଭଲ ପାଏ । ଆମ ଘରେ ଦୁଇଟି କୁକୁର, ଦୁଇଟି ଶୁଆ, ଦୁଇଟି ସାରୀ । ସେମାନଙ୍କ ମେଳରେ ମୋର ଶୈଶବ ଓ ଯୌବନ ଅଫୁରନ୍ତ ଆନନ୍ଦ ଓ ସନ୍ତୋଷରେ କଟିଯାଇଥିଲା ।

- "କିନ୍ତୁ କୁକୁର ଘରେ ରହିଲେ ଅନେକ ସମସ୍ୟା" । ଶ୍ରୀମାନ୍‌ଙ୍କ କୁଣ୍ଠିତ କଣ୍ଠରୁ ଶବ୍ଦଗୁଡ଼ିକ ଅମାନିଆ ହୋଇ ଉତୁରି ପଡିଲେ ।

- ସମସ୍ୟା ବିଷୟରେ ତୁମେ ଚିନ୍ତା କରନାହିଁ । ମୁଁ ସବୁ ସମ୍ଭାଳି ନେବି । ସେ ରହିଲେ ମୋତେ ବଞ୍ଚିବାକୁ, ହସିବାକୁ ପ୍ରଚୁର ପ୍ରେରଣା ମିଳିବ । ଫୁଲର ରଙ୍ଗ, ସୁରଭି ଓ ଉଚ୍ଛ୍ୱାସରେ ମୋ ମନ ପୂରିଉଠିବ । ତୁମେ ଅଫିସ୍ ଗଲାପରେ ନିଃସଙ୍ଗତାରେ ମୁଁ ଅଣନିଶ୍ୱାସୀ ହୋଇ ଯାଉଥିଲି । ତା ଛଡ଼ା ନିରାପତ୍ତା ଦୃଷ୍ଟିରୁ ଏହା ଆମର ବହୁତ ସହାୟକ ହେବ ।

ଆମରତ ଫ୍ଲାଟ୍ ଘର । ସୋସାଇଟିର ଦୁଇ ଗେଟ୍‌ରେ ଦୁଇ ଜଣ ସିକ୍ୟୁରିଟି ଗାର୍ଡ ସବୁବେଳେ ଜଗି ରହିଛନ୍ତି । ଏଠି ନିରାପତ୍ତାର କଣ ସମସ୍ୟା ? କୁକୁର ଥାଇ ମଧ ଲୋକଙ୍କ ଘରେ ଚୋରି ହେଉଛି । ଚୋରମାନେ ଏପରି ଧୂର୍ତ୍ତ ଯେ କୁକୁର ଓ ସିସିଟିଭି କ୍ୟାମେରାକୁ କାବୁ କରିବାକୁ ତାଙ୍କୁ ସବୁ ଉପାୟ ଜଣା । ଆମେ ଡାକେ ଡାକେ ଗଲେ, ଚୋରମାନେ ପତ୍ରେ ପତ୍ରେ ଯିବେ ।

ଶ୍ରଦ୍ଧା ସବୁ ଶୁଣି ନଶୁଣିଲା ପରି ଆନନ୍ଦରେ ଗଦ ଗଦ ହୋଇ ଜନ୍‌କୁ ନେଇ ଭିତରକୁ ପ୍ରବେଶ କଲା । ଶ୍ରଦ୍ଧାର ଜନ୍ ପ୍ରତି ମମତା ଦ୍ରୁତ ଗତିରେ ବଢ଼ିବାକୁ ଲାଗିଲା । ଶ୍ରଦ୍ଧା ତାଙ୍କ ଅପେକ୍ଷା ଜନ୍ ପ୍ରତି ଅଧିକ ଯତ୍ନଶୀଳ, ଏହା ଶ୍ରୀମାନ୍ ମର୍ମେ ମର୍ମେ ଅନୁଭବ କରୁଥିଲେ । ଜନ୍ କାଳେ କେଉଁ ଆଗନ୍ତୁକଙ୍କୁ ଆକ୍ରମଣ କରିବ, ସେଥିପାଇଁ "କୁକୁର ପ୍ରତି ସାବଧାନ" ଲେଖି ଘର ଆଗରେ ବୋର୍ଡଟିଏ ମାରିଦେଲେ । ସେଦିନ ମର୍ଣ୍ଣିଂୱାକ୍‌ର ସାଙ୍ଗମାନଙ୍କୁ ଚା' ପାଇଁ ଘରକୁ ନିମନ୍ତ୍ରଣ କଲେ । ସେମାନେ ତାଙ୍କ ଘରେ କୁକୁର ଥିବାରୁ ଆସିବାକୁ ମନା କଲେ । କହିଲେ- ଭାଇ, ତୁମ କୁକୁରକୁ ଆମର ପ୍ରାଣେ ଭୟ । ଏଇ ରାସ୍ତା କଡ଼ର ଚା' ଦୋକାନରେ ଦେଇ ଦିଅ ପଛେ ଆମେ ପିଇବୁ । ଶ୍ରୀମାନ୍ ମୁରୁକି ମୁରୁକି ହସୁଥିଲେବି ତାଙ୍କ ମୁହଁରେ ଅସହାୟତାର ପ୍ରଲେପ ବୋଲି ହୋଇଯାଉଥିଲା ।

ଶ୍ରୀମାନ୍ ଥିଲେ ଭୁବନେଶ୍ୱର ଡେଭ୍‌ଲପମେଣ୍ଟ ଅଥରିଟିର ଇଂଜିନିୟର । ସୁନ୍ଦର ଆକର୍ଷଣୀୟ ଚେହେରା । ତାଙ୍କ ଗାଁ ହେଉଛି ଚଣ୍ଡିଖୋଲ ନିକଟସ୍ଥ ନିଶିମଳା । ବାପା, ମା ଗାଁରେ ରହନ୍ତି । ବାପା, ମାଆ ଅତି ଶାନ୍ତ, ଶିଷ୍ଟ, ଭଦ୍ର ଓ ଧର୍ମ ପରାୟଣ । ବାପା ଚାଷ ବାସ ବୁଝାବୁଝି କରୁଥିଲେ । ପାଞ୍ଚ ଏକର ଭଲ ଜମି । ଜମିରୁ ଯାହା ଫସଲ ଅମଳ ହୁଏ ସେଥିରୁ କିଛି ବଳି ନ ପଡ଼ିଲେବି ବର୍ଷର ଖର୍ଚ୍ଚ ସ୍ୱଚ୍ଛନ୍ଦରେ ଚଳିଯାଏ । ଶ୍ରୀମାନ୍ ତାଙ୍କର ଗୋଟିଏ ବୋଲି ପୁଅ । ଝିଅ ଶ୍ୟାମଳୀର ପାଖ ଗାଁରେ ଦଶ ବର୍ଷ ହେବ ବାହାଘର ହୋଇଯାଇଛି । ଶ୍ରୀମାନ୍ ପିଲାଦିନୁ ଭଲ ପାଠ ପଢୁଥିଲେ । ବାପା ଦୁଇ ଏକର ପଡ଼ିଆ ଜମି ବିକ୍ରି କରି ତାଙ୍କର କଲେଜ ଓ ଇଞ୍ଜିନୟରିଂ ପଢ଼ାର ସମସ୍ତ ଖର୍ଚ୍ଚ ସମ୍ଭାଳି ନେଇଥିଲେ । ଚାକିରି ପାଇଲା ପରେ ଆଠ ନମ୍ବର ୟୁନିଟ୍‌ରେ ଶ୍ରୀମାନ୍‌କୁ ଭଲ ସୁଦୃଶ୍ୟ କ୍ୱାର୍ଟରଟିଏ ମିଳିଥିଲା ।

ରବିବାର ଦିନ ଶ୍ରୀମାନ ଡ୍ରଇଂରୁମର ସୋଫା ଉପରେ ବସିଥାନ୍ତି ।ନିକଟରେ ଥିବା ଜନ୍‌କୁ ଆଉଁଶି ଦେଉ ଦେଉ ଶ୍ରଦ୍ଧା ତା ସହିତ କେତେ କ'ଣ କଥା ହେଉଥିଲା । ଜନ୍ ମୁଣ୍ଡ ହଲାଇ ଦେଉଥାଏ ।ଶ୍ରଦ୍ଧା ଭାବୁଥାଏ ଜନ୍ ତାର ସବୁ କଥା ବୁଝି ଯାଉଛି । ପେଟ୍‌କୁ ଅତ୍ୟଧିକ ଭଲ ପାଉଥିବା ଧନାଢ଼୍ୟ ପରିବାରର ଅଲିଅଳୀ ଦୁଲାଳୀ ଥିଲା ଶ୍ରଦ୍ଧା । ତା ସହିତ ତାଙ୍କର କିଭଳି ବିଭାଘର ଅନୁ ିତ ହେଲା ସେସବୁ ଶ୍ରୀମାନ୍‌ଙ୍କ ଆଖି ଆଗରେ ଚଳଚିତ୍ର ପରି ଝଲସି ଉଠୁଥିଲା ।

ସଂକେତ ଥିଲେ ଭୁବନେଶ୍ୱରର ଜଣେ ଜଣାଶୁଣା ବିଲ୍‌ଡର । ବରମୁଣ୍ଡାରେ ନଭଶ୍ଚୁମ୍ବୀ ଅଟ୍ଟାଳିକା । ଅଚଳାଚଳ ସଂପତ୍ତି । ବିଭିନ୍ନ ଫ୍ଲାଟ ନିର୍ମାଣର ମଞ୍ଜୁରୀ ନିମନ୍ତେ ବିଡ଼ିଏ ଅଫିସ୍ ଗଲାବେଳେ ଶ୍ରୀମାନ୍‌ଙ୍କ ସଙ୍ଗେ ପରିଚୟ ହୁଏ । ଶ୍ରୀମାନ୍‌ଙ୍କ ଆକର୍ଷଣୀୟ ଚେହେରା, ବଳି ବ୍ୟକ୍ତିତ୍ୱ ଓ ନମ୍ର ବ୍ୟବହାରରେ ସଂକେତ ମୁଗ୍ଧ ହୋଇଥିଲେ । ଯେତେବେଳେ ସେ ଜାଣିଲେ ଯେ ଶ୍ରୀମାନ୍‌ଙ୍କର ଗାଁ ହେଉଛି ତାଙ୍କ ଗାଁ ପାଖରେ, ସେମାନଙ୍କ ଭିତରେ ଅନ୍ତରଙ୍ଗତା ବୃଦ୍ଧି ପାଇଲା । ଚଣ୍ଡିଖୋଲରେ ଏକ ମାର୍କେଟ ବିଲଡିଂର କାର୍ଯ୍ୟ ଚାଲିଥିବା ବେଳେ ନିଶିମଳା ଯାଇ ଶ୍ରୀମାନ୍‌ଙ୍କର ବାପା, ମାଙ୍କୁ ସାକ୍ଷାତ କଲେ ସଂକେତ । ତାଙ୍କ ଗାଁ ପାଖ ସୁଗୁଡ଼ାର ସମ୍ଭ୍ରାନ୍ତ ଓ ଧନାଢ଼୍ୟ ପରିବାରର ସନ୍ତାନ ସଂକେତଙ୍କ ସୁମଧୁର ବ୍ୟବହାରରେ ଶ୍ରୀମାନ୍‌ଙ୍କ ବାପା ମାଆ ଅତ୍ୟନ୍ତ ଆନନ୍ଦିତ ।

ଦିନେ ସଂକେତ ନିଶିମଳାରେ ପହଞ୍ଚି, ତାଙ୍କ ବଡ଼ ଝିଅ ସହିତ ଶ୍ରୀମାନ୍‌ଙ୍କର ବାହାଘର ପ୍ରସ୍ତାବ ଶ୍ରୀମାନ୍‌ଙ୍କ ବାପା, ମାଆ ଆଗରେ ଉତ୍‌ଥାପନ କରିଥିଲେ । ଶ୍ରୀମାନ୍‌ଙ୍କ ବାପା କହିଲେ - ଆପଣ ଏତେ ବଡ଼ ଲୋକ ।

ଆମେ ଆପଣଙ୍କର ସମାସ୍କନ୍ଦ ନୁହେଁ । ଆପଣଙ୍କ ସଂଗେ ବନ୍ଧୁ ବାନ୍ଧିବା ଆମର ଭାଗ୍ୟ । ଆମେ କଣ କହିବୁ ? ଆମର ତ ଷୋଳ ପଣ ଇଚ୍ଛା । ହେଲେ ଶ୍ରୀମାନ୍ ଆଜିକା ପିଲା । ତାକୁ ପଚାରି ଯାହା କରିବୁ ।

ଶ୍ରଦ୍ଧା ଉଚ୍ଚଶିକ୍ଷିତା, ଶ୍ୟାମଳ ବର୍ଣ୍ଣ ଓ ସାଧାରଣ ଗଠନ । ଶ୍ରଦ୍ଧା ତୁଳନାରେ ଶ୍ରୀମାନ୍ ଥିଲେ ଅଧିକ ସୁନ୍ଦର । ଶ୍ରୀମାନ୍ ଭଳି ଉଚ୍ଚଶିକ୍ଷିତ, ନମ୍ର, ସୁନ୍ଦର, ଉଚ୍ଚବେତନ ପ୍ରାପ୍ତ ସରକାରୀ ଅଫିସରଙ୍କୁ ଜ୍ୱାଇଁ କରିବା ପାଇଁ ସଂକେତ ଓ ସଙ୍ଗୀତାଙ୍କର ଅସୀମ ଆଗ୍ରହ । ଝିଅ ଜୀବନ ସାରା ଭୁବନେଶ୍ୱରରେ ପାଖରେ ରହିବ । ସୁବିଧା ଅସୁବିଧାରେ ସେମାନେ ତା ପାଖରେ ଓ ସେ ସେମାନଙ୍କ ପାଖରେ ଠିଆ ହେବ ।

ଶ୍ରୀମାନ୍ ଭାବୁଥିଲେ - ଶ୍ରଦ୍ଧା ବଡ଼ ଲୋକର ଝିଅ । ତାଙ୍କ ପରି ନିମ୍ନ ମଧ୍ୟବିତ୍ତ ପରିବାରରେ ଖାପ୍ ଖୋଇ ଚଳି ପାରିବକି ନାହିଁ ଏହି ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । କିନ୍ତୁ ବାପା, ମାଆ ଏ ପ୍ରସ୍ତାବରେ ରାଜି ହେବାକୁ ତାଙ୍କୁ ସବୁବେଳେ ପ୍ରବର୍ତ୍ତାଉଥିଲେ । ମା' କହୁଥିଲା- ବଡ଼ଲୋକଘରୁ ଝିଅ ଆସିଲେ ଯେ ତାରି ଚାଲିଚଳନରେ ଔଦ୍ଧତ୍ୟର ସ୍ପର୍ଶ ରହିବ, ଏହା ଭାବିବା ଭୁଲ । ଆମ ଗାଁ ହରି ସାହୁ ଆଉ ମାଗୁଣି ରାଉତ ଗରିବ ଘରେ ବନ୍ଧୁ ବାନ୍ଧିଥିଲେ । ଭାବିଥିଲେ ବୋହୂ ତାଙ୍କ କଥା ମାନିଚଳିବ । ସେହି ବୋହୂମାନେ ଏବେ ଶାଶୁ ଶ୍ୱଶୁରଙ୍କୁ ବସ୍ ଉଠ୍ କରାଉଛନ୍ତି । ନବାବ ଭଳି ଢ଼ଙ୍ଗଢ଼ାଙ୍ଗ, ଚାଲିଚଳନ । ଝିଅର ଗୁଣ ଗ୍ରାମ ତାର ବ୍ୟକ୍ତିଗତ ଚରିତ୍ର ଉପରେ ନିର୍ଭର କରେ । ବାପ ଘରର ଧନ ସଂପଦ ତା ଉପରେ ପ୍ରଭାବ ପକାଏ ନାହିଁ ।

ବାପା, ମାଆଙ୍କ କଥା ଶ୍ରୀମାନ୍ ଭାଙ୍ଗି ପାରି ନଥିଲେ । ପରିଶେଷରେ ଶ୍ରଦ୍ଧା ସହିତ ଶ୍ରୀମାନ୍‌ଙ୍କର ବାହାଘର ମହା ସମାରୋହରେ ଅନୁଷ୍ଠିତ ହେଲା ।

ଶ୍ରୀମାନ୍ ଓ ଶ୍ରଦ୍ଧାର ଦାମ୍ପତ୍ୟ ଜୀବନ ସୁଖ ଶାନ୍ତିରେ ଆଗେଇ ଚାଲିଥିଲା । ବାହାଘରର ଦୁଇ ବର୍ଷ ପରେ ଜନ୍ ଘରକୁ ଆସିଲା ପରେ ସୁଖ, ଶାନ୍ତି ବିରାଜମାନ କରୁଥିବା ପରିବେଶ ଭିତରକୁ ଅଶାନ୍ତି ଓ ଅସନ୍ତୋଷର ବିଷ ଧସେଇ ପଶି ଆସିଥିଲା । ବାପା, ମାଆ ମଝିରେ ମଝିରେ ଗାଁରୁ ଭୁବନେଶ୍ୱର ଘରକୁ ଆସୁଥିଲେ । ଜନ୍ ପ୍ରତି ଭୟ ଓ ଘୃଣା ହେତୁ ସେମାନେ ଆସିବା ବନ୍ଦ କରିଦେଲେ । ଭଉଣୀ ତାର ପୁଅ ଦୁଇଟିକୁ ନେଇ ପର୍ବପର୍ବାଣୀରେ ପ୍ରତିବର୍ଷ ବୁଲି ଆସୁଥିଲା । ଜନ୍ କାଳେ ପିଲାମାନଙ୍କୁ କେତେବେଳେ ଆକ୍ରମଣ କରିବ, ଏ ଆଶଙ୍କାରେ ସେ ଆଉ ଆସିଲା ନାହିଁ । ମାଆ କହେ - ବାବୁରେ । ଦେଖି ଚାହିଁ ଚଳୁଥିବୁ । ରାଗ ବ୍ରହ୍ମଚଣ୍ଡାଳ । କ୍ରୋଧରେ ଅନ୍ଧ ହୋଇ ମଣିଷ ତ କେତେ ଅମାନୁଷିକ କାର୍ଯ୍ୟ କରୁଅଛି । ଏତ ପଶୁ । କେତେବେଳେ କେମିତି ପ୍ରତିକ୍ରିୟା ପ୍ରକାଶ କରିବ ଜାଣିବା ମୁସ୍କିଲ୍ । ଶ୍ରଦ୍ଧାକୁ ବୁଝେଇ ଶୁଝେଇ କୁକୁରଟାକୁ ବିଦା କରି ଦେଲେ ଭଲ ହେବ ।

ଶ୍ରୀମାନ୍ ଲକ୍ଷ୍ୟ କଲେ ଜନ୍ ତାଙ୍କ ପ୍ରତିଦ୍ୱନ୍ଦୀ ପାଲଟି ଯାଇଛି । ତାଙ୍କ ଅପେକ୍ଷା ଶ୍ରଦ୍ଧା ଜନ୍‌କୁ ବିଶେଷ ସ୍ନେହ ଆଦର କରୁଛନ୍ତି ବୋଲି ଧାରଣା ତାଙ୍କର ଦୃଢ଼ୀଭୂତ ହେଲା । ତାଙ୍କୁ ଲାଗୁଥାଏ, ଜନ୍ କେତେବେଳେ ତାଙ୍କ ଉପରକୁ ଝପଟି ଆସିବ, ଝୁଣି ପକାଇବ । ଜନ୍‌ର ରଡ଼ ନିଆଁ ପରି ଆଖି ସାଙ୍ଗରେ ତାଙ୍କ ଆଖି ମିଶିଗଲେ ସେ ଭୟରେ ଶିହିରି ଉଠୁଥିଲେ ।

ଜୀବନ ଦୁର୍ବିସହ ହେବାରୁ ଶ୍ରୀମାନ୍ ଏ ସମସ୍ୟାର ବିଶଦ ବିବରଣୀ ସଂକେତ ଓ ସଙ୍ଗୀତାଙ୍କୁ ଜଣାଇଲେ । ଶାଶୁ ସଂଗୀତା ଶ୍ରୀମାନ୍‌କୁ କହିଲେ - ଶ୍ରଦ୍ଧାର ପିଲାଦିନୁ ପେଟ୍‌ମାନଙ୍କ ପ୍ରତି ଅପ୍ରତିହତ ଆକର୍ଷଣ । ସେମାନଙ୍କୁ ଦେଖି ଦେଲେ ସେ ଆନନ୍ଦରେ ଅଧୀର ହୋଇଯାଏ । ତେଣୁ ସମସ୍ୟାର ସମାଧାନ ପାଇଁ

ଗୋଟିଏ ସୁନ୍ଦର ଉପାୟ ଅଛି । ଜନ୍‌କୁ ଆମ ଘରକୁ ନେଇ ଆସିବା । ଶ୍ରଦ୍ଧାର ଯେତେବେଳେ ଇଚ୍ଛା ହେବ ଆମ ଘରକୁ ଆସି ଜନ୍ ସହିତ ସମୟ ବିତାଇ ପାରିବ, ତାକୁ ମନ ଭରି ସ୍ନେହ ଆଦର କରିବ । ଆମ ଘରେ ଥିବା ଶୁଆ "ମଇନା"କୁ ତୁମ ଘରକୁ ନେଇଯାଅ । ମଇନାର ମେଳରେ ସେ ଜନ୍‌ର ଅନୁପସ୍ଥିତିର ଯନ୍ତ୍ରଣାକୁ ଅନେକାଂଶରେ ଭୁଲିଯିବ ।

ମାଆଙ୍କ ପ୍ରସ୍ତାବରେ ଅନିଚ୍ଛା ସତ୍ତ୍ୱେ ଶ୍ରଦ୍ଧା ଜନ୍ ବଦଳରେ ମଇନାକୁ ନେବାକୁ ରାଜି ହେଲା । ଶ୍ରୀମାନ୍‌ଙ୍କ ଘରକୁ ମଇନା ଆସିଲା ପରେ ଅଶାନ୍ତି ଓ ଅସନ୍ତୋଷର ଧୂଆଁ ସ୍ଥାନରେ ଶାନ୍ତି ଓ ଆନନ୍ଦର ଫୁଲ ଫୁଟି ଉଠିଲା । ଦୁଇ ବର୍ଷ ପର୍ଯ୍ୟନ୍ତ ଦାମ୍ପତ୍ୟ ଜୀବନର ତରୀ ସୁଖ, ସନ୍ତୋଷର ତଟିନୀରେ ନିର୍ବିଘ୍ନରେ ଭାସିବାକୁ ଲାଗିଲା । ମଇନାର 'ଶ୍ରୀମାନ୍' 'ଶ୍ରୀମାନ୍' ଡାକ ଶ୍ରୀମାନଙ୍କ ହୃଦୟ ତନ୍ତ୍ରୀରେ ଏକ କମନୀୟ ସ୍ପର୍ଶର ଚମକ ଭରି ଦେଉଥିଲା । ତାଙ୍କ ହୃଦୟ, ମନ ଓ ସ୍ନାୟୁର କୋଣ ଅନୁକୋଣରେ ଅହେତୁକ ମମତାର ଅନ୍ତଃସଲିଳା ଫଲ୍ଗୁ ଅବାରିତ ଭାବରେ ବହିଚାଲିଲା । ମିଠା ମିଠା ଖୁସିର ବର୍ଣ୍ଣାଳୀର ପ୍ରତିଫଳନ ତାଙ୍କ ମୁହଁ, ଆଖି ଓ ହସରେ ଭରିଯାଉଥିଲା । ମଇନା ପ୍ରତି ତାଙ୍କର ଆତ୍ମୀୟତା, ସମ୍ବେଦନଶୀଳତା ଦ୍ରୁତ ଗତିରେ ବଢ଼ି ଚାଲୁଥିବା ସେ ଅନୁଭବ କରୁଥାନ୍ତି ।

ସେଦିନ ରବିବାର । ଲଞ୍ଚ୍ ପ୍ରସ୍ତୁତ କରି ସାରି ଶ୍ରଦ୍ଧା ବାପଘରକୁ ବରମୁଣ୍ଡା ଯାଇଥାନ୍ତି । ଶ୍ରୀମାନ୍ ଲଞ୍ଚ୍ ସାରି ନିଘୋଡ଼ ନିଦରେ ଶୋଇଯାଇଥାନ୍ତି । ସେ ସ୍ୱପ୍ନରେ ଦେଖିଲେ, ମଇନା କଇଁକଇଁ ହୋଇ କାନ୍ଦୁଛି । ତାକୁ ପଞ୍ଜୁରିରୁ ମୁକ୍ତ କରିଦେବା ପାଇଁ କାକୁତି ମିନତି କରି ନେହୁରା ହେଉଛି । ସେ କହୁଛି- ବାବୁ, ମୋତେ ଛାଡ଼ିଦିଅ । ମୁଁ ଖୋଲା ଆକାଶରେ ଡେଣା ହଲାଇ ପବନରେ ଦୋଳିରେ ଝୁଲି ଝୁଲି ଖେଳିବାକୁ ଚାହେଁ । ପ୍ରଥମ ବର୍ଷାର ସ୍ପର୍ଶରେ ମୁଁ ରୋମାଞ୍ଚିତ ହେବାକୁ ଚାହେଁ । ମୋତେ ମୁକ୍ତ କରିଦିଅ । ମୁଁ ତମର ଚିର ଋଣୀ ହୋଇଯିବି । ଜଗଦୀଶ୍ୱରଙ୍କ ଚରଣରେ ପ୍ରାର୍ଥନା କରିବି । ଶ୍ରଦ୍ଧାମାଙ୍କ କୋଳ ପୂରି ଉଠିବ । ଶିଶୁଟିର ଦରୋଟି ହସରେ ଆପଣଙ୍କ ଘର ହସି ଉଠିବ । ତାର ଠୁକୁରୁ ଠୁକୁରୁ ଚାଲି ସାଙ୍ଗରେ ତାଳ ଦେଇ ଆପଣଙ୍କ ଓ ଶ୍ରଦ୍ଧା ମାଆଙ୍କ ମନ ଓ ହୃଦୟବି ଆନନ୍ଦରେ କୁରୁଳି ଉଠିବ । ଏ ଶୂନ୍ୟ ପରିବେଶ ପୂର୍ଣ୍ଣ ହୋଇଯିବ । ଅନନ୍ୟ ଆନନ୍ଦର ଲହଡ଼ି ଏ ଘରର କୋଣ ଅନୁକୋଣକୁ ଗୁରୁଣ୍ଡି ଗୁରୁଣ୍ଡି ପଶିଆସିବ । ବାବୁ ମୋତେ ମୁକ୍ତି ଦିଅ । ମୁକ୍ତିର ଆନନ୍ଦ ଅନୁପମ, ଅତୁଳନୀୟ ।

ଧଡ୍ କରି ପିଞ୍ଜରା ପଡ଼ି ଯିବାର ଶବ୍ଦରେ ଶ୍ରୀମାନ୍‌ଙ୍କର ନିଦ ଭାଙ୍ଗିଗଲା । ଧଡ଼ପଡ଼ ହୋଇ ଉଠି ମୁହଁ ଧୋଇ ମଇନା ପାଖକୁ ତରତର ହୋଇ ଗଲେ । ଅପଲକ ନୟନରେ ମଇନାକୁ ଅନାଇ ରହିଥାନ୍ତି । ଚାରି ଚକ୍ଷୁର ମିଳନ । ଏ କ'ଣ? ମଇନା ଆଖିରେ ବେଦନାର ଲୁହ । ତାଙ୍କର ମନେ ହେଲା, ସ୍ୱପ୍ନରେ ଯାହା ଶୁଣିଥିଲେ, ମଇନା ନିରବରେ ସେ ସବୁ ପୁଣି ଅନର୍ଗଳଭାବରେ କହିଚାଲିଛି । ତାଙ୍କ ହୃଦୟ ଶରବିଦ୍ଧ, ମନ ଅନୁତାପର ଦାବାନାଳରେ ଦଗ୍ଧୀଭୂତ, ମୁହଁରେ ଉଦାସର ଛାୟା ।

ଶ୍ରଦ୍ଧା ଆସିବା ପରେ ଶ୍ରୀମାନ୍ ତାଙ୍କୁ କହିଲେ - ମୁଁ ଭାବୁଛି ମଇନାକୁ ଖୋଲା ଆକାଶରେ ଉଡାଇଦେବା । ପଞ୍ଜୁରୀର ଚାରିକାନ୍ଥ ଭିତରେ ସେ ଅଣନିଶ୍ୱାସୀ ହୋଇଯାଉଛି । ମଇନାର ଆଖିରେ ମୁଁ ଆଖି ମିଳାଇ ପାରୁନି । ତାକୁ ଦେଖିଦେଲେ ଅପରାଧବୋଧର ବିଷ ମୋ ତନୁ , ମନରେ ସଞ୍ଚରି ଯାଉଛି ।

ଶ୍ରଦ୍ଧା ଚିହିରି ଉଠିଲେ - ତୁମେ କହିଲ ବୋଲି ମୁଁ ମୋ ପ୍ରିୟ ଜନ୍‌କୁ ଛାଡ଼ି, ମଇନାକୁ ଆଣିଲି । ତଥାପି ତା ଉପରେ ତୁମର ଆଖି । ତମେ ଭଲ କରି ଜାଣିଛ, ପେଟ୍‌ଙ୍କ ପାଇଁ ମୋର ଅପରିସୀମ ଦୁର୍ବଳତା । ଏମାନଙ୍କ ବିନା ମୋ ଜୀବନ ନୀରସ, ଶୁଷ୍କ, ନିରର୍ଥକ । ମୁଁ ସମସ୍ତଙ୍କୁ ଛାଡ଼ି ରହିପାରିବି । ପେଟ୍‌ଙ୍କୁ ଛାଡ଼ି ରହିପାରିବିନି । ପେଟ୍‌ଙ୍କ ବିନା ଦିନର ଆଲୁଅରେବି ମୋ ଚାରିକଡ଼େ ଅନ୍ଧାର ମାଡ଼ି ଆସିବ । ଏତିକି କଥା କହିଲା ବେଳେ ଶ୍ରଦ୍ଧାର ଆଖିରେ ଲୁହ ଟଳମଳ ହେଉଥିଲା ।

ଶ୍ରୀମାନ୍ ଶ୍ରଦ୍ଧାକୁ ବୁଝାଇ କହିଲେ - ବିବାହ ଚାରି ବର୍ଷରୁ ଉର୍ଦ୍ଧ୍ୱ ଅତିବାହିତ ହେଲେବି ଆମ ଘରକୁ ସନ୍ତାନଟିଏ ଆସି ପାରିନି । ମୋର ମନ କହୁଛି, ମଇନାକୁ ମୁକ୍ତ କରିଦେଲେ ସନ୍ତାନର ଖୁସିରେ ଆମ ଘର ହସି ଉଠିବ । ଜୀବନକୁ ସରସ, ସୁନ୍ଦର କରିବାକୁ ହେଲେ ଚାରି ପାର୍ଶ୍ୱର ନିଷ୍ପାପ, ହୃଦୟବାନ୍ ପ୍ରାଣୀମାନଙ୍କର ଶୁଭେଚ୍ଛା ଓ ଆଶୀର୍ବାଦ ନିହାତି ଜରୁରୀ । ଘରର ଚାରିକାନ୍ଥ ଭିତରେ ମଇନାର ବେଦନା, ଯନ୍ତ୍ରଣା ଓ ଦୀର୍ଘଶ୍ୱାସ ହୁଏତ ଆମ ଜୀବନର ସୁଖ ସନ୍ତୋଷରେ ମେଘଦାନ ପାଚେରି ହୋଇ ଠିଆ ହେଉଛି । ଏକ ସରଳ, ନୀରିହ, ନିଷ୍ପାପ ପ୍ରାଣୀର ମୁକ୍ତି ପାଇଁ ନିରବ ଆର୍ତ୍ତଦାନ ଆମ ଘରର ବାୟୁମଣ୍ଡଳକୁ ଯନ୍ତ୍ରଣାସିକ୍ତ କରି ଦେଉଛି । ଯନ୍ତ୍ରଣା ଜର୍ଜରିତ ପରିବେଶରେ ସୁଖ, ସନ୍ତୋଷ, ଆନନ୍ଦର କଳକଳ ନାଦିନୀ ଛଳ ଛଳ ଝରଣା ପ୍ରବାହିତ ହେବା ଅସମ୍ଭବ । ଘରର ପରିବେଶରେ ଦୀର୍ଘଶ୍ୱାସ ଓ ଯନ୍ତ୍ରଣାର ନିଆଁ ହୁତୁହୁତୁ ହୋଇ ଜଳିଲେ ଜୀବନ ଦୁର୍ବିସହ ହୋଇପଡ଼ିବ । ମୋ କାନରେ ମଇନାର କଇଁ କଇଁ କାନ୍ଦ ସବୁବେଳେ ପ୍ରତି ଧ୍ୱନିତ ହେଉଛି ।

ଏ ସବୁ କଥା କହିଲାବେଳେ ଶ୍ରୀମାନ୍‌ଙ୍କ ସ୍ୱର ଓ ଆଖି ଓଦା ହୋଇଯାଉଥିଲା । ଶ୍ରଦ୍ଧା ରାଗରେ ଗର ଗର ହୋଇ କହିଲା- ଏହା ତୁମର ଅନ୍ଧବିଶ୍ୱାସ । ନିମ୍ନ ମଧ୍ୟବିତ୍ତ ମାନସିକତା । ମଇନା ଏଠାରେ ରହିଛି ଓ ରହିବ । ଏହାକୁ ମୁକ୍ତ କଲେ ମୁଁ ପ୍ରଳୟ କରିଦେବି । - ଏହା କହିଲାବେଳେ ତା କଣ୍ଠରେ ଦୃଢ଼ତା ଓ ଅନମନୀୟତା ସ୍ପଷ୍ଟ ବାରି ହୋଇ ପଡ଼ିଥିଲା ।

ସେଦିନ ସ୍ୱାଧୀନତା ଦିବସ । ଅଗଷ୍ଟ ୧୫ । ଶ୍ରଦ୍ଧା ୧୫ ଦିନ ପାଇଁ ବାପ ଘରକୁ ଯାଇଥାନ୍ତି । ଶ୍ରୀମାନ୍ ନିଜକୁ ଦୃଢ଼ କଲେ । ନିଜର ଇଚ୍ଛା ଓ ମତକୁ ଜାହିର କରିବାକୁ ତାଙ୍କ ମନ ଓ ଦେହରେ ଶକ୍ତି ସଞ୍ଚାର ହେଲା । ମୁକ୍ତି ପାଇଁ ମଇନାର ଆକୁଳ ନିବେଦନ ତାଙ୍କ ମନ ଓ ହୃଦୟରେ ଝଡ଼ ସୃଷ୍ଟି କରୁଥିଲା । ସେ ସ୍ୱାଧୀନତା ଦିବସର ପବିତ୍ର ଦିବସରେ ମଇନାକୁ ସ୍ୱାଧୀନ କରିଦେଲେ । ମୁକ୍ତ ମଇନା ଆକାଶରେ ଆନନ୍ଦର ଆତିଶଯ୍ୟରେ କଳରୋଳ କରି ଉଡିବୁଲୁଥିଲା । ଶ୍ରୀମାନ୍‌ଙ୍କ ମନରେ କେତେ ଆନନ୍ଦ, କେତେ ଆତ୍ମସନ୍ତୋଷ, କେତେ ପରିତୃପ୍ତି ! ମୁହଁରେ ତୋଫା ଜହ୍ନର ରୂପେଲି ଆଲୁଅ, ହସରେ ପେଛା ପେଛା ଫୁଲର ରଙ୍ଗିନ ରୋଶଣି ।

ଆଜି ଅଗଷ୍ଟ ୩୧ । ପନ୍ଦରଦିନ ବାପଘରେ ଆନନ୍ଦରେ ଅତିବାହିତ କରି ସୁନ୍ଦର ଗାଢ଼ ବାଇଗଣୀ ରଙ୍ଗର ଶାଢ଼ି, ଅଳଙ୍କାର ଓ ପ୍ରସାଧନରେ ସଜେଇ ହୋଇ ଶ୍ରଦ୍ଧା ଘରକୁ ଫେରୁଛନ୍ତି । ଫାଟକ ଖୋଲି ଘର ଆଡ଼କୁ ଆସୁଛନ୍ତି । ମୁହଁରେ ଖିଲି ଖିଲି ହସର ବର୍ଣ୍ଣାଢ଼୍ୟ ଇନ୍ଦ୍ରଧନୁ । ଆଖିରେ ବିଜୟ ବୈଜୟନ୍ତୀର ନିରବ ପ୍ରତିଫଳନ । ତନୁ, ମନ ପୁଲକିତ, ରୋମାଞ୍ଚିତ । ସତେଯେପରି ସ୍ୱପ୍ନ ଓ କଳ୍ପନାର ନିଧୁବନ ଘନକୃଷ୍ଣ ମେଘଖଣ୍ଡେ ପବନ ଦୋଳିରେ ହଲି ହଲି ଘରକୁ ପଶିଆସୁଛି ।

ଅନେକ ଦିନ ପରେ ବନାରସୀ ପାଟ, ସ୍ୱର୍ଣ୍ଣଅଳଙ୍କାର ଓ ପ୍ରସାଧନରେ ସଜ୍ଜିତା ଶ୍ରଦ୍ଧାର କମନୀୟ ଅବୟବ ଓ ରୂପ ଲାବଣ୍ୟ ଦେଖି ଶ୍ରୀମାନ୍ ବିମୋହିତ ହୋଇଯାଇଥିଲେ । ସ୍ୱପ୍ନର ରଙ୍ଗିନ ଦୁନିଆରୁ ନିଜକୁ ଫେରାଇଆଣି ପ୍ରକୃତିସ୍ଥ ହେଲେ । ନିଛକ ବାସ୍ତବତାକୁ ସାମ୍ନା କରିବାକୁ ନିଜକୁ ପ୍ରସ୍ତୁତ କଲେ । ଆଖି ଆଗରେ ଘୂର୍ଣ୍ଣିଝଡ଼ର ପ୍ରଳୟଙ୍କରୀ ରୂପ ତାଙ୍କୁ ସ୍ପଷ୍ଟ ଦେଖାଯାଉଥିଲା ।

ସ୍ନେହ ମମତାରେ ଉଛୁଳି ଉଛୁଳି ଶ୍ରଦ୍ଧା ପ୍ରଥମେ ମଇନା ପାଖକୁ ଯିବ । "ମଇନା କେମିତି ଅଛୁ? ମୁଁ ନଥିଲା ବେଳେ କ'ଣ କରୁଥିଲୁ? ଖାଇଛୁନା ନାହିଁ ? ମୁଁ ପଳେଇଥିଲି ବୋଲି କ'ଣ ମୋ ଉପରେ ଅଭିମାନ କରିଛୁ ?" ଏମିତି ଆବୁରୁ ଜାବୁରୁ ବାକ୍ୟ ଗୁଡ଼ିକର ଫୁଲ ତୋଡ଼ା ଓଜାଡ଼ି ଦେବ ଲୁହାର ପିଞ୍ଜରା ଉପରେ । ପାଖକୁ ଯାଇ ଦେଖିବ ପିଞ୍ଜରା ଶୂନ୍ୟ । ମଇନା ମୁକ୍ତ । ତା ମନ ଆକାଶକୁ ଦୋହଲାଇ ଦେବ ଘଡ଼ଘଡ଼ି, ବିଜୁଳି ଆଉ ଅଣଚାଶ ପବନ । କେଇକ୍ଷଣ ଆଗରୁ ଢ଼ଳଢ଼ଳ ହୋଇ ବହିଯାଉଥିବା ତଟିନୀ ପୂର୍ଣ୍ଣଗର୍ଭା ହୋଇ ବନ୍ଧ ବାଡ଼ ଡେଇଁ ପ୍ରଳୟ ସୃଷ୍ଟି କରିବ । ରାଗ, ଦ୍ୱେଷ, ଅଭିମାନର ଉତ୍ତପ୍ତ ଲାଭା କଳିଜା ଫଟା ଶବ୍ଦ ହୋଇ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହେବ ।

ଶ୍ରୀମାନ୍ ଆସନ୍ନ ପ୍ରଳୟର ମୁକାବିଲା କରିବା ପାଇଁ ନିଜ ମନ ଓ ହୃଦୟକୁ ସଜାଡ଼ି ନେଉଥିଲେ । ଏହି ପ୍ରଳୟକୁ ପ୍ରତିରୋଧ କରିବା ପାଇଁ ନିରବତା ହେଉଛି ଅମୋଘ ଅସ୍ତ୍ର । ସେ ପାଲଟିଯିବେ ପାଷାଣର ଢ଼ାଲ । ତୂଣୀରରୁ ତୀବ୍ର ଗତିରେ ଆସୁଥିବା ପଞ୍ଜରାଭେଦୀ ତୀରଗୁଡ଼ିକ ପାଷାଣରେ ବାଜି ଶକ୍ତିହୀନ ହେବ । ନାରୀର କ୍ରୋଧ ନିୟନ୍ତ୍ରଣର କଳାରେ ଶ୍ରୀମାନ୍ ଦକ୍ଷ କଳାକାର ଥିଲେ । ନାରୀ କହି କହି, ଗାଳି ଦେଇ ଦେଇ କ୍ଳାନ୍ତ ହେଲେ ମନକୁ ମନ ନିର୍ବାକ ହୋଇଯିବ । ଉତ୍ତରରେ ସିନା ପ୍ରତ୍ୟୁତ୍ତର, ବିରୋଧରେ ସିନା ରଣ ହୁଙ୍କାର, ଆକ୍ଷେପରେ ସିନା ପ୍ରତିଆକ୍ଷେପ । କିନ୍ତୁ ନିରବତାର ଅସ୍ତ୍ର ପ୍ରତିପକ୍ଷକୁ ନିରସ୍ତ୍ର କରିଦିଏ । ପ୍ରେରକ ପ୍ରତିପକ୍ଷକୁ ଶକ୍ତ ଶବ୍ଦରେ ଯେଉଁ ଆକ୍ରମଣ କରେ, ପ୍ରତିପକ୍ଷ ତାକୁ ଗ୍ରହଣ ନକଲେ ତା ସ୍ୱତଃ ପ୍ରେରକ ପାଖକୁ ଫେରିଯାଏ । ଦଶଭୂଜା ମାଆ ଦୁର୍ଗା ସାଜି ଶ୍ରଦ୍ଧା ପ୍ରଳୟ ରଚନା କରୁଥିବା ସମୟରେ ସେ ଦୋଷ ସ୍ୱୀକାର କରିଯାଇଥିବା ଓ ଦଣ୍ଡ ପାଇଁ ପ୍ରସ୍ତୁତ ହୋଇଥିବା ଆସାମୀ ପରି ନିରବରେ ଠିଆ ହେବା ପାଇଁ ସ୍ଥିର କରିଥିଲେ ।

ଶୂନ୍ୟ ପଞ୍ଜୁରୀକୁ ଦେଖି ଶ୍ରଦ୍ଧା ଶ୍ରୀମାନ୍‌ଙ୍କ ଛାତି ଉପରେ ଲୋଟେଇ ପଡ଼ିଲେ । ଆଖିରୁ ଅଦିନିଆ ବର୍ଷା ପରି ଟପ୍ ଟପ ଲୁହ ଝରି ପଡୁଥିଲା । ସେ କଇଁ କଇଁ ହୋଇ ମନ ଭରି କାନ୍ଦୁଥିଲେ । ଶ୍ରୀମାନଙ୍କ ସାର୍ଟ ଓ ଗଞ୍ଜି ଶ୍ରଦ୍ଧାର ଲୁହରେ ଭିଜି ଯାଉଥିଲା । ସେ ବିସ୍ମିତ ନୟନରେ ଅନାଇ ରହିଥିଲେ ଶ୍ରଦ୍ଧାଙ୍କୁ । ଶ୍ରଦ୍ଧା ତାଙ୍କୁ ଦୁଇ ହାତରେ ଜାବୁଡ଼ି ଧରି ଥିଲେ । ଶ୍ରଦ୍ଧାର ଏଭଳି ଅବିଶ୍ୱାସନୀୟ ପ୍ରତିକ୍ରିୟା ଦେଖି ସେ ନିର୍ବାକ ହୋଇଯାଇଥିଲେ । ତାଙ୍କ ଆଖିରେ ପ୍ରଶ୍ନବାଚକ ଚିହ୍ନ ଗୁଡା ଭିଡ଼ ଜମେଇ ସାରିଥିଲେ ।

ଭଙ୍ଗା ଭଙ୍ଗା କଣ୍ଠରେ ଥରିଲା ଥରିଲା ଓଠରେ ଶ୍ରଦ୍ଧା କହିଲା - ତମେ ମଇନାକୁ ମୁକ୍ତ କରିଦେବା କଥା କହିବାରୁ ତୁମକୁ ମୁଁ କେତେ ଗାଳି ଦେଇଥିଲି । କିନ୍ତୁ ତୁମେ ଯାହା କହୁଥିଲ ସତ୍ୟ । ତମେ ମଇନାକୁ ମୁକ୍ତ କରିଦେଲ ବୋଲି ମୁଁ ଆଜି ମା' ହେବାକୁ ଯାଉଛି । ଆଜି ସକାଳେ ଦେହ ଅସୁସ୍ଥ ଲାଗିବାରୁ ମା' ସହିତ ଡାକ୍ତରଙ୍କ ପାଖକୁ ଯାଇଥିଲି । ସେ କହିଲେ ମୁଁ ଗର୍ଭବତୀ । ତମେ ଯେଉଁଦିନ ମଇନାକୁ ମୁକ୍ତ କରିଦେଲ, କାମବାଲି ମୀନା ମୋତେ ମୋବାଇଲ୍‌ରେ ଜଣାଇ ଦେଇଥିଲା । ଘରକୁ ଫେରିବା ପରେ

ତୁମ ଉପରେ ପ୍ରତିଶୋଧ ନେବି ବୋଲି ମନେ ମନେ ଭାବୁଥିଲି । ଆଜି ମୁଁ ଅନୁତପ୍ତ । ତୁମ ପାଦ ଧରି ମୋର ଦୋଷ ପାଇଁ କ୍ଷମା ମାଗୁଛି । ମଇନାକୁ ମୁକ୍ତ କରି ତୁମେ ମୋ ପାଇଁ ଯେଉଁ ଆଶୀର୍ବାଦର ଭେଟି ଦେଇଛ, ମୁଁ ତାହା ଜୀବନ ସାରା ଭୁଲିବିନି ।

ଆନନ୍ଦର ଆତିଶଯ୍ୟରେ ଶ୍ରଦ୍ଧାକୁ ଶ୍ରୀମାନ୍ କୋଳକୁ ଆଉଜେଇ ନେଲେ । ଶ୍ରୀମାନ୍ ଅସରନ୍ତି ଭଲ ପାଇବା ଶ୍ରଦ୍ଧା ଉପରେ ଅଜାଡ଼ି ଦେଉଥିଲେ । ସ୍ନେହ, ମମତା ଓ ଆନ୍ତରିକତାର ନରମ ସ୍ପର୍ଶରେ ତାର କେଶ ସାଉଁଳେଇ ଥିଲେ । ଶ୍ରୀମାନ୍‌ଙ୍କ ଗଭୀର ଆଶ୍ଳେଷ ଭିତରେ ଶ୍ରଦ୍ଧାଙ୍କର ମୁହଁରୁ ଉଛୁଳି ପଡୁଥିଲା ପ୍ରାପ୍ତି, ପରିପୂର୍ତ୍ତି, ପରିତୃପ୍ତି, ପରିପୂର୍ଣ୍ଣତାର ଆଞ୍ଜୁଳା ଆଞ୍ଜୁଳା ଜ୍ୟୋତ୍ସ୍ନା । ଶ୍ରଦ୍ଧା ଜଠରରେ ଖେଳୁଥିବା ଶିଶୁଟିକୁ ନେଇ ନୂଆ ସ୍ୱପ୍ନରେ ବିଭୋର ହେଉଥିଲା ।

ꝏꝏ

**ମନୋଜ କୁମାର ଜେନା,** ଭୁବନେଶ୍ୱର, ଅବସରପ୍ରାପ୍ତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍‌ରେ ଡେପୁଟି ଜେନେରାଲ ମ୍ୟାନେଜର । ଅବସର ପରେ ଗଳ୍ପ, କବିତା ଓ ପ୍ରବନ୍ଧ ଲେଖିବାରେ ମନୋନିବେଶ କରିଛନ୍ତି । କବିତା ସଂକଳନ: 'ଆମ ଗାଁ' ଓ 'ପ୍ରଭୁ ମହିମା' । କ୍ଷୁଦ୍ରଗଳ୍ପ ସଂକଳନ: 'ସଜ ସକାଳ' ଓ 'ଅଚିହ୍ନା ଆକାଶ' । ତଥ୍ୟ ସମ୍ବଳିତ ପୁସ୍ତକ: 'ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ' । ସେ ସଂପ୍ରତି 'ଚିରସମର୍ଥା' ସାହିତ୍ୟ ପତ୍ରିକାର କାର୍ଯ୍ୟକାରୀ ସଂପାଦକ ।

ꝏꝏ

# ତୁମ ଚାହିଁବାରେ

**ପୁଷ୍ପାଞ୍ଜଳି ପଣ୍ଡା**

ଠିକ୍ ଆଉ କଣ କଲ ଯେ...!!
ତୁମରି ଦୁନିଆ, ତୁମେ ତ ଗଢିଛ
ମୁଁ ଚାହିଲେ ବି କଣ ହେବ ଯେ !!
ବରଂ, ମଥାପାତି ସବୁ
ଦୁଃଖ ଯାତନାକୁ ସହିନେବି
ଅଭିମାନ କରି ରହିଯିବି,
ଅଭିଯୋଗ କରି, ଆଶା ଭରସାରେ
ମନଚାହାଁ ଫଳ ମିଳିନାହିଁ..!!
ବରଂ ଭାଗ୍ୟରେ ନଥିଲା ଧରିନେବି ।।
ଭଲହେବ ନୀରବ ରହିବା
ମୁହଁ ନୁହେଁ, ଆଖିରେ କଥା କହିବା
ହସ ଲାଗୁ ଅବା ନଲାଗୁ
ତଥାପି ଖୁସିରେ ଖିଆଲ ରଖିବା
ଦାନ୍ତ ନିଖୁଟେଇ ହସଟେ ହସିବା ।।
ତୁମେ ତ ସବୁ ଆରମ୍ଭର ମୂଳ
ସବୁ ଶେଷ ପରିଣାମ ଫଳ
ତୁମ ଚାହିଁବାରେ ହୁଏ ସବୁକାମ
ଲାଭଟା ବା କଣ ଚିନ୍ତାରେ ବସି
ଭୁଲ୍ ଠିକର ବିଚାର କରିବା
ଏସବୁରେ ମୋର କିବା କାମ
ସବୁତ କରୁଛ ତୁମେ ଆଉ
ସବୁ ତ କରୁଛି ତୁମ ନାମ ।।
ଓଓ

**ପୁଷ୍ପାଞ୍ଜଳି ପଣ୍ଡା,** କବୀ, ସଂଯୋଜିକା ଓ ଗାଳ୍ପିକା । ପ୍ରକାଶିତ ପୁସ୍ତକ: "ବିଭୋର ହେବାର ବେଳା" ଓ ଅନେକ ଇ-ପୁସ୍ତକ । ଅନେକ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ରର ସାହିତ୍ୟ ପୃଷ୍ଠାରେ ଅନେକ ରୁଚିପୁର୍ଣ୍ଣ ଲେଖା ପ୍ରକାଶିତ । ଓଡ଼ିଶା ସରକାରଙ୍କ ଯୋଜନା ସଂଯୋଜନା ବିଭାଗରେ କାମ କରନ୍ତି ।
ଓଓ

# ମନେ ପଡ଼ିଯାଏ ବୋଉ

**ଅଳକା ମହାନ୍ତି**

ପାଦ ଥୋଇଦେଲେ ମୋ ଗାଁ ମାଟିରେ
ମନେ ପଡ଼ିଯାଏ ବୋଉ,
ମନ କହୁଥାଏ  ତୋତେ ଦେଖିବାକୁ
ଫେରି ଆସନ୍ତୁ କି ଆଉ ।

ନାହିଁ ତ ଗାଁ'ର ମାଟି ଉଚ୍ଚା ପିଣ୍ଡା
ନାହିଁ ଅର୍ଦ୍ଧ ଚନ୍ଦ୍ର ପିଣ୍ଡି,
ପିଣ୍ଡିପରେ ବସି ମୋ ମାଆ ସତରେ
ପେଟ ଦିଅନ୍ତା ଦରାଣ୍ଡି ।

ନାହିଁ ହଳ ପାଳ ମୁଲିଆ ମଜୁରି
ନାହିଁ କିଛି ଜାତିଆଣ,
ମହାରାଣୀ ପରି ପିଣ୍ଡି ପରେ ବସି
କରୁନାହିଁ ନେଣ ଦେଣ ।

ମାଲିମକଦମା, ସ୍ଥାବର ସମ୍ପତି
ପିଲାଙ୍କର ପାଠ ପଢା,
ସରବ କାର୍ଯ୍ୟରେ ସିଦ୍ଧ ହସ୍ତ ତୋର
ଖୋଜଇ ମନ୍ଦିର ବେଢ଼ା ।

ପ୍ରସାଦର ଥାଳି, ହସ୍ତେ ପୁଷ୍ପ ମାଳ
ସକାଳର ମନ୍ତ୍ର ଗାନ,
ନିର୍ମାଲ୍ୟ ପେଡିରେ କଜ୍ଜ୍ୱଳ ସିନ୍ଦୂର
କେତେ ଶାଳଗ୍ରାମ ମାନ ।

ଆଖିରେ କଜ୍ଜଳ, ମଥାରେ ସିନ୍ଦୂର
ଝଟକି ଦିଶଇ ଦୂରୁ,
ସତେ ଅବା ସେହି ସୀତା ଠାକୁରାଣୀ
ଓହ୍ଲାଇଛନ୍ତି ସ୍ୱର୍ଗରୁ ।

ଧୋବ ଫରଫର ପାଟ ବସ୍ତ୍ର ପିନ୍ଧି
ମାଣ ଘରେ ହୁଳହୁଳି,
ଲକ୍ଷ୍ମୀମାଆ ପରି ଉଭାହେଲୁ ଘରେ
ଖୁଆଇଲୁ ସର ପୁଳି ।

ଆରିସା କାକରା ସରୁ ଛୁଞ୍ଚି ପତ୍ର
ମଣ୍ଡା ପିଠା ଯେ ଜଲେବି,
ତୋ ହାତରେ ଥାଏ ମଧୁର ଅମୃତ
କିପରି ଭୁଲି ପାରିବି !!

ଗୁଣ୍ଡା ଗୁଣ୍ଡା କରି ଦୂଧ ଭାତ ସାଥେ
ଆଳୁ ଚକଟା ର ମଜା,
ରୁଟି କ୍ଷୀର ଧରି କଂସା ତାଟିଆରେ
ପକାଉ ମୋହର ଖୋଜା।

ଗନ୍ଧି ଗଛ ଛାଟ ମନେ ପଡୁଅଛି
ଯେବେ କରୁଥାଏ ଅଳି,
ଆଉ କେହି ନାହିଁ ପୁରା କରିବାକୁ
ଛୋଟ ମୋର ଆରଦଳି ।

କେହି ଶୁଣାଉନି ଗୀତା ଭାଗବତ
ରାଧା କୃଷ୍ଣଙ୍କ କାହାଣୀ,
ଝାପସା ସ୍ମୃତି ମୋ ଉଦବେଳିତ କରେ
ମନ ହୁଏ ଗୁଣି ଗୁଣି ।
କାଲିପରି ଲାଗେ ତୋର ଶବାଧାରେ
କାନ୍ଦୁ ଥିଲି ରାହା ଧରି,
ଆଜି ବି ଲାଗୁଛି ତୁ ମୋ ପାଖେ ଅଛୁ
ନେଉଛୁ ମୋ ହାତ ଧରି ।
ଆଶିଷ ମାଗୁଛି ବୋଉ ମୁଁ ତୋତେଲୋ।

ତୋ ଗର୍ଭେ ରଖିବୁ ସଦା,
ସବୁ ଜନ୍ମେ ମୋର ମାଆ ହେଉଥିବୁ
ପ୍ରାର୍ଥନା କରେ ସର୍ବଦା ।

ଜାଣିଛି ତୁ ଶାନ୍ତିଧାମେ ରହିଅଛୁ
ଅପେକ୍ଷା କରିଛୁ ମୋତେ,
ମୋର ଅଭିନୟ ସରିବା ମାତ୍ରକେ
ସାକ୍ଷାତ କରିବି ତୋତେ ।

ବାଲ୍ୟକାଳୁ ମୋତେ ଛାଡ଼ିଦେଇ ଗଲୁ
କରୁଥିବୁ ଅବସୋସ,
ଜାଣି ପାରିଲିନି ମାଆ ସ୍ନେହ କଣ
କଣ କରିଥିଲି ଦୋଷ !

ମାଆ ପରି ଆଉ କିଏସେ ହୋଇବ
ତାର ସ୍ନେହତ ନିଆରା,
କାହା ପାଶେ ମିଳିନାହିଁ କି ମିଳିବ
ପର ମଣିଷ ସେ ପରା ।

ନଅ ମାସ ଗର୍ଭ ଯାତନା ସହିକି
ଦେଖାଇଲୁ ମର୍ତ୍ତ୍ୟଲୋକ,
ତୋର ହାତଧରି ଆଜି ବି ଚାଲୁଛି
ଦେଇଛୁ ମୋତେ ଆଲୋକ ।

ବଞ୍ଚି ଥିବାଯାଏ ସେହି ଶୁନ୍ୟ ସ୍ଥାନ
ସେହିପରି ରହୁଥାଉ,
ଈଶ୍ୱରଙ୍କ ଠାରୁ ସ୍ନେହ ପ୍ରେମ ମିଳୁ
କେହି ନ ଆସନ୍ତୁ ଆଉ ।

ꝏꝏ

**ଅଳକା ମହାନ୍ତି,** ତଲୋଜା, ନଭି ମୁମ୍ବାଇ ।ସେ କବିତା, ଗଳ୍ପ, ଶିଶୁ ସାହିତ୍ୟ, ପ୍ରବନ୍ଧ, ଆଦି ଲେଖନ୍ତି । ଓଡ଼ିଆ ସାହିତ୍ୟର ସମ୍ଭ୍ରାନ୍ତ ପତ୍ରପତ୍ରିକାରେ ତାଙ୍କର ଲେଖା ନିୟମିତ ପ୍ରକାଶିତ ହୋଇଥାଏ । ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ 'ଶେଷ ଠିକଣା' ଏବେ ପ୍ରକାଶିତ ହୋଇଛି । ଏକ କବିତା ସଙ୍କଳନ ମଧ୍ୟ ପ୍ରକାଶିତ ହେବାକୁ ଯାଉଛି । ବୃତ୍ତିରେ ସେ ଜଣେ ପ୍ରାଧ୍ୟାପକ ।

ꝏꝏ

# The beloved

Madhuri Panda

**(*Translated from Odia by Manas Ranjan Mahapatra*)**

She knows who burns
Love-burning- beloved
Whispers, silent blast!
Where to mingle in emptiness
Is the lonely remembrance

Near to feelings, distant
From nothingness
The eternal jerk, worries
Loneliness amidst the four walls
Silent, unanswered

The entire life longs
For a starry sky
Wounds become deeper
Lotus of love becomes
Prettier !

∞∞

# So near is the Sun

## Madhuri Panda

**(Translated from Odia by Manas Ranjan Mahapatra)**

How do you feel my
Love
A silent word
I am unable to speak
Can feel only

Why the stars remain
Sleepless
Silent night smiles in darkness
In soliloquy

I reach you for this life
To take our love to moon

Love glows in the law of the world
Let someone understand
You speak of darkness everywhere
There is moonshine too
Let’s step fast, firm!

∞∞

Madhuri Panda writes in Odia. She has four anthologies of poems. Her poems have been translated widely into Hindi and English and published in major journals.

∞∞

# Have faith

Nilamadhab Kar

Imagine,
All your life
You have struggled,
Climbed those rocky, slippery steps,
Created paths
Where existed none,
And now, you are, where you are,
At the zenith,
On the cliff edge

Looking back all those days,
Roads travelled,
Unbelievable
That you crossed all those hurdles
There's no going back,
You can't,
You can't return to where you came from
You can only move forward

Tired you are now,
Feet dragging,
Wings dangling,
You wonder, is this it?

And in the front - the cliff,
There isn't any road, path,
Nothing, any more –
Just the sky, endless
From your feet, looking down,
It just the clouds,
Layers of veil
Hiding away the worlds underneath

At this point,
Moving forward means

A leap of faith,
You just wish
A gush of air lifts you,
Lands you safely
In the lap of nature,
When it is all misty, unclear

Have faith, take your step,
There will be wings around you,
Of angels
Taking you to unfathomable heights

Just have faith,
And feel the colours changing around you.
Winds have changed directions,
Feel...
You are floating already,
Like a kite, and fearless,
You know,
The thread is well secured
In good hands

∞∞


**Prof Nilamadhab Kar** expresses mostly in poems, and sometimes in stories. His themes depict human relationships; however a specific part of his literary communication appears to be dedicated for uplifting human spirits, having as if a therapeutic quality. He is a consultant psychiatrist based in the UK, and is linked to the University of Wolverhampton, UK and Sri Sri University, India. He is credited with a number of scientific research articles and books in mental health.

∞∞

# ପୁସ୍ତକ ସମୀକ୍ଷା

## ପାଦପୂରଣ

ଗିରିଜାକୁମାର ବଳୀୟାରସିଂହ




କବି ଗିରିଜାକୁମାର ବଳୀୟାରସିଂହଙ୍କର ପ୍ରତ୍ୟେକ କବିତା ସଙ୍କଳନ ଅଦ୍ୱିତୀୟ, ବିଷୟବସ୍ତୁରେ ଓ ଭାଷାରେ । ସଦ୍ୟତମ 'ପାଦପୂରଣ' କାବ୍ୟକୃତିଟି ସେହି ଦୃଷ୍ଟିରୁ ଏକଦମ ଅନ୍ୟରକମ । ଶବ୍ଦମାନଙ୍କୁ ଯେମିତି ହଳଦୀପାଣିରେ ସ୍ନାନ କରେଇ ଘଷିମାଜି ଏମିତି ରସସିକ୍ତ ଚିତ୍ରକଳ୍ପରେ ଭରପୁର ରୂପରେ ପରିବେଷଣ କରିବାର ସାମର୍ଥ୍ୟ କେବଳ ଏଇ କବିଙ୍କର ସାଂପ୍ରତିକ ଓଡିଆ କବିତାରେ ।

ଏଇ ସଦ୍ୟତମ କୃତିର ବିଶେଷ ଆକର୍ଷଣ ସାତୋଟି ମହାକବିତା, ଯେଉଁ ସମୟରେ କବିତାର କଳେବରକୁ ନେଇ ତର୍କ ! 'ନିୟମଗିରି', 'ଅଂଶୁପା', 'ସର୍ଗବିସର୍ଗ', 'ହେଲେନ୍', 'ବଂଶୀପୁରୁଷ' ଇତ୍ୟାଦି ପ୍ରତ୍ୟେକଟି ମହାକବିତା ଆମର କବିତାଜଗତକୁ ସାଶ୍ୱତ ଆଶୀର୍ବାଦ। ସପ୍ତଦ୍ୱୀପା ଏ ପୃଥିବୀ, ଶୁଭ ସଂଖ୍ୟା ସାତ - ଏହି ସୂତ୍ରର ଆଧାରରେ ଏ ସାତ ମହାକବିତା ଆମ ସମୟର ଗୋଟେ ସପ୍ତବର୍ଣୀ ସଂକେତ ଯାହା ଆମର ଶାସ୍ତ୍ରୀୟ ଭାଷାକୁ ମୁକୁଟ ପିନ୍ଧାଏ ।

ମହାକବିତାରେ ଅନୁଭୂତ ହୋଇଥାଏ ନୂତନ ଶବ୍ଦର ଜନ୍ମ, ଆମର ସାମୂହିକ ସ୍ମୃତିକୋଷରେ ସଂଚିତ ଅବ୍ୟକ୍ତ ବେଦନାର ସ୍ଫୁରଣ । ରକ୍ତରେ,ଶିରାପ୍ରଶିରାରେ,ଧମନୀରେ, ଶ୍ୱାସ ପ୍ରଶ୍ୱାସରେ ଧ୍ୱନି ଓ ସ୍ୱରରେ ମୁକ୍ତିଘୋଷଣା - ଯାହା ସଂସ୍କୃତିବାଟେ ସାହିତ୍ୟକୁ ଦେଖେ ଓ ଦେଖାଏ। ନିୟମଗିରିରେ ଗୋଟେ ନିଆଁ ଜଳୁଛିଆମେ ସମୁଦ୍ରର ବାଡବାଗ୍ନି ଦେଖୁଛୁ ଅଥଚ ଅରଣ୍ୟର ଅନ୍ତର୍ଦାହୀ ଦାବାଗ୍ନିକୁ ଦେଖୁନୁ। ନିୟମଗିରି ଆମର ଭବିଷ୍ୟତର ନିଁଆ, ଆମ କବିତାରେ, ଆମ ସମୟର ଗୋଟେ ଶାଣିତ ସଂକେତ । ସେମିତି 'ହେଲେନ୍' କବିତା । ହେଲେନ ଆଜି ମଧ୍ୟ ବଂଚେ -

"ପରୀ ଓ ପ୍ରିୟାର ପ୍ରିୟ ତା ପୃଥିବୀ ନପାଉ ପାରିସ୍ ପଛେ<br>
ଆମେ ତ ଆମର ନାନା ଏ ନାମର ଟ୍ରୟନଗ୍ରରେ ଅଛେ !<br>
ସୁନାର ଆପଲ ! ସୁନାର ଆପଲ ! ଫାଳ ନା ଅଫାଳ ହବୁ ?...."

'ବଂଶଲତାର ଫୁଲ' ପ୍ରଥମ ସନେଟ । 'ସେଇ ଘର' ଅନ୍ତିମ କବିତା ତଥା ୧୫୦ତମ ସନେଟ୍ । ବଂଶ ପୃଥିବୀରେ ବଞ୍ଚିବାପାଇଁ ବଢେ । ହେଲେ ସେ ବଂଶବୀଜର ବିନାଶ ପାଇଁ ପୁରାଣ, ଇତିହାସରୁ ଏଯାଏଁ ଏ ପୃଥିବୀରେ ପ୍ରତିପକ୍ଷ ଶିବିର କେତେ ନୟାନ୍ତକର ଷଡ଼ଯନ୍ତ୍ରରେ ଲିପ୍ତ ! ତଥାପି ଫୁଲ ଫୁଟିପାରେ ବଂଶଲତାରେ !

" ହେ ପ୍ରିୟଶତ୍ରୁ, ପାଇନ ଆମକୁ ପାଇବନି ତମେ ଥରେ<br>
ଆମେ କରିପାରୁ ଆତ୍ମଗୋପନ ଅନ୍ୟର ହୃଦୟରେ! "


କେତେ ଅଭିଯାତ ଅହଂକାର,କେତେ ଆବେଗର ସ୍ପର୍ଦ୍ଧାର ସ୍ୱରସବୁ ! ଶବ୍ଦ ଉପରେ ପାଦଚିହ୍ନ ଛାଡ଼ିଯାଉଛି ମରମୀ ଭାବସ୍ଫୁଲିଙ୍ଗ - 'ସେଇ ଘର' ସରଳ କବିତା । ମିଠା ଆବେଗରେ ଭରପୂର ତାର ଭାଷା । ମୃଦୁମୁଖର ସେଇ ଘର - ଯେଉଁଠିକୁ ଆମେ ନିଶ୍ଚୟ ଫେରିବୁ, ଯେଉଁଠି ବିଦାୟର ବାର୍ତ୍ତା ନଥାଏ, ବରଂ ଥାଏ ବିଦାୟହୀନ ସଂପର୍କ । ବାକ୍ୟଗଠନ ନକରି ଦୁଇଟି ଶବ୍ଦରେ ବି ନୂଆନୂଆ ଚେତନା ଉପହାର ଦେଉଥିବା କବି ଶେଷରେ ଉଚ୍ଚାରଣ କଲେ - କବିତା ଅଗଦ୍ୟ !! ସତକଥା ହେ କବିର କବି। ଆପଣ ପ୍ରଣମ୍ୟ।

**ସମୀକ୍ଷା : ମୋନାଲିସା ଜେନା**

# ପୁସ୍ତକ ସମୀକ୍ଷା

## ପଞ୍ଚସତୀ ଓ ଅନ୍ୟମାନେ

### ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ





Bijaya Laxmi Pattanaik. ପଞ୍ଚସତୀ ଓ ଅନ୍ୟମାନେ 'Panchasati o anyamane'. Self-Publication. Available at: amrutam101@gmail.com

**About:** The book is about eleven women from Epic Ramayana and Mahabharata who sacrificed their lives for a greater cause. Godess Sita and Savitri are not with them. The preface is written by the eminent poet and Kendra Sahitya Academy award winner Dr Hrusikesh Mallick.

# ପୁସ୍ତକ ସମୀକ୍ଷା

## ଖାସ୍ ତୁମ ପାଇଁ

ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ





Bijaya Laxmi Pattanaik. ଖାସ୍ ତୁମ ପାଇଁ ('Khas Tuma Pain'). Ratnachira Publications, Odisha, 2002, ISBN 978-81-956361-5-0. Available at: Amazon

**About:** This book is a love poem about Krishna and Radha the great Hero and Heroine of Srimad Bhagbat Mahapuran after the separation of Krishna from Radha with a humanitarian approach.

# ପୁସ୍ତକ ସମୀକ୍ଷା

## ଊଁ

ଅଜୟ ମହାଲା





Ajaya Mahala. ଊଁ. Off Center Publishing, Pune, Bhubaneswar, 2021, Available at: Amazon

About: ଊଁ (Um) is a poetry collection in Odia in which the poet Ajaya Mahala explores different nuances of womanhood as he poetically elaborates upon fifty-two unique expressions of a woman. The uttered words unfold myriads of emotions imbued with love, passion, pity, hate, hope, despair and resentment that intrigue a woman in the journey of her life. The cover and lay out has been designed by the author himself.

# ପୁସ୍ତକ ସମୀକ୍ଷା

## ମାୟ ଫେଭ୍

**ଅଜୟ ମହାଲା**




Ajaya Mahala. ମାୟ ଫେଭ୍ (My Fav). Odia Novel. Off Center Publishing, Pune, Bhubaneswar, 2021. Available at: [Amazon]


About: This is a novel in Odia language on the theme of romance between a reputed writer and a girl living in Thuamul Rampur, a remote tribal location amidst dense forests and hills. This is the story of a girl who finds herself transformed from an ordinary reader into the central female character in the novel. The novel also throws light upon the natural beauty of Kalahandi, dubiously known as the starvation capital of India, its culture and socio-economic life. The novel has elements of suspense at every turn of events that keeps the readers glued to the book till the end. Many readers claim to have read the novel multiple times when it appeared in a web portal.

# Book review

## ଅଲିଭା ଚିତା

## Basanta Kumari Patnaik

*Translated by Ajaya Mahala*




Basanta Kumari Patnaik. *Alibha Chitaa*. Translated by Ajaya Mahala The Undying Flame. Dhauli Books, Bhubaneswar, 2019. Available at: **Amzon.**


About: The Undying Flame is an epistolary novel chronicling the love, longing, hope, aspirations and frustration of a young lady in sixty-six letters written over a period of 259 days, beginning from 10/03/1949 to 23/11/1949. The name of the lady is Lora who hails from the panoramic countryside of England. The letters embodying the novel can be seen as footprints in the small but tumultuous stretch in the journey of her life, in which she is seen having left her beloved country, kith and kin for sake of love.

**About the original author: Basanta Kumari Patnaik** (1923-2013, b Cuttack) MA in Economics from Ravenshaw College. She set up a publishing firm called Shanti Nibas Bani Mandira along with her brother which functioned from 1959 to 1962. Basanta Kumari's notable short story collections include *Sabhyata ra Saja* (The Façade of Civilisation), *Palata Dheu* (The Ebb Tide), Jibana Chinha (Traces of Life). The three novels which established her reputation as a major writer of fiction are *Amada Bata* (The Untrodden Path), *Chorabali* (Quick Sands), and *Alibha Chitaa* (The Undying Flame), the only epistolary novel in Odia. Basanta Kumari has two poetry collections, *Chitanala* (The Flames of a Funeral Pyre), and *Taranga* (Waves); two plays: *Juara Bhatta* (High Tide and Ebb Tide), and Mruga Trushna (The Mirage). Basanta Kumari is the first Odia woman writer to receive the 'Atibadi Puraskara' the highest literary award of the state.

**About the Translator:** Ajaya Mahala, Additional Commissioner of Income Tax at Jaipur. He writes poem, haiku, and short story both in Odia and English. He has authored, Ghunchu Na Thiba Jahna (The Unmoving Moon), the first ever haiku collection in Odia. He authored Adha Tiari Ghara (The Half-built House), a poetry collection in Odia; and The Undying Flame, a translation of the novel by Basanta Kumari Patnaik.

## ପୁସ୍ତକ ସମୀକ୍ଷା

### ସ୍ମୃତି ବିଚିତ୍ରା
**ହରିଶ୍ ଚନ୍ଦ୍ର କର**




**ହରିଶ୍ ଚନ୍ଦ୍ର କର, ସ୍ମୃତି ବିଚିତ୍ରା – ଏକ ସଙ୍କଳନ । ୨୦୧୫, ଭୁବନେଶ୍ବର ।**

ସାହିତ୍ୟ ମଣିଷକୁ ଆନନ୍ଦ ଦିଏ, ପରିମାର୍ଜିତ କରେ, ଭଲ ମଣିଷ ହେବାକୁ ପ୍ରେରଣା ଦିଏ, ସମାଜରେ କୌତୁହଳୀ ହେବା ସଂଗେ ସଂଗେ ସାମାଜିକ ସଂସ୍କାରର ଦିଗ୍‌ଦର୍ଶନ ଦିଏ ଓ ମନକୁ ଏକ ଅତୀନ୍ଦ୍ରିୟ ସ୍ତରକୁ ନେଇଯାଏ । ଏଭଳି ବାର୍ତ୍ତା-ସଂଶ୍ଳିଷ୍ଟ ବହୁ କବିତା, ଶ୍ଳୋକ ଓ ପ୍ରବନ୍ଧରେ ଦେଖିବାକୁ ମିଳେ । ବହୁ ଲବ୍ଧପ୍ରତିଷ୍ଠ କବିମାନଙ୍କର ଉଦ୍ଧୃତ ଗୀତିକବିତାର ଅଂଶ, ଅନୁବାଦର ମାଧୂର୍ଯ୍ୟ, ବାତ୍ସଲ୍ୟ କରୁଣ ଆଦି ରସାପ୍ଲୁତ ଶିଶୁ ସାହିତ୍ୟର ପଦଗୁଡ଼ିକ ମନଛୁଆଁ ଓ ପୂର୍ବ ସ୍ମୃତିକୁ ସିଂହାବଲୋକନ କରେ । ସଂକଳକଙ୍କ ନିଜ ଲେଖାଗୁଡ଼ିକ ସାମ୍ପ୍ରତିକ ଭ୍ରାନ୍ତ ବିଶ୍ବାସକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ବାର୍ଦ୍ଧକ୍ୟରେ ବାପା ମା' ଗୁରୁଜନଙ୍କ ପ୍ରତି ସେବାଯତ୍ନର ପ୍ରେରଣା ଦିଏ ଏବଂ ତାଙ୍କର ପ୍ରଗତିଶୀଳ ଚିନ୍ତାର ପରିଚୟ ଦିଏ ।

ଓଡ଼ିଆ ଭାଷା ସାହିତ୍ୟର ସମାଦର ଯୁବପିଢ଼ି ଓ ପିଲାମାନଙ୍କ ମଧ୍ୟରେ ସଂକୁଚିତ ହେଉଥିବା ବେଳେ ହରିଶ ଚନ୍ଦ୍ର କରଙ୍କର ସଂକଳନଟି ପାଠକପାଠିକାମାନଙ୍କୁ ଓଡ଼ିଆ ସାହିତ୍ୟର ଅପସୃୟମାନ ବିଭବ ଓ ସ୍ମୃତିର ଆନନ୍ଦକୁ ପୁନର୍ଜୀବିତ କରିବା ସହିତ ସାମାଜିକ ଶିକ୍ଷା ଦିଗରେ ସାହାଯ୍ୟ କରିବ ବୋଲି ନିଃସନ୍ଦେହରେ କୁହାଯାଇପାରେ । - **ଡକ୍ଟର ଧରଣୀଧର ନାୟକ**

## Information about the journal

**ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ** [The Srujan: The Creativity Journal (SCJ)] is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal.

It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted.

Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: **April, August and December**. The frequency may increase. There is provision of special issues occasionally.

## Instruction to authors

### Type of articles

**Poems:** Upto 3 short poems can be submitted. Shorter poems with less than 20 lines are better.

**Short stories:** Only one short story at a time. Preferrably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / Dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

## Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not

be processed further. Please check for spelling mistakes, typographical issues before submission. Editors' decisions are final.

### Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content.

Save the file in **your name and the type of article** (e.g. Ramnath Lenka - Poem)

### Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*
5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

## Srujan Book Review

Srujan publishes Book Reviews in its issues to popularise books related to Odisha and Odia. Interested authors and publishers may send two copies of the book for review. ***Address to post the books***:

**Srujan, 130, Ratnakar Bag, Bhubaneswar, 751018, India**.

After posting the book, please submit following information by email to srujan.journal@gmail.com

- Title of the book:
- Author full name:
- Publisher:
- Publication place:
- Publication year:
- Book availability: Publisher address / Any link to order the book:
- Any specific points about the book that should be considered for inclusion in review.
- Cover page photo of the book in JPEG

---

## Srujan Literary Magazine Review

Srujan publishes Magazine Reviews in its issues to popularise books related to Odisha and Odia. Interested Editors and publishers may send two copies of the magazine for review. ***Address to posting the magazines***:

**Srujan, 130, Ratnakar Bag, Bhubaneswar, 751018, India**.

After posting the magazine, please submit following information by email to srujan.journal@gmail.com

- Title of the magazine:
- Full name of Editors:
- Publisher:
- Publication place:
- Publication frequency:
- Publisher address / Any link to order the magazine:
- Any specific points about the magazine that should be considered for inclusion in review.
- Article submission email or address:
- Cover page photo of the Magazine in JPEG

---

The Institute of Insight

**The Institute of Insight, UK**
**[A non-profit organisation]**

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.